୬ ଚାଇନାକୁ ହରାଇ ୫ମ ଥର ପାଇଁ ଚାମ୍ପିୟନ୍ସ ଟ୍ରଫି ଜିତିଲା ଭାରତ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

The Sambad Kalika

TM

e-paper www.sambadkalika.in

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages,₹ 2.00

● ବର୍ଷ–୩୧ ● ସଂଖ୍ୟା–୨୩୨ ● ୧୮ ସେପ୍ଟେମ୍ବର ୨୦୨୪, ବୁଧବାର ● ଭୁବନେଶ୍ୱର ● Vol -31 ● Issue-232 ● 18th September 2024, Wednesday ● Bhubaneswar | Licensed to post without pre-payment of postage No- BN-60/22-24

## ଜନ୍ମ ଦିନରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ

# ମହିଳାଙ୍କ ଶକ୍ତି ଓ ସାମର୍ଥ୍ୟ ଓଡ଼ିଶା ବିକାଶର ମୂଳମନ୍ତ୍ର ହେବ

**ଭୁବନେଶ୍ୱର, ୧୭।୯**

**ନ୍ୟୁଜ୍ ବ୍ୟୁରୋ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ବହୁ ଆକାଂକ୍ଷିତ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିଛନ୍ତି । ଜନ୍ମଦିନ ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଭୁବନେଶ୍ୱରରେ ପହଞ୍ଚି ଜନତା ମଇଦାନରେ ଏହି ଯୋଜନାର ଶୁଭାରମ୍ଭ କରି କହିଛନ୍ତି ଯେ, ଆଗାମୀ ଦିନରେ ଓଡ଼ିଶାର ମହିଳାମାନଙ୍କ ଶକ୍ତି ଓ ସାମର୍ଥ୍ୟ ରାଜ୍ୟର ବିକାଶର ମୂଳମନ୍ତ୍ର ହେବ।

ସୁଭଦ୍ରା ଯୋଜନାର ଶୁଭାରମ୍ଭ ଅବସରରେ ସବୁଠି ଖୁସି ଓ ଆନନ୍ଦର ପରିବେଶ ଦେଖିବାକୁ ମିଳିଥିଲା। ଭୁବନେଶ୍ୱରରେ ଲକ୍ଷାଧିକ ମହିଳା ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ମା'ମାନଙ୍କ ମୁହଁରେ ଖୁସିର ଲହରୀ ଦେଖିବାକୁ ମିଳିଥିଲା। ସୂଚନାଯୋଗ୍ୟ ଯେ, ଏହି ଯୋଜନା ରାଜ୍ୟର ସବୁଠାରୁ ବଡ଼, ବ୍ୟକ୍ତିଗତ ମହିଳାକୈନ୍ଦ୍ରିକ ଯୋଜନା । ଏଥିରେ ୫ ହଜାର ଟଙ୍କା ଲେଖାଏଁ ଦୁଇଟି କିସ୍ତିରେ ପ୍ରତି ବର୍ଷ ୧୦ ହଜାର ଟଙ୍କା ଦିଆଯିବ। ୫ ବର୍ଷରେ ମିଳିବ ୫୦ ହଜାର ଟଙ୍କା । ଗୋଟିଏ କିସ୍ତି ଆନ୍ତର୍ଜାତିକ ମହିଳା ଦିବସ ମାର୍ଚ୍ଚ ୮ ତାରିଖ ଏବଂ ଦ୍ୱିତୀୟ କିସ୍ତି ରାକ୍ଷୀ ପୂର୍ଣ୍ଣିମା ଦିନ ଦିଆଯିବ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ସୁଇଚ ଟିପି ରାଜ୍ୟର ୨୫ଲକ୍ଷ ୧୧ ଜଣ ମହିଳାଙ୍କ ଖାତାକୁ ପ୍ରଥମ କିସ୍ତି ସୁଭଦ୍ରା ସହାୟତା ରାଶି ପ୍ରଦାନ କରିଥିଲେ।

ଜୟ ଜଗନ୍ନାଥ ଧ୍ୱନିରେ ନିଜର ଅଭିଭାଷଣ ଆରମ୍ଭ କରି ପ୍ରଧାନମନ୍ତ୍ରୀ ମା ସୁଭଦ୍ରାଙ୍କ ନିକଟରେ ପ୍ରାର୍ଥନା କରି କହିଥିଲେ ଯେ ଏହି ଯୋଜନା ମା ଓ ଭଉଣୀମାନଙ୍କୁ ସଶକ୍ତ କରୁ। ସେ କହିଥିଲେ ଯେ ଓଡ଼ିଶାର ବିକାଶରେ ନାରୀ ଶକ୍ତିର ସମାନ ଭାଗିଦାରୀ ରହିବ। ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଡବଲ ଇଞ୍ଜିନ ସରକାର ଓଡିଶାକୁ ବିକାଶର ନୂଆ ଶିଖରରେ ପହଞ୍ଚାଇବ।

ନିର୍ବାଚନ ସମୟରେ ଆମେ କହିଥିଲୁ ଓଡ଼ିଶାରେ ଆମ ସରକାର ଗଠନ ହେଲେ ଶ୍ରୀ ମନ୍ଦିର ଚାରିଦ୍ୱାର ଖୋଲିବୁ , ରତ୍ନ ଭଣ୍ଡାର ମଧ୍ୟ ଖୋଲିବୁ । ଆମେ ଆମ ପ୍ରତିଶ୍ରୁତି ପାଳନ କଲୁ । ଓଡିଶାର ନୂଆ ସରକାର ସାଧାରଣ ଲୋକମାନଙ୍କୁ ଭେଟି ସେମାନଙ୍କ ସମସ୍ୟାର ସମାଧାନ ପାଇଁ ପ୍ରଚେଷ୍ଟା କରୁଥିବାରୁ ସେ ମୁଖ୍ୟମନ୍ତ୍ରୀ ଓ ଦୁଇ ଉପ-ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ମଣ୍ଡଳର ସଦସ୍ୟ ଏବଂ ପୂରା ଓଡିଶା ସରକାରଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ।




ଏହି ଅବସରରେ ପ୍ରଧାନମନ୍ତ୍ରୀ ୧୦୦ ଦିନ ମଧ୍ୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ସେ କହିଥିଲେ ଯେ ପ୍ରାଇଭେଟ କମ୍ପାନୀରେ ନୂଆ ଚାକିରୀ କରୁଥିବା ଯୁବକ ଯୁବତୀମାନଙ୍କୁ ପ୍ରଥମ ଦରମା ସରକାର ଦେବେ। ଖରିଫ ଫସଲ ପାଇଁ ଏମ୍‌ଏସ୍‌ପି ବୃଦ୍ଧି କରାଯାଇଛି ଏବଂ ୧୦୦ ଦିନ ଭିତରେ ଓଡିଶା ସମେତ ଦେଶରେ ୧୧ଲକ୍ଷ ନୂଆ ଲକ୍ଷପତି ଦିଦି ସୃଷ୍ଟି ହୋଇପାରିଛନ୍ତି ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ଅନେକ ଜନକଲ୍ୟାଣ ଯୋଜନାର ଶୁଭାରମ୍ଭ ମଧ୍ୟ କରିଥିଲେ। ଓଡିଶାରେ ୨,୮୦୦ କୋଟି ଟଙ୍କାର ରେଳ ପ୍ରକଳ୍ପର ଶୁଭାରମ୍ଭ କରିଥିଲେ। ୪ଟି ପ୍ରକଳ୍ପ ପାଇଁ ଭିତ୍ତି ରଖିଥିବା ବେଳେ ଆଉ ୪ଟି ପ୍ରକଳ୍ପର ଉଦ୍‌ଘାଟନ ମଧ୍ୟ କରିଥିଲେ।

- ସବୁଠି ଖୁସି ଓ ଆନନ୍ଦର ପରିବେଶ
- ମା'ମାନଙ୍କ ମୁହଁରେ ଖୁସିର ଲହରୀ
- ସବୁଠାରୁ ବଡ଼, ବ୍ୟକ୍ତିଗତ ମହିଳା କୈନ୍ଦ୍ରିକ ଯୋଜନା

ଉଦ୍‌ଘାଟିତ ହୋଇଥିବା ପ୍ରକଳ୍ପ ମଧ୍ୟରେ ଲାଞ୍ଜିଗଡ ରୋଡ୍- ଅମ୍ବାଦୋଳା- ଡହିକାଲୁ ତୃତୀୟ ଲାଇନ୍, ଲକ୍ଷ୍ମୀପୁର ରୋଡ୍- ସିଙ୍ଗାରାମ- ଟିକିରି ଦୋହରୀକରଣ, ବାଙ୍ଗୁରକେଲା-ନୂଆଗାଁ ଦୋହରୀକରଣ ଏବଂ ଢେଙ୍କାନାଳ- ସଦାଶିବପୁର- ହିନ୍ଦୋଳ ରୋଡର ତୃତୀୟ ଓ ଚତୁର୍ଥ ଲାଇନ୍ ସେହିପରି ପାରାଦୀପ- ବଡବନ୍ଧ ତୃତୀୟ ଓ ଚତୁର୍ଥ ଲାଇନ୍, ଭିତର କରିଡର ପ୍ରଥମ ପର୍ଯ୍ୟାୟର ଦୋହରୀକରଣ, ଜୟପୁର- ନବରଙ୍ଗପୁର ନୂତନ ଲାଇନ ଓ ସିଜୁ ଏବଂ ପାରଦୀପ କୋଚିଙ୍ଗ ୟାର୍ଡ ମଧ୍ୟରେ ଫ୍ଲାଇ ଓଭର ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ଏହି ସବୁ ପ୍ରକଳ୍ପ ଗୁଡିକ ଦ୍ୱାରା ଆଞ୍ଚଳିକ ଅର୍ଥନୀତିରେ ଉନ୍ନତି ଆସିବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ୧,୦୦୦ କୋଟି ଟଙ୍କାର ଜାତୀୟ ରାଜପଥ ପ୍ରକଳ୍ପର ଶୁଭାରମ୍ଭ ମଧ୍ୟ କରିଥିଲେ।

ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଆଜି ଦେଶର ୩୦ ଲକ୍ଷ ହିତାଧିକାରୀଙ୍କୁ ପକ୍କା ଘର ଦିଆଗଲା। ଏଥିରୁ ୨୬ ଲକ୍ଷ ଘର ଗାଁରେ ରହୁଥିବା ଲୋକଙ୍କୁ ମିଳିଥିବା ବେଳେ ୪ ଲକ୍ଷ ଘର ସହରରେ ରହୁଥିବା ଲୋକଙ୍କୁ ମିଳିଛି । ଏହା ସହିତ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ)ରେ ୧୦ ଲକ୍ଷ ହିତାଧିକାରୀଙ୍କୁ ପକ୍କା ଘର ପାଇଁ ପ୍ରଥମ କିସ୍ତି ପ୍ରଦାନ କରାଯାଇଥିଲା। (ପୃଷ୍ଠା ୭ରେ)

## ପୂରଣ ହେଲା ଡାକ୍ତରଙ୍କ ଦାବି : ମନୋଜ ବର୍ମା ହେଲେ କୋଲକାତା ପୁଲିସ କମିଶନର



**କୋଲକାତା, ୧୭।୯**

ଅଫିସର ମନୋଜ କୁମାର ବର୍ମା ହୋଇଛନ୍ତି କୋଲକାତାର ନୂଆ ପୁଲିସ କମିଶନର। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହି ପଦରୁ ବିନୀତ ଗୋଏଲଙ୍କୁ ହଟାଇବା ପରେ ମନୋଜ କୁମାର ବର୍ମାଙ୍କୁ ପୁଲିସ କମିଶନର ପଦରେ ନିଯୁକ୍ତି ଦେଇଛନ୍ତି।

୧୯୯୮ ବ୍ୟାଚର ଆଇପିଏସ୍ ଅଫିସର ମନୋଜ ବର୍ମାଙ୍କୁ ପଶ୍ଚିମବଙ୍ଗ ପୁଲିସରେ ଅତିରିକ୍ତ ମହାନିର୍ଦ୍ଦେଶକ ଭାବରେ ପୋଷ୍ଟିଂ କରାଯାଇଥିଲା । ସେ ଏହା ପୂର୍ବରୁ ବାରାକପୋରର ପୁଲିସ କମିଶନର ତଥା ସୁରକ୍ଷା ନିର୍ଦ୍ଦେଶାଳୟରେ ଅତିରିକ୍ତ ନିର୍ଦ୍ଦେଶକ ଭାବରେ କାର୍ଯ୍ୟ କରିଥିଲେ। ବର୍ତ୍ତମାନ ସେ କୋଲକାତାର ପୁଲିସ କମିଶନର ଭାବେ ନିଯୁକ୍ତ ହୋଇଛନ୍ତି।

ଆରଜି କର ମେଡିକାଲ କଲେଜ ଓ ହସ୍ପିଟାଲ (ପୃଷ୍ଠା ୭ରେ)

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

## ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଲେ ଅରବିନ୍ଦ କେଜ୍ରିୱାଲ

**ନୂଆଦିଲ୍ଲୀ, ୧୭।୯**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଦିନରେ ଦିଲ୍ଲୀର ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି ଆପ ସୁପ୍ରିମୋ ଅରବିନ୍ଦ କେଜ୍ରିୱାଲ ମଙ୍ଗଳବାର ଅପରାହ୍ନରେ ସେ ଉପ ରାଜ୍ୟପାଳ ଭିକେ ସକ୍ସେନାଙ୍କୁ ଭେଟି ନିଜର ଇସ୍ତଫାପତ୍ର ପ୍ରଦାନ କରିଛନ୍ତି । ଏହି ସମୟରେ ଆତିଶୀ, ସୌରଭ ଭରଦ୍ୱାଜ ଓ ଗୋପାଳ ରାୟ ପ୍ରମୁଖ ଉପସ୍ଥିତ ରହିଥିଲେ।

କେଜ୍ରିୱାଲ ଇସ୍ତଫା ଦେଇଥିବାରୁ ଏବେ ଆପର ଅନ୍ୟତମ ବରିଷ୍ଠ ନେତା ଆତିଶୀ ମାର୍ଲେନା ଦିଲ୍ଲୀର ମୁଖ୍ୟମନ୍ତ୍ରୀ ହେବେ। ସେ ମଧ୍ୟ ଉପ ରାଜ୍ୟପାଳଙ୍କୁ ଭେଟି ସରକାର ଗଠନ ପାଇଁ ଦାବି ଜଣାଇଛନ୍ତି।



କେଜ୍ରିୱାଲ ଇସ୍ତଫା ଦେଇଥିବାରୁ ଖୁବଶୀଘ୍ର ସେ ରହୁଥିବା ସିଭିଲ ଲାଇନ୍ସ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବଙ୍ଗଳା ମଧ୍ୟ ଖାଲି କରିବେ। ଏହି ବଙ୍ଗଳାରେ କେଜ୍ରିୱାଲ ତାଙ୍କ ପତ୍ନୀ ସୁନୀତା, ନିଜର ପିଲା ଓ ବାପା-ମା'ଙ୍କ ସହ ରହୁଛନ୍ତି । ବଙ୍ଗଳା ଛାଡ଼ିବା ପାଇଁ ମଧ୍ୟ ସେ ପ୍ରକ୍ରିୟା ଆରମ୍ଭ (ପୃଷ୍ଠା ୭ରେ)

## ମୋଦି ସରକାର ୩.୦ର ଶହେ ଦିନର ହିସାବ ଦେଲେ ଅଶ୍ୱିନୀ ବୈଷ୍ଣବ

**ଭୁବନେଶ୍ୱର, ୧୭।୯**

**ନ୍ୟୁଜ୍ ବ୍ୟୁରୋ**

ଭାରତକୁ ବିକଶିତ କରିବା ଲାଗି ୧୦୦ ଦିନରେ ଅନେକ କାମ ହୋଇଛି । ମୋଦି ସରକାର ୩.୦କୁ ଶହେ ଦିନ ପୂର୍ତ୍ତି ଅବସରରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଶେଷ ବର୍ଗରେ ଥିବା ଲୋକଙ୍କ ଲାଗି ସେବା ଭାବନା ରଖି କାମ କରୁଛୁ । ୧୫ ଲକ୍ଷ କୋଟି ଟଙ୍କାର କାମ ଆରମ୍ଭ କରାଯାଇଛି । ୩ କୋଟି ପିଏମ ୱାଇ ଆବାସ ଦିଆଯାଉଛି । ୩ କୋଟି ବୟସ୍କଙ୍କୁ ଆୟୁଷ୍ମାନ ଭାରତରେ ସାମିଲ କରିବା ପାଇଁ ନିଷ୍ପତ୍ତି ହୋଇଛି। ପୂର୍ବୋଦୟ ବିକାଶ ଯୋଜନାରେ ଓଡ଼ିଶାକୁ ପ୍ରାଥମିକତା ଦିଆଯାଉଛି ବୋଲି ସେ କହିଛନ୍ତି।



ରେଳ ବିକାଶ ନେଇ ଶ୍ରୀ ବୈଷ୍ଣବ କହିଛନ୍ତି, ରେଲୱେ (ପୃଷ୍ଠା ୭ରେ)

## ବୁଲଡୋଜର କାର୍ଯ୍ୟାନୁଷ୍ଠାନ ଉପରେ ରୋକ୍ ଲଗାଇଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୧୭।୯**

ସାରା ଦେଶରେ ଚାଲିଥିବା ବୁଲଡୋଜର କାର୍ଯ୍ୟାନୁଷ୍ଠାନକୁ ନେଇ ମଙ୍ଗଳବାର ସୁପ୍ରିମ କୋର୍ଟ ଏକ ବଡ଼ ଆଦେଶ ଦେଇଛନ୍ତି । ସର୍ବୋଚ୍ଚ ନ୍ୟାୟାଳୟ ସମଗ୍ର ଦେଶରେ ବୁଲଡୋଜର କାରବାର ଉପରେ ରୋକ ଲଗାଇଛନ୍ତି । ସର୍ବୋଚ୍ଚ ନ୍ୟାୟାଳୟଙ୍କ ବିନା ଅନୁମତିରେ କୌଣସି ଉଚ୍ଛେଦ କରାଯିବ ନାହିଁ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଯଦି କୌଣସି ମନ୍ଦିର, ମସଜିଦ, ଗୁରୁଦ୍ୱାର କିମ୍ବା କୌଣସି ଧାର୍ମିକ ସ୍ଥାନ ସରକାରୀ ସମ୍ପତ୍ତିରେ



ନିର୍ମାଣ ହୋଇଛି, ତେବେ ସେଥିରେ ଆମର କୌଣସି ଆପତ୍ତି ନାହିଁ । କିନ୍ତୁ ଉଚ୍ଛେଦ ଆଇନସମ୍ମତ ହେବା ଉଚିତ । ମାମଲାର ପରବର୍ତ୍ତୀ ଶୁଣାଣି ଅକ୍ଟୋବର ୧ରେ ହେବ। ଶୁଣାଣି ସମୟରେ (ପୃଷ୍ଠା ୭ରେ)

## ଖୁବ ଶୀଘ୍ର ରତ୍ନଭଣ୍ଡାର ରହସ୍ୟ ଉପରୁ ପରଦା ହଟିବ

**ପୁରୀ, ୧୭।୯**

**ନ୍ୟୁଜ୍ ବ୍ୟୁରୋ**

ମହାପ୍ରଭୁଙ୍କ ରତ୍ନଭଣ୍ଡାର ପୁଣି ଖୋଲିବ। ଖୁବ ଶୀଘ୍ର ରତ୍ନଭଣ୍ଡାର ରହସ୍ୟ ଉପରୁ ପରଦା ହଟିବ । ଗୁପ୍ତ କୋଠରୀ, ଗୁପ୍ତ ସୁଡ଼ଙ୍ଗ ଓ ଗୁପ୍ତଧନ ଚର୍ଚ୍ଚା ଉପରୁ ପୂର୍ଣ୍ଣଚ୍ଛେଦ ପଡ଼ିବାକୁ ଯାଉଛି । ଦୀର୍ଘ ୬ ବର୍ଷ ତଳୁ ରତ୍ନଭଣ୍ଡାର ସ୍ଥିତି ସଙ୍ଗୀନ ଥିବା ବେଳେ ବୁଧବାର ଦିନ ରତ୍ନଭଣ୍ଡାର ମରାମତି ପାଇଁ ପ୍ରକ୍ରିୟା ଆରମ୍ଭ ହେବ। ମରାମତି ପୂର୍ବରୁ ପ୍ରାରମ୍ଭିକ ପର୍ଯ୍ୟାୟରେ ଏଏସଆଇ ରତ୍ନଭଣ୍ଡାର ଯାଞ୍ଚ କରିବ। ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) ପକ୍ଷରୁ ବୁଧବାର



ଶ୍ରୀମନ୍ଦିର ରତ୍ନଭଣ୍ଡାରର ପ୍ରାରମ୍ଭିକ ନିରୀକ୍ଷଣ କରାଯିବ। ଏନେଇ ଏ.ଏସ୍.ଆଇ ପକ୍ଷରୁ ଶ୍ରୀମନ୍ଦିର ପ୍ରଶାସନଙ୍କୁ ସୂଚନା ଦିଆଯାଇଛି। ରାଜ୍ୟ ସରକାରଙ୍କ (ପୃଷ୍ଠା ୭ରେ)

## ଫୁଲୁଛି ସୁବର୍ଣ୍ଣରେଖା

### ଭାଙ୍ଗିଲା ଜାମକୁଣ୍ଡା ସ୍ଲୁଇସ ଗେଟ୍

**ବାଲେଶ୍ୱର, ୧୭।୯**

**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ଗତ କିଛି ଦିନ ହେବ ଲାଗି ରହିଥିବା ଲଗାଣ ବର୍ଷା ହେତୁ ଉତ୍ତର ଓଡ଼ିଶାର ବିଭିନ୍ନ ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ସେହିପରି ସୁବର୍ଣ୍ଣରେଖା ନଦୀର ଜଳସ୍ତର ବୃଦ୍ଧି ପାଉଛି । ଜଳେଶ୍ୱର ବ୍ଲକ ଅନ୍ତର୍ଗତ ରାଜଘାଟ ନିକଟରେ ବିପଦ ସଙ୍କେତ ୧୦.୩୬ ମିଟର ଥିବାବେଳେ ସକାଳ ୬ ଟା ସୁଦ୍ଧା ଜଳସ୍ତର ବୃଦ୍ଧି ପାଇ ୧୦.୨୦ମିଟରରେ ପ୍ରବାହିତ ହେଉଥିଲା।

ଜଳସ୍ତର ବୃଦ୍ଧି ପାଉଥିବାରୁ ସୁବର୍ଣ୍ଣରେଖା ନଦୀରେ ବନ୍ୟା ଆସିବା ଆଶଙ୍କା କରାଯାଉଛି। (ପୃଷ୍ଠା ୭ରେ)

## ଏକାଳ ପଖାଳ




ଶହେ ଦିନ କାଲି ପୁରା କରିବେ
ମୋହନଙ୍କ ସରକାର
ଦେଇଥିବା କଥା କେତେ ରଖିଛନ୍ତି
ହିସାବ ଅଛି ଦେବାର
ଯୋଜନା ଯେ କେତେ ପ୍ରକାର
ଜନସାଧାରଣ ହସ ଦେଖିଲେ
ଲାଗେ ହେଉଛି ଚମତ୍କାର।

# ଭାରତରେ ବଢୁଛି ଧନୀଙ୍କ ଧନ



**ନୂଆଦିଲ୍ଲୀ, ୧୭।୯**

ଭାରତରେ ବୃଦ୍ଧି ପାଉଛି ବାର୍ଷିକ ୧୦ କୋଟିରୁ ଅଧିକ ଆୟ କରୁଥିବା ଲୋକଙ୍କ ସଂଖ୍ୟା। ଗତ ୫ ବର୍ଷ ମଧ୍ୟରେ ଏହି ସଂଖ୍ୟା ୬୩% ବୃଦ୍ଧି ଘଟିଥିବା ସେଣ୍ଟ୍ରମ ଇନଷ୍ଟିଚ୍ୟୁସନାଲ ରିସର୍ଚ୍ଚ ରିପୋର୍ଟ କରିଛି।

**ବାର୍ଷିକ ୧୦ କୋଟିରୁ ଊର୍ଦ୍ଧ୍ୱ ଆୟକାରୀଙ୍କ ସଂଖ୍ୟା ୬୩% ବୃଦ୍ଧି**

ରିପୋର୍ଟ ଅନୁସାରେ, ଭାରତରେ ପ୍ରାୟ ୩୧ ହଜାର ୮୦୦ ଜଣ ଲୋକ ବାର୍ଷିକ ୧୦ କୋଟିରୁ ଅଧିକ ରୋଜଗାର କରନ୍ତି । ଏହି ସଂଖ୍ୟା ଗତ ପାଞ୍ଚ ବର୍ଷ ମଧ୍ୟରେ ୬୩% ବୃଦ୍ଧି ପାଇଛି । ସେହିପରି ବର୍ଷକୁ ୫ କୋଟିରୁ ଅଧିକ ରୋଜଗାର କରୁଥିବା ବ୍ୟକ୍ତିଙ୍କ ସଂଖ୍ୟା ୪୯% ବୃଦ୍ଧି ଘଟି ୫୮ ହଜାର ୨୦୦ରେ ପହଞ୍ଚି ଥିବାବେଳେ ୫୦ ଲକ୍ଷରୁ ଅଧିକ ରୋଜଗାର କରୁଥିବା ଲୋକଙ୍କ ସଂଖ୍ୟା ୨୫% ବୃଦ୍ଧି ପାଇ ୧୦ ଲକ୍ଷରେ ପହଞ୍ଚିଛି।

ରିପୋର୍ଟରେ ଆହୁରି କୁହାଯାଇଛି ଯେ, ଆର୍ଥିକ ବର୍ଷ ୨୦୧୯ରୁ ୨୦୨୪ ମଧ୍ୟରେ ବର୍ଷକୁ ୫୦ ଲକ୍ଷରୁ ଅଧିକ ରୋଜଗାର କରୁଥିବା ଲୋକଙ୍କ ମୋଟ ଆୟ ୬୪% ବୃଦ୍ଧି ହୋଇ ୪୯ (ପୃଷ୍ଠା ୭ରେ)

## ମହିଳାଙ୍କୁ ରାତି ଡ୍ୟୁଟି କରିବାକୁ ବାରଣ ନ କରି ସୁରକ୍ଷା ଦିଅ: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୧୭।୯**

ପଶ୍ଚିମବଙ୍ଗ ସରକାର ମହିଳାମାନଙ୍କ ରାତି ଡ୍ୟୁଟି ବନ୍ଦ କରିବା ନିଷ୍ପତ୍ତି ଉପରେ ପ୍ରଶ୍ନ ଉଠାଇଛନ୍ତି ସୁପ୍ରିମକୋର୍ଟ । ମହିଳାମାନଙ୍କୁ ଡ୍ୟୁଟିକୁ ଆସିବାକୁ ବାରଣ କରିବାକୁ ସରକାର କିଏ ? ସେମାନଙ୍କୁ ସୁରକ୍ଷା ଯୋଗାଇବା ରାଜ୍ୟ ସରକାରଙ୍କ କାମ ବୋଲି ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼ କହିଛନ୍ତି।

କୋଲକାତା ଆରଜି କର ମେଡିକାଲ କଲେଜ ଓ ହସ୍ପିଟାଲ ଟ୍ରେନି ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ମାମଲା ଉପରେ ମଙ୍ଗଳବାର ସିବିଆଇ ଆଉ ଏକ ତଦନ୍ତ ରିପୋର୍ଟ ଦାଖଲ କରିଥିଲା । ଏହି ରିପୋର୍ଟ ଯାଞ୍ଚ ସମୟରେ



ସୁପ୍ରିମକୋର୍ଟ ବିଭିନ୍ନ ଦିଗ ଉପରେ ବିଚାର କରିଛନ୍ତି । ଏଥିସହ ଦୁଷ୍କର୍ମ ଘଟଣା ପରେ ପଶ୍ଚିମବଙ୍ଗ ସରକାର ମହିଳାମାନଙ୍କୁ ରାତିରେ ଡ୍ୟୁଟି କରିବେ ନାହିଁ ବୋଲି କରିଥିବା ଘୋଷଣାକୁ ନେଇ ସର୍ବୋଚ୍ଚ ଅଦାଲତ ପ୍ରଶ୍ନ ଉଠାଇଛନ୍ତି । ପ୍ରଧାନ ବିଚାରପତି ଜଷ୍ଟିସ ଚନ୍ଦ୍ରଚୂଡ଼ ରାଜ୍ୟ (ପୃଷ୍ଠା ୭ରେ)

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୮ ସେପ୍ଟେମ୍ବର ୨୦୨୪ ବୁଧବାର





# ଉତ୍କଳ ବିଶ୍ୱବିଦ୍ୟାଳୟ ଅଧ୍ୟାପକଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଉତ୍କଳ ବିଶ୍ୱବିଦ୍ୟାଳୟର ଅଧ୍ୟାପକଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ। ଅର୍ଥନୀତି ବିଭାଗର ଜଣେ ଛାତ୍ରୀ ଏପରି ଅଭିଯୋଗ ଆଣିଛନ୍ତି । ଯୌନ ନିର୍ଯାତନା ସେଲ୍‌କୁ ଏନେଇ ଲିଖିତ ଅଭିଯୋଗ କରିଛନ୍ତି । ଅଗଷ୍ଟ ୧୬ତାରିଖରେ ଏଭଳି ଘଟଣା ଘଟିଥିଲା। କର୍ତ୍ତୃପକ୍ଷ କହୁଛନ୍ତି ତଦନ୍ତ ଚାଲିଛି, ଖୁବ୍ ଶୀଘ୍ର ରିପୋର୍ଟ ଦିଆଯିବ । ଅଭିଯୋଗ ଅନୁଯାୟୀ, ଛାତ୍ରୀ ଜଣଙ୍କ ଗତ ଅଗଷ୍ଟ ୧୬ତାରିଖ ଅପରାହ୍ନରେ ବିଭାଗରେ ଥିବା ଅଧ୍ୟାପକଙ୍କ ଚାମ୍ବରକୁ ଅପରାହ୍ନ ୨ଟାରେ ପାଠ୍ୟପୁସ୍ତକ ଆଣିବା ପାଇଁ ଯାଇଥିଲେ । ଅଧ୍ୟାପକ ଜଣକ ତାଙ୍କୁ ବସିବା ପାଇଁ କହିଥିଲେ । ଏହାପରେ ତାଙ୍କ ପାଖକୁ ଆସି ଅସଦାଚରଣ କରିଥିଲେ । ଏଥିସହ କହିଥିଲେ ତୁମେ ଯଦି ମୋତେ ପସନ୍ଦ କରୁଛ ତେବେ ମୋ ପାଖକୁ ଆସ । ମୁଁ ତୁମର ପାଠପଢ଼ାରେ ସବୁ ପ୍ରକାରର ସାହାଯ୍ୟ କରିବି । ଯଦି ପସନ୍ଦ କରୁନ ତେବେ ଏ ବିଷୟରେ କାହାକୁ ଜଣାଇବ ନାହିଁ ବୋଲି ଅଧ୍ୟାପକ କହିଥିବା ନେଇ ଛାତ୍ରୀ ଅଭିଯୋଗ ପତ୍ରରେ ଜଣାଇଛନ୍ତି । ଏହି ଘଟଣା ପରେ ସେ ମାନସିକ ଭାବେ ଭାଙ୍ଗି ପଡ଼ିଛନ୍ତି । ମା' ମୋର ବ୍ରେନ୍ ଟ୍ୟୁମରରେ ପୀଡ଼ିତ ଥିବା ବେଳେ ଏବେ ସୁସ୍ଥ ହେଉଛନ୍ତି । ତେଣୁ ଏ ଘଟଣା ବାବଦରେ ଜଣାଇବା ସମ୍ଭବ ନୁହେଁ । ତେଣୁ ସେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ତାଙ୍କର ଶାରୀରିକ ସୁରକ୍ଷା ଏବଂ ପାଠ୍ୟକ୍ରମଜନିତ ସୁରକ୍ଷା ଯୋଗାଇ ଦେବା ପାଇଁ ଅନୁରୋଧ କରିଛନ୍ତି । ଏଥିସହ ଉଚିତ ନ୍ୟାୟ ପ୍ରଦାନ କରିବାକୁ ନିବେଦନ କରିଛନ୍ତି । ଅନ୍ୟପକ୍ଷରେ ସେଲ୍ ପକ୍ଷରୁ କୁହାଯାଇଛି, ଅଭିଯୋଗର ତଦନ୍ତ ଆରମ୍ଭ ହୋଇଛି । ମଙ୍ଗଳବାର ଏ ସଂପର୍କରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ରିପୋର୍ଟ ପ୍ରଦାନ କରାଯିବ । ଏନେଇ କର୍ତ୍ତୃପକ୍ଷଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ କୌଣସି ଉତ୍ତର ମିଳିନାହିଁ ।

# ପାର୍ବଣ ଋତୁରେ ଦରଦାମ ଚିନ୍ତା : ରସୁଣ ୪୦୦, ଅଦା ୨୦୦ ଟଙ୍କା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ହାଣ୍ଡିଶାଳର ଦରକାରୀ ପଦାର୍ଥଟିଏ ରସୁଣ । ତରକାରୀ ପାଇଁ ହେଉ କି କଞ୍ଚା ଖାଇବା ଏବଂ ଓଷଧ ପାଇଁ ହେଉ ଖୋଜାପଡ଼େ ରସୁଣ । ମାତ୍ର ଏହି ରସୁଣ କିଲୋ ୪ଶହ ଛୁଇଁଲାଣି । ଖୁଚୁରା ବଜାରରେ ଅଢ଼େଇ ଶହ ଗ୍ରାମକୁ ପଡୁଛି ୧୦୦ ଟଙ୍କା । ତେଣୁ ଗ୍ରାହକ ବାଧ ହୋଇ ଶହେ, ଦେଢ଼ଶହ ଗ୍ରାମ କିଣି ଚଳାଇ ଦେଉଛନ୍ତି । କେବଳ ଭୁବନେଶ୍ୱର ନୁହେଁ, ସାରା ରାଜ୍ୟରେ ଏବେ ରସୁଣକୁ ନେଇ କଷଣ ବଢ଼ିଚାଲିଛି । ଅପରପକ୍ଷେ, ପିଆଜ ଓ ଅଦା ଦର ମଧ୍ୟ ଉଚ୍ଚା ରହିଛି। ଗତ ମାସେ ହେବ ପିଆଜ କିଲୋ ୫୫ରୁ ୬୦ ଓ ଅଦା କିଲୋ ୨୦୦ ଟଙ୍କା ରହିଛି । ସେହିପରି ପରିବା ଦର କଥା ନକହିବା ଭଲ । ପ୍ରାୟ ସବୁ ପରିବା କିଲୋ ୫୦ରୁ ୬୦ । ଆଳୁ କିଲୋ କେତେବେଳେ ୩୦ ତ ଆଉ କେତେବେଳେ ୩୫ଟଙ୍କା ହେଉଛି । ପାର୍ବଣ ଋତୁ ଆରମ୍ଭ ହୋଇଗଲା । ଚାରିଆଡ଼େ ପୂଜାର୍ଚ୍ଚନା ସହିତ ଭୋଜିଭାତ ଆସର ଜମେ । ହେଲେ ଦରଦାମ୍‌ର ଏଭଳି ସ୍ଥିତିରେ ଭୋଜି କଥା ଚିନ୍ତା କଲାବେଳକୁ ଡର ମାଡୁଛି। ବିଶେଷକରି, ଆଳୁ ସହ ପିଆଜ, ରସୁଣ ଓ ଅଦା ଗ୍ରାହକଙ୍କୁ ଅଧିକ କଷ୍ଟ ଦେଉଛି । ପିଆଜ କଥା ଯଦି ଦେଖିବା, ଆମ ରାଜ୍ୟରେ ଦୈନିକ ୧୫ଶହରୁ ୧୬ଶହ ଟନ୍ ପିଆଜ ଆବଶ୍ୟକ ପଡ଼େ। କେବଳ ଭୁବନେଶ୍ୱରରେ ୩ଶହ ଟନ୍ ପିଆଜ ଦରକାର । ବର୍ଷା ଋତୁ ବେଳେ ନାସିକ୍ ଓ ଆନ୍ଧ୍ରପ୍ରଦେଶର କାଡ଼ାପଲ୍ଲିଗୁଡେମ୍‌ରୁ ନୂଆ ବଡ଼ ପିଆଜ ଉତ୍ପାଦନ ହୋଇଥାଏ। ତେଣୁ ନାସିକ ସହ ଆନ୍ଧ୍ରପ୍ରଦେଶରୁ ଆସୁଥିବା ପିଆଜ ଆମର ଚାହିଦା ମେଣ୍ଟାଇଥାଏ । ଏବେ ଆନ୍ଧ୍ରରେ ପ୍ରବଳ ବର୍ଷା ଯୋଗୁ ପିଆଜ ଅମଳ ବାଧାପ୍ରାପ୍ତ ହୋଇଛି । ତେଣୁ ପିଆଜ ଆସୁନଥିବାରୁ ଆମର ଏଠି ପିଆଜ ନିଅଣ୍ଟ ପଡୁଛି । ସେହିପରି ନାସିକ୍‌ରେ ପିଆଜର କୁଇଣ୍ଟାଲ ଦର ୪୩ ଶହରୁ ୪୪ଶହ ଟଙ୍କା ରହିଛି । ପରିବହନ ବାବଦରେ ୫ଶହ ଖର୍ଚ୍ଚ ହେବା ବେଳକୁ ଓଡ଼ିଶାରେ ପହଞ୍ଚିବା କ୍ଷଣି ୫୦ରେ ପିଆଜ ବିକ୍ରି କରିବାକୁ ବେପାରୀ ବାଧ ହେଉଛନ୍ତି । ରାଜ୍ୟରେ ବାର୍ଷିକ ୫୦ ହଜାର ଟନ୍ ଅଦା ଓ ୪୦ହଜାର ଟନ୍ ରସୁଣ ଆବଶ୍ୟକ । ଓଡ଼ିଶାରେ ରସୁଣ ଉତ୍ପାଦନ ହେଉନଥିବାରୁ କାନପୁର ଓ ଗୁଜରାଟରୁ ରସୁଣ ଆସୁଥିବା ବେଳେ କୋରାପୁଟ, ବାଙ୍ଗାଲୋର ଓ ସିମିଳିଗୁଡ଼ାରୁ ଅଦା ଆସେ । ତେବେ ବର୍ଷା ଦିନେ ଅଦା, ରସୁଣ ଦର ସାଧାରଣତଃ ଅଧିକ ରହେ ବୋଲି ବ୍ୟବସାୟୀମାନେ କହୁଛନ୍ତି । ରାଜଧାନୀ ବ୍ୟତୀତ କଟକରେ ରସୁଣ ଦର ମଧ୍ୟ ୩୬୦ରୁ ୩୮୦ ଟଙ୍କା ରହିଥିଲା । ବଲାଙ୍ଗିରରେ ଅଦା ଦର ୧୬୦, ରସୁଣ ଦର ୩୨୦ ଓ ପିଆଜ ଦର ୬୦ ଟଙ୍କା ଥିବା ବେଳେ ସମ୍ବଲପୁରରେ ରସୁଣ ୩୬୦, ଅଦା ୨୬୦ ଟଙ୍କା ଥିଲା । ରାଉରକେଲାରେ ରସୁଣ ୩୦୦ ଓ ଅଦା ୧୭୦ ସହ ନବରଙ୍ଗପୁରରେ ଅଦା କିଲୋ ୧୬୦, ରସୁଣ ୨୮୦ରୁ ୩୦୦ ଓ ପିଆଜ କିଲୋ ୫୫ଟଙ୍କା ଥିଲା । ଏନେଇ କଟକ ଛତ୍ରବଜାରର ବରିଷ୍ଠ ବ୍ୟବସାୟୀ ଦେବରାଜ ସାହୁ କହିଛନ୍ତି, ରସୁଣର ପାଇକାରୀ ଦର କଟକରେ ୩ ଶହ ଟଙ୍କା ରହିଛି । ପୂର୍ବରୁ ଆମେ ଗୁଜରାଟରୁ ରସୁଣ ଆଣୁଥିଲୁ । ହେଲେ ବର୍ଷା ଯୋଗୁ ଏବେ ମଧ୍ୟପ୍ରଦେଶ ଉପରେ ନିର୍ଭର କରିବାକୁ ପଡୁଛି । ସେଠାରେ ଦର ଅଧିକ ଥିବାରୁ ପ୍ରଭାବ ସିଧାସଳଖ ଓଡ଼ିଶା ଉପରେ ପଡୁଛି । ଜାନୁଆରୀ ବେଳକୁ ନୂଆ ରସୁଣ ଆସିଲେ ଦର କମିଯିବ । ରାଜ୍ୟ ବ୍ୟବସାୟୀ ମହାସଂଘ ସଚିବ ସୁଧାକର ପଣ୍ଡା କହିଛନ୍ତି, ଦର ବୃଦ୍ଧି ପାଇଁ ଅନେକ କର୍ପୋରେଟ୍ ହାଉସ ଦାୟୀ । ଯେଉଁ ଖାଦ୍ୟ ସାମଗ୍ରୀର ଅଭାବ ପଡୁଛି ସେସବୁର ମନଇଚ୍ଛା ହୋର୍ଡିଂ କରି ସେମାନେ ଦର ବଢ଼ାଉଛନ୍ତି । ସରକାର ଏଦିଗରେ ଦୃଷ୍ଟି ଦେବାକୁ ସେ ଦାବି କରିଛନ୍ତି ।

## ଟେଣ୍ଟ, ଲାଇଟ୍ ଆଣ୍ଡ ସାଉଣ୍ଡ ମାଲିକ ସଂଘର ଶପଥ

# ସ୍ମୁଥ୍ ସାଉଣ୍ଡରେ ହେବ ରୋସଣୀ, ଚାଲିବ ମନୋରଞ୍ଜନ

**ପାରାଦୀପ, ନ୍ୟୁଜ ବ୍ୟୁରୋ**

ଆଉ ଥରିବନି ଛାତି କି କମ୍ପିବନି କାନ । ସ୍ମୁଥ୍ ସାଉଣ୍ଡରେ ହେବ ରୋସଣୀ, ଚାଲିବ ମନୋରଞ୍ଜନ । କାରଣ ଚଳିତ ବର୍ଷ ଠାରୁ ଜଗନ୍ନାଥଙ୍କ ନାମରେ ଶପଥ ନେଇଛନ୍ତି ଜଗନ୍ନାଥ ଟେଣ୍ଟ, ଲାଇଟ୍ ଆଣ୍ଡ ସାଉଣ୍ଡ ମାଲିକ ସଂଘ । ଜଗତସିଂହପୁର ଜିଲ୍ଲା ପୋଲିସ ସହ ମିଳିତ ବୈଠକ ପରେ ସ୍ଥାନୀୟ ରାହାମା ଜିତ୍ ମଣ୍ଡପ ଠାରେ ଏକ ସାମ୍ବାଦିକ ସମ୍ମିଳନୀ କରି ସମସ୍ତଙ୍କୁ ସଚେତନ କରାଇଛନ୍ତି ସଂଘର ସଭାପତି ଶିଶିର କୁମାର ଦାସ । ଜଗତସିଂହପୁର ଜିଲ୍ଲାର ୮ ଗୋଟି ବ୍ଲକ୍‌ର ଟେଣ୍ଟ, ଲାଇଟ ଓ ସାଉଣ୍ଡ କରିଥିବା ମାଲିକ ମାନେ ମିଳିତ ଭାବେ ଏକତ୍ରିତ ହୋଇ ଏହି ଶପଥ ନେଇଥିବା ଦେଖିବାକୁ ମିଳିଛି । ଅନେକ ସମୟରେ ହେଭି ସାଉଣ୍ଡ ପାଇଁ ଅଭିଯୋଗ ଆସୁଥିବା ବେଳେ ଏଥିରୁ ନିବୃତ ରହି ନିୟମ ଅନୁସାରେ ସାଉଣ୍ଡ ପରିଚାଳନା କରିବାକୁ ସଂଘର ସଭାପତି ସମସ୍ତଙ୍କୁ ପ୍ରସ୍ତାବ ଦେଇଛନ୍ତି । ଅନେକ ଲାଇଟ ସାଉଣ୍ଡ ଗାଡିରେ ଆଗରୁ ୪୦ରୁ ଉର୍ଦ୍ଧ୍ୱ ବକ୍ସ ଲାଗୁଥିଲା ବେଳେ ଏବେ ତାହା ୧୦/୧୨କୁ ଖସି ଆସିଲାଣି । ମିନିମମ୍ ସାଉଣ୍ଡରେ ଲୋକଙ୍କ କ୍ଷତି ନହେଲା ପରି ପରିଚାଳନା କରି ମନୋରଞ୍ଜନ କରିବାକୁ ସଂଘ ନିଷ୍ପତ୍ତି ଗ୍ରହଣ କରିଛି । ଅସୁବିଧା ସମୟରେ ସମସ୍ତ ସଦସ୍ୟ ସଂଘରୁ ସାହାଯ୍ୟ ନେଇପାରିବେ ଓ ଗାଡି ଖରାପ ହେଇଗଲେ ସଙ୍ଗେ ସଙ୍ଗେ ଗାଡି ଯୋଗାଇ ଦିଆଯିବ ବୋଲି ମଧ୍ୟ ନିଷ୍ପତ୍ତି ନିଆଯାଇଛି ।

# ବରିଷ୍ଠ ଅଭିଭାବକ ଦିବସ : ମାର୍ଗ ଖୋଜୁଛନ୍ତି ମାର୍ଗଦର୍ଶକ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବରିଷ୍ଠ ଅଭିଭାବକମାନେ ଆମର ମାର୍ଗଦର୍ଶକ । ଜୀବନକାଳ ମଧ୍ୟରେ ବହୁ ଘାତ ପ୍ରତିଘାତରୁ ସେମାନେ ଅସୀମ ଅଭିଜ୍ଞତା ସାଇତି ରଖିଥାନ୍ତି । ଯାହାର ଉପଯୋଗ କରି ଆମେ ଏକ ଉଜ୍ଜ୍ୱଳ ଭବିଷ୍ୟତ ଆଡକୁ ଯାଇପାରିବା । କିନ୍ତୁ ପରିତାପର ବିଷୟ ଏହି ବରିଷ୍ଠ ଅଭିଭାବକମାନେ ଆଜି ଅବହେଳିତ । ଯେଉଁମାନେ ଆମକୁ ମାର୍ଗ ଦର୍ଶନ କରିବା କଥା, ସେମାନେ ଆଜି ନିଜେ ବଞ୍ଚିବାକୁ ମାର୍ଗ ଖୋଜୁଛନ୍ତି ।

ଅରକ୍ଷିତ ରାଉଳ ଓ ପ୍ରଭାକର ପାତ୍ର । ନିଜ ପିଲାମାନେ ସେମାନଙ୍କୁ ପର କରିଦେଲେ । ନିରାଶ୍ରୟ ହୋଇ ସେମାନେ ରାସ୍ତାରେ ବୁଲୁଥିଲେ। ଖାଇବାକୁ ଦୁଇମୁଠା ଯୋଗାଡ଼ କରିବା ତ ଦୂର କଥା, ମୁଣ୍ଡ ଗୁଞ୍ଜିବାକୁ ଆଶ୍ରୟ ଖଣ୍ଡେ ପାଉନଥିଲେ



। ଏପରି ସ୍ଥିତିରେ ସେମାନଙ୍କୁ ସହାୟ ହେଲା ୟୁନିଟ୍-୬ ସ୍ଥିତ ସହରାଞ୍ଚଳ ଆଶ୍ରୟ ଗୃହ । ୭ବର୍ଷ ହେଲା ଏହା ସେମାନଙ୍କ ଠିକଣା ପାଲଟିଛି । କେବଳ ଏହି ଦୁଇ ଜଣ ନୁହନ୍ତି, ଅନେକ ବୃଦ୍ଧ ବାପାମା' ଆଜି ଅବହେଳିତ । ଆଗରୁ ଯୌଥ ପରିବାର ଥିଲା । ଘରେ ଜଣେ କି ଦୁଇଜଣ ବରିଷ୍ଠ ଅଭିଭାବକ(ଗ୍ରାଣ୍ଡ ପ୍ୟାରେଣ୍ଟ) ଘରର ମେରୁଦଣ୍ଡ ଭଳି ରହୁଥିଲେ । କିନ୍ତୁ ଆଉ ସେ ଯୌଥ ପରିବାର ନାହିଁ । ପିଲାମାନେ ବାପା ମା'ଙ୍କୁ ଛାଡ଼ି ବାହାରେ ରହୁଛନ୍ତି । ତେଣୁ ବରିଷ୍ଠ ଅଭିଭାବକମାନେ ବାରଦୁଆର ବୁଲୁଛନ୍ତି । ସମ୍ ହସ୍ପିଟାଲ ମାନସିକ ରୋଗ ବିଶେଷଜ୍ଞ ପ୍ରଫେସର ଡାକ୍ତର ଶୁଭେନ୍ଦୁ ନାରାୟଣ ମିଶ୍ର କହିଛନ୍ତି, ବର୍ତ୍ତମାନ ସମୟରେ ପୁଅବୋହୂ 'ମୁଁ ଓ ମୋର' ନୀତିରେ ଚାଲୁଛନ୍ତି । ପୁଅ ଯାହା ରୋଜଗାର କରୁଛି, ସେଥିରେ ସ୍ତ୍ରୀ ଓ ପିଲାଙ୍କୁ ଚଳାଉଛି । କିନ୍ତୁ ବୃଦ୍ଧ ବାପା, ମାଙ୍କୁ ପୋଷିବାକୁ କୁନ୍ଥକୁନ୍ଥ ହେଉଛି । ଏଥିପାଇଁ ସଚେତନତା ଆବଶ୍ୟକ ।

## ବିଚାରାଧୀନ କଏଦୀଙ୍କ ଆତ୍ମହତ୍ୟା ଉଦ୍ୟମ, ଗୁରୁତର ହୋଇ ମେଡିକାଲରେ ଭର୍ତ୍ତି

**ଛତ୍ରପୁର, ନ୍ୟୁଜ ବ୍ୟୁରୋ**

ଛତ୍ରପୁର ଉପକାରାଗାରରେ ଅଘଟଣ । ବିଚାରାଧୀନ କଏଦୀଙ୍କ ଆତ୍ମହତ୍ୟା ଉଦ୍ୟମ। ଗୁରୁତର କଏଦୀ ରମ୍ଭା ଅଞ୍ଚଳର ଆଶୁତୋଷ ନାହାକ । ୩ମାସ ତଳେ ସେ କୋଦଳା ଜେଲ୍‌ରୁ ଛତ୍ରପୁର ଉପକାରାଗାରକୁ ଆସିଥିଲେ । ଧାରୁଆ କାଚ ଦ୍ୱାରା ବେକକୁ କାଟିଦେଇଥିଲେ । ତୁରନ୍ତ ତାଙ୍କୁ ଛତ୍ରପୁର ମେଡିକାଲରେ ଭର୍ତ୍ତି କରାଯାଇଥିଲା । ତେବେ କେଉଁ କାରଣରୁ ଆଶୁତୋଷ ଏଭଳି କାଣ୍ଡ ଘଟାଇଲେ ସ୍ପଷ୍ଟ ହୋଇନି ।

## ଖୋଲିଲା ହୀରାକୁଦ ଡ୍ୟାମ୍‌ର ଆଉ ୬ ଗେଟ୍

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଖୋଲିଲା ହୀରାକୁଦ ଜଳ ଭଣ୍ଡାରର ଆଉ ୬ଟି ଗେଟ୍ । ବର୍ତ୍ତମାନ ୧୨ଟି ଗେଟ୍ ଦେଇ ଜଳ ନିଷ୍କାସନ ଜାରି ରହିଛି । ବାମ ପାର୍ଶ୍ୱରେ ୮ଟି ଏବଂ ଡାହାଣ ପାର୍ଶ୍ୱରେ ୪ଟି ଗେଟ୍ ଦେଇ ଜଳଭଣ୍ଡାରରୁ ଜଳ ନିଷ୍କାସନ ହେଉଛି । ସକାଳ ୯ଟା ସୁଦ୍ଧା ଜଳଭଣ୍ଡାରର ଜଳସ୍ତର ୬୨୭.୫୦ ଫୁଟ ରହିଥିଲା ।

# ରାଜଧାନୀର ୨ ଗଣେଶ ପୂଜାମଣ୍ଡପରେ ଆତଙ୍କ: ଖଣ୍ଡା ବୁଲିଲା, ବୋମା ଫୁଟିଲା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜଧାନୀର ୨ ଗଣେଶ ପୂଜାମଣ୍ଡପରେ ଭୟଙ୍କର ପରିବେଶ ସୃଷ୍ଟି ହୋଇଛି। ମଞ୍ଚେଶ୍ୱର ସମେଇଗାଡ଼ିଆରେ ଖଣ୍ଡା ବୁଲିଥିବା ବେଳେ ନୂଆପଲ୍ଲୀରେ ବୋମା ଫୁଟିଛି। ଦୁଇ ମଣ୍ଡପରେ ଘଟିଥିବା ଗଣ୍ଡଗୋଳରେ କେହି ମୃତାହତ ହୋଇ ନଥିଲେ ହେଁ ଅଶାନ୍ତ ପରିବେଶ ଭୟ ଖେଳାଇଦେଇଛି। ସମେଇଗାଡ଼ିଆ ଗଣେଶ ପୂଜା ମଣ୍ଡପ ନିକଟରେ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ମେଲୋଡି ଚାଲିଥିବା ବେଳେ ରାସ୍ତା ଅବରୋଧ କରି ଫଟୋ ଉଠାଇବା ଭଳି ସାମାନ୍ୟ କଥାକୁ କେନ୍ଦ୍ର ଆରମ୍ଭ ହୋଇଥିବା ଗଣ୍ଡଗୋଳ ପରେ ରଣକ୍ଷେତ୍ର ସୃଷ୍ଟି କରିଥିଲା। ଗୋଟିଏ ପକ୍ଷର କିଛି ଯୁବକ ଖଣ୍ଡା ବୁଲାଇ ଅପରପକ୍ଷକୁ ଗୋଡ଼ାଇବା ଅଭିଯୋଗ ହୋଇଛି। କିନ୍ତୁ ଖଣ୍ଡା ଆକ୍ରମଣରେ କେହି ଆହତ ହୋଇଥିବା ଜଣାପଡ଼ିଛି। ମାତ୍ର ହାତାହାତିରେ କିଛି ଯୁବକ ଆହତ ହୋଇଛନ୍ତି। ମଞ୍ଚେଶ୍ୱର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ନିୟନ୍ତ୍ରଣକୁ ଆଣିଥିଲେ ହେଁ ଉତ୍ତେଜନା



ଲାଗିରହିଛି। ସେହିଭଳି ନୂଆପଲ୍ଲୀରେ ଏକ ଆପାର୍ଟମେଣ୍ଟର କମ୍ୟୁନିଟି ହଲ୍ ପାଚେରି କଡ଼ରେ ୨ଟି ବୋମାମାଡ଼ ହୋଇଥିବା ଜଣାପଡ଼ିଛି। ବୋମାମାଡ଼ର କାରଣ ଜଣାପଡ଼ିନାହିଁ। ସମେଇଗାଡ଼ିଆ ସୋମନାଥ ଯୁବ ପରିଷଦ ପରିସରରେ ଆଜି ଗଣେଶ ପୂଜା ଉପଲକ୍ଷେ ମେଲୋଡି ଚାଲିଥିଲା। ସମେଇଗାଡ଼ିଆ ବସ୍ତିର କିଛି ପିଲା ଲାଇଟ୍ ଗେଟ୍ ପାଖରେ ମୋବାଇଲ୍‌ରେ ଫୋଟ ଉଠାଉଥିଲେ। ରାସ୍ତାରେ ଠିଆ ହୋଇ ସେମାନେ ଫଟୋ ଉଠାଉଥିବାରୁ ଯିବାଆସିବାରେ ସମସ୍ୟା ହେଉଥିଲା। ତେଣୁ ସୋମନାଥ ଯୁବ ପରିଷଦର ଜଣେ ସଦସ୍ୟ ସେମାନଙ୍କୁ ରାସ୍ତାରୁ ହଟିବାକୁ କହିଥିଲେ। କିନ୍ତୁ ସେମାନେ ତାଙ୍କ କଥାକୁ କର୍ଣ୍ଣପାତ କରିନଥିଲେ। ଏହାକୁ ନେଇ ସେମାନଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ପାଟି ଶୁଣି ଉଭୟ ବସ୍ତିର କିଛି ଯୁବକ ଓ ଯୁବ ପରିଷଦର କିଛି ସଦସ୍ୟ ସେଠାରେ ପହଞ୍ଚିଯିବାରୁ ପାଟିତୁଣ୍ଡ ବଢ଼ିଥିଲା। ଏତିକିବେଳେ ବସ୍ତିର ଦୁଇଜଣ ଯୁବକ ଖଣ୍ଡା ଧରି ପଶି ଆସିଥିଲେ। ସେମାନଙ୍କ ହାତରେ ଖଣ୍ଡା ଦେଖି ସୋମନାଥ ଯୁବ ପରିଷଦର ସଦସ୍ୟମାନେ ପଛଘୁଞ୍ଚା ଦେଇଥିଲେ। ତେଣୁ ଖଣ୍ଡାଧାରୀ ୨ ଯୁବକ କ୍ଲବ୍ ଭିତରେ ପଶି ଖଣ୍ଡା ବୁଲାଇଥିଲେ। ବସ୍ତି ଯୁବକଙ୍କ ଅତର୍କିତ ଆକ୍ରମଣକୁ ମୁକାବିଲା ନ କରିପାରି ଯୁବ ପରିଷଦର ଯୁବକମାନେ ଗାଁ ଭିତରକୁ ଅସ୍ତ୍ରଶସ୍ତ୍ର ପାଇଁ ଧାଇଁଥିଲେ। ବସ୍ତିର ୨ ଖଣ୍ଡାଧାରୀ ଯୁବକ ସେମାନଙ୍କୁ କିଛି ବାଟ ଗୋଡ଼ାଇ ଫେରିଆସିଥିଲେ। ମଣ୍ଡପ ନିକଟରେ ଥିବା ପୁଲିସ କର୍ମଚାରୀମାନେ ଏଭଳି ଅତର୍କିତ ଘଟଣାରେ କେବଳ ଦେଖଣାହାରୀ ସାଜିଥିଲେ। ସେପଟେ ମଞ୍ଚରେ ମେଲୋଡି ବନ୍ଦ ହୋଇଯାଇଥିଲା ଏବଂ ଦର୍ଶକମାନେ ପଡ଼ିଆରୁ ଜୀବନ ବିକଳରେ ଦୌଡ଼ିଥିଲେ। ସେହିଭଳି ନୂଆପଲ୍ଲୀ ଅଞ୍ଚଳର ଏକ ଆପାର୍ଟମେଣ୍ଟର କମ୍ୟୁନିଟି ସେଣ୍ଟରରେ ଗଣେଶ ପୂଜା ଚାଲିଛି। ରାତି ପ୍ରାୟ ୧୦ଟା ବେଳେ ୪ ଦୁର୍ବୃତ୍ତ ସେଠାରେ ପହଞ୍ଚି ହଠାତ୍ ୨ଟି ବୋମା ଫୋପାଡ଼ିଥିଲେ। ଦୁଇଟି ଯାକ ବୋମା ପାଚେରି ବାଜି ଫୁଟିଯାଇଥିଲା। ବୋମା ବିସ୍ଫୋରଣରେ ସମଗ୍ର ଅଞ୍ଚଳ ଥରିଉଠିଥିଲା। କଲୋନିର ଲୋକମାନେ ବିକଳରେ ମଣ୍ଡପ ଛାଡ଼ି ଦୌଡ଼ିଥିଲେ। କଲୋନିବାସୀ ପୁଲିସକୁ ଫୋନ୍ କରି ଜଣାଇବା ପୂର୍ବରୁ ଦୁର୍ବୃତ୍ତମାନେ ଫେରାର୍ ହୋଇଯାଇଥିଲେ।

# ନନ୍ଦନବିହାରକୁ କରିଦେଲେଣି ଡମ୍ପିଂୟାର୍ଡ

**ଚନ୍ଦ୍ରଶେଖରପୁର, ନ୍ୟୁଜ ବ୍ୟୁରୋ**

ବର୍ଷା ଜଳ ଯନ୍ତ୍ରଣାରୁ ଆଜି ପର୍ଯ୍ୟନ୍ତ ମୁକୁଳିପାରି ନାହାନ୍ତି। ଏଣେ ଅସ୍ତବ୍ୟସ୍ତ କଲାଣି ଅଳିଆ ଯନ୍ତ୍ରଣା। ଦିନେ କି ସପ୍ତାହେ ନୁହେଁ, ବର୍ଷ ବର୍ଷ ଧରି ଅଳିଆ ଆବର୍ଜନା ଦୁର୍ଗନ୍ଧରେ ଘାଣ୍ଟି ହେଉଛନ୍ତି। ପ୍ରଶାସନକୁ ଯେତେ ନିବେଦନ କଲେ ମଧ୍ୟ କେହି ଶୁଣୁନାହାନ୍ତି। ଜନପ୍ରତିନିଧିଙ୍କ ପାଖରେ ଏମାନଙ୍କ ଦୁର୍ଗନ୍ଧ ପହଞ୍ଚୁ ନାହିଁ କି ଅଳିଆ ଆବର୍ଜନା ଗଦା କରୁଥିବା ବିଏମ୍‌ସିର ଏଥିପ୍ରତି ନିଘା ନାହିଁ। ସ୍ଥିତି ଏମିତି ହେଲାଣି ଯେ ଅଳିଆ ଗଦା ନିକଟରେ ରହିଥିବା ବାସିନ୍ଦାମାନେ ଘର ଛାଡ଼ି ଚାଲିଯାଉଛନ୍ତି। ବଡ଼ ବଡ଼ କୋଠା ସାଙ୍ଗକୁ ଆପାର୍ଟମେଣ୍ଟ ଏବେ ଖାଲି ପଡ଼ିବାକୁ ବସିଲାଣି। ସହରରୁ ବାହାରୁଥିବା ସବୁଜ ଆବର୍ଜନା ସାଙ୍ଗକୁ ଭଙ୍ଗାଯାଉଥିବା ଘରଗୁଡ଼ିକର ଆବର୍ଜନା ଏଠାରେ ଜମା ହୋଇ ରହୁଛି। ପ୍ରତିଦିନ ଉଠାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲେ ମଧ୍ୟ ତାହା ହୋଇପାରୁ ନାହିଁ। ପରିଣାମ ସ୍ୱରୂପ ଅସରାଏ ବର୍ଷାରେ ଅଞ୍ଚଳବାସୀ ହିନସ୍ତା ଭୋଗୁଛନ୍ତି। କେବଳ ଯେ ବର୍ଷା ଦିନେ ଅଳିଆଗଦା ଦ୍ୱାରା ଅଞ୍ଚଳବାସୀ ଅସ୍ତବ୍ୟସ୍ତ ହେଉ ନାହାନ୍ତି। ବରଂ ଖରା ଦିନେ ମଧ୍ୟ ସମାନ ଅବସ୍ଥା ଭୋଗିଥିଲେ। ଗତ ମାର୍ଚ୍ଚ ମାସରେ ନନ୍ଦନବିହାରର ଏହି



ଅସ୍ଥାୟୀ ଡମ୍ପିଂୟାର୍ଡରେ ଭୟାବହ ଅଗ୍ନିକାଣ୍ଡ ଘଟି ସ୍ଥାନୀୟ ଅଞ୍ଚଳ ଧୂଆଁମୟ ହୋଇଯାଇଥିଲା। ପାଖପାଖି ଦୁଇ ଘଣ୍ଟା ଧରି ଅଳିଆଗଦାରେ ନିଆଁ ଲାଗିବାରୁ ପ୍ରବଳ ଧୂଆଁ ସ୍ଥାନୀୟ ଲୋକଙ୍କୁ ଅତିଷ୍ଠ କରିଥିଲା। ଆଖପାଖ ଅଞ୍ଚଳର ଲୋକେ ଘର ଝରକା କବାଟ ବନ୍ଦ କରି ଦେଇଥିଲେ। ତା'ପରେ ମଧ୍ୟ କଷ୍ଟ ହେବାରୁ ଲୋକେ ଘରଦ୍ୱାର ଛାଡ଼ି ପାଖଆଖର ଖୋଲା ପଡ଼ିଆକୁ ପଳାଇଥିଲେ। ଏଭଳି ଘଟଣା ପରେ ଉକ୍ତ ସ୍ଥାନରୁ ଡମ୍ପିଂୟାର୍ଡ ସ୍ଥାନାନ୍ତର କରିବାକୁ ସ୍ଥାନୀୟ ଲୋକେ ବାରମ୍ବାର ଦାବି କରୁଥିଲେ ମଧ୍ୟ ପ୍ରଶାସନ କେ?ଣସି କାର୍ଯ୍ୟାନୁଷ୍ଠାନ ନେଉ ନାହିଁ। କୁଢ଼କୁଢ଼ ଅଳିଆ କଲୋନି ନିକଟରେ ପଡ଼ିବାରୁ ଆଖପାଖ ଅଞ୍ଚଳ ଦୁଗନ୍ଧରେ ଫାଟି ପଡୁଥିବା ଲୋକେ ଅଭିଯୋଗ କରିଛନ୍ତି। ଉତ୍ତର ଭୁବନେଶ୍ୱର ନିର୍ବାଚନମଣ୍ଡଳୀ ଅଧୀନ ନନ୍ଦନବିହାରରେ ୧୦ ହଜାରରୁ ଅଧିକ ଲୋକେ ବସବାସ କରୁଛନ୍ତି। କିନ୍ତୁ ଦୁଃଖର ବିଷୟ ଏ ପର୍ଯ୍ୟନ୍ତ ଏଠାକାର ଲୋକଙ୍କୁ ମୌଳିକ ସୁବିଧା ମିଳିପାରି ନାହିଁ। ସର୍ବନିମ୍ନ ସୁବିଧା ପାଇବାରୁ ସେମାନେ ବଞ୍ଚିତ ହେଉଛନ୍ତି। ଘରକୁ ଯିବା ପାଇଁ ଭଲ ରାସ୍ତା ଖଣ୍ଡେ ନାହିଁ। ଯେଉଁ ରାସ୍ତା ରହିଛି ସେଥିରେ ଯାତାୟାତ କରିବା କଷ୍ଟକର। କିଟ୍ ଛକ ନିକଟରୁ ସମସ୍ତ ନାଳ, ନର୍ଦ୍ଦମା, ପାଇଖାନା ପାଣି ଡ୍ରେନ୍‌ରେ ଆସି ନନ୍ଦନବିହାରରେ ପଶୁଛି। ବର୍ଷା ଦିନେ ତ କିଛି ଲୋକଙ୍କ ଘର ୨ରୁ ୩ ଫୁଟ ପାଣିରେ ବୁଡ଼ି ରହୁଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଲୋକଙ୍କ ଅଭିଯୋଗ ହେଉଛି ଯେ ଏହି ଅଞ୍ଚଳର ଚାରିପାଖ ଅନ୍ଧାର। ଷ୍ଟ୍ରିଟ୍‌ଲାଇଟ୍ ଲାଗିପାରି ନାହିଁ। ବିଡିଏ ପକ୍ଷରୁ ଘର କରିବାକୁ ଅନୁମତି ପ୍ରଦାନ କରାଯାଇଥିଲେ ମଧ୍ୟ ସେଠାକୁ ରାସ୍ତା, ବିଜୁଳି, ଡ୍ରେନ୍, ଅଗ୍ନି ନିର୍ବାପକ ବ୍ୟବସ୍ଥା, ପରିବେଶ ପ୍ରଦୂଷଣ ପରି ସମସ୍ୟା ପ୍ରତି ଆଦୌ ଗୁରୁତ୍ୱ ଦିଆଯାଉ ନାହିଁ। ତେଣୁ ଏଦିଗରେ ପଦକ୍ଷେପ ନେବା ସହ ଯାତାୟାତ କରିବା ଭଳି ରାସ୍ତା, ନନ୍ଦନକାନନ ରାସ୍ତାପାର୍ଶ୍ୱ ଡ୍ରେନ୍‌କୁ ସୁଦୃଢ଼ କରିବା, ଆଭ୍ୟନ୍ତରୀଣ ଡ୍ରେନ୍‌ର ବ୍ୟବସ୍ଥା, ଷ୍ଟ୍ରିଟ୍ ଲାଇଟ୍ ବ୍ୟବସ୍ଥା ଓ ନନ୍ଦନବିହାରରେ ଏକ ପୁଲିସ ଫାଣ୍ଡି ପ୍ରତିଷ୍ଠା କରାଯାଉ। ଏହି ଅଞ୍ଚଳର ଉନ୍ନତି ପାଇଁ ସବୁ ଅଧିକାରୀଙ୍କୁ ଅନୁରୋଧ କରାଯାଇଛି। ହେଲେ କେହି ବି ଧ୍ୟାନ ହେଉନାହାନ୍ତି। ୨୫ ବର୍ଷ ପରେ ଦୀପ ତଳ ଅନ୍ଧାର ପରି ରାଜଧାନୀ ନିକଟରେ ରହି ନନ୍ଦନବିହାର ଅବହେଳିତ ହୋଇ ରହିଛି। ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଲୋକେ ଦାବି କରିଛନ୍ତି।

# ନାବାଳିକାକୁ ଅସଦାଚରଣ ମାମଲା ଅଭିଯୁକ୍ତକୁ ଏକ ବର୍ଷ ଜେଲ୍ ଓ ଜରିମାନା

**କନ୍ଧମାଳ, ନ୍ୟୁଜ ବ୍ୟୁରୋ**

ଏକ ନାବାଳିକା ଅସଦାଚରଣ ମାମଲାର ବିଚାରଣା କରି ଫୁଲବାଣୀ ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ବିଚାରପତି ରାଜେଶ ଦାସ, ମାମଲାର ସାକ୍ଷ୍ୟ, ପ୍ରମାଣ ଏବଂ ପୀଡିତାଙ୍କ ବୟାନ ଆଧାରରେ ମାମଲାର ଅଭିଯୁକ୍ତ ସୁଦୟା ପ୍ରଧାନକୁ ଦୋଷୀ ସାବ୍ୟସ୍ତ କରି ତାକୁ ଏକ ବର୍ଷ ସଶ୍ରମ କାରାଦଣ୍ଡ ସମେତ ୫ ହଜାର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି । ଜରିମାନା ଅନାଦେୟ ତାକୁ ଆଉ ଦୁଇ ମାସ ଅଧିକ ଜେଲ ଦଣ୍ଡ ଭୋଗିବାକୁ ପଡିବ ବୋଲି ନିଜ ରାୟରେ ପ୍ରକାଶ କରିଛନ୍ତି ବିଚାରପତି । ଏଥି ସହିତ କ୍ଷତି ପୁରଣ ବାବଦକୁ ପିଡିତାଙ୍କୁ ୫୦ ହଜାର ଟଙ୍କା ପ୍ରଦାନ କରିବାକୁ ଜିଲ୍ଲା ଆଇନସେବା ପ୍ରାଧିକରଣକୁ ବିଚାରପତି ନିର୍ଦ୍ଦେଶ ଦେଇଥିବା ଜଣାପଡିଛି । ସୂଚନା ଅନୁସାରେ, ଗତ ୨୦୧୯ ମସିହା ଅଗଷ୍ଟ ମାସ ୧୮ ତାରିଖରେ ପୀଡିତାଙ୍କ ପରିବାର ପକ୍ଷରୁ ଫୁଲବାଣୀ ସଦର ଥାନାରେ ଏକ ନାବାଳିକା ଅସଦାଚରଣ ହୋଇଥିବା ନେଇ ଅଭିଯୋଗ ହୋଇଥିଲା । ଅଭିଯୋଗ ପ୍ରକାରେ ସଦର ଥାନା ପୋଲିସ ଏକ ମାମଲା ୫୧/୨୦୧୯ ରୁଜୁ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଥିଲା । ସେହି ମାମଲାର ବିଚାରଣା କରି ବିଚାରପତି ଉପୋରୋକ୍ତ ରାୟ ଶୁଣାଇଛନ୍ତି । ମାମଲାକୁ ପୀଡିତାଙ୍କ ତରଫରୁ ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ପି.ପି. ଅସୀମ କୁମାର ପ୍ରହରାଜ ପରିଚାଳନା କରୁଥିଲେ ।

## ସାଇବର ଥାନାର ଦ୍ୱାରସ୍ଥ ହେଲେ ଅଭିନେତା ମନୋଜ ମିଶ୍ର ଓ ପତ୍ନୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସାଇବର ଥାନାର ଦ୍ୱାରସ୍ଥ ହେଲେ ଅଭିନେତା ମନୋଜ ମିଶ୍ର ଓ ପତ୍ନୀ ମମତା ନନ୍ଦ । ଦ୍ୱିତୀୟ ବିବାହ ପରେ ମନୋଜଙ୍କ ନାମରେ କିଛି ସୋସିଆଲ ମିଡ଼ିଆରେ ଟାର୍ଗେଟ କରାଯାଉଛି । ତାଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ସମାଲୋଚନା କରୁଛନ୍ତି। ଏହା ବିରୋଧରେ ଶ୍ରୀ ମିଶ୍ର ଅଭିଯୋଗ କରିଛନ୍ତି । ଅଶ୍ଳୀଳ ଭାଷାରେ ଗାଳିଗୁଲଜ ସହ ବହୁ ପ୍ରକାର ଟ୍ରୋଲ କରୁଛନ୍ତି । ସୋସିଆଲ ମିଡ଼ିଆରେ ଏ ସବୁ ବନ୍ଦ କରିବାକୁ ସେ ସାଇବର ଥାନାରେ ଅଭିଯୋଗ କରିଛନ୍ତି । କିଛି ସୋସିଆଲ ମିଡ଼ିଆ ମନୋଜ ମିଶ୍ର ଏବଂ ମମତାଙ୍କ ବିଷୟରେ ବହୁ କଥାକୁ ନେଇ ଗୁଜବ ଚଳାଇଛନ୍ତି । ତେଣୁ ତାଙ୍କର ବ୍ୟକ୍ତିଗତ ଜୀବନ ଉପରେ ପ୍ରଭାବ ପକାଉଛି । ଏଣୁ ଏ ସେବୁ ୟୁଟ୍ୟୁବରେ ବନ୍ଦ କରିବା ପାଇଁ ସେ ଦାବି କରିଛନ୍ତି ।

# ଆତଙ୍କୀ ଗତିବିଧି ସମ୍ପୃକ୍ତିରେ ଓଡ଼ିଶାର ଲମ୍ବା ଇତିହାସ, ଥରକୁ ଥର ବାହାରୁଛି ଲିଙ୍କ୍

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଆତଙ୍କୀ ଗତିବିଧି ସମ୍ପୃକ୍ତି ନେଇ ଓଡ଼ିଶାରେ ଲମ୍ବା ଇତିହାସ ରହିଛି । ଏଠାରେ ଫୁଲ ବ୍ୟବସାୟୀ, ଡାକ୍ତର ଓ ମୌଲବୀ ପରିଚୟରେ ଆତଙ୍କବାଦୀ, ସ୍ଲିପର ସେଲ୍ ଲୁଚିଥିଲେ । ଶତ୍ରୁରାଷ୍ଟ୍ର ପାଇଁ ଗୁପ୍ତଚର ଯୋଗାଡୁଥିଲେ । ହନିଟ୍ରାପ୍ ଜାଲ ବିଛାଇ ଶତ୍ରୁରାଷ୍ଟ୍ରକୁ ଗୁପ୍ତ ତଥ୍ୟ ପଠାଉଥିଲେ । ସିମ୍ ବାକ୍ସ ରାକେଟ୍, ଓଟିପି ସେୟାରିଂ ସ୍କାମ୍‌ରେ ଆତଙ୍କୀ ଲିଙ୍କ୍ ଘଟଣା କାହାରିକୁ ଅଛପା ନାହିଁ । ୨୦୧୬ ଫେବ୍ରୁଆରୀରେ ରାଉରକେଲା ନାଲା ରୋଡରେ ୪ଜଣ ଷ୍ଟୁଡେଣ୍ଟ ଇସଲାମିକ ମୁଭମେଣ୍ଟ ଇଣ୍ଡିଆ (ସିମି) ଛାତ୍ର ଫୁଲ ବ୍ୟବସାୟ ଆଳରେ ଏକ ଭଡ଼ାଘରେ ଲୁଚିକି ରହୁଥିଲେ । ସମସ୍ତେ ମଧ୍ୟପ୍ରଦେଶର ଖଣ୍ଡୁଆ ଜିଲ୍ଲାର । ଏମାନଙ୍କ ମଧ୍ୟରୁ ୪ଜଣ ୨୦୧୩ରେ ଖଣ୍ଡୁଆ ଜେଲ୍‌ରୁ ଖସି ପଳାଇଥିଲେ । ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ମହାରାଷ୍ଟ୍ର, ତେଲେଙ୍ଗାନା ଓ ତାମିଲନାଡୁରେ ୧୭ଟି ଆତଙ୍କୀ ଆକ୍ରମଣ, ପୁଲିସକୁ ହତ୍ୟା ଓ ବ୍ୟାଙ୍କରେ ଡକାୟତିରେ ଏମାନଙ୍କ ସମ୍ପୃକ୍ତି ଥିଲା । ଇଣ୍ଟେଲିଜେନ୍ସ ବ୍ୟୁରୋ (ଆଇବି) ଓ ତେଲେଙ୍ଗନା ପୁଲିସ ବିଳମ୍ବ ନ କରି ରାଉରକେଲାରେ ପହଞ୍ଚିଥିଲା । ସ୍ଥାନୀୟ ପୁଲିସ ସହାୟତାରେ ସେଠାରେ ରାତି ୧ଟାରେ ଚଢ଼ଉ କରିଥିଲା । ରାତି ୪ଟା ଯାଏଁ ଗୁଳି ବିନିମୟ ଚାଲିଥିଲା । ସମସ୍ତଙ୍କୁ କାବୁ କରିବା ସହ ୩ଟି ପିସ୍ତଲ, ୫ଟି ରିଭଲବର ଓ ୧୧ ରାଉଣ୍ଡ ଅଫୁଟା ଗୁଳି ଜବତ କରାଗଲା । ଠିକ୍ ମାସକ ପରେ ମଧ୍ୟପ୍ରଦେଶ ପୁଲିସ ସେମାନଙ୍କୁ ଏନକାଉଣ୍ଟରରେ ମାରିଥିଲା । ତାଙ୍କ ସହ ରହୁଥିବା ଜଣେ ବୟସ୍କା ମହିଳାଙ୍କୁ ମଧ୍ୟ ଗିରଫ କରି ରାଉରକେଲା ଜେଲରେ ଥିଲେ । ତଦନ୍ତରୁ ଜଣାପଡ଼ିଥିଲା, ଏମାନେ ସୁନ୍ଦରଗଡ଼ ଓ ଅନ୍ୟାନ୍ୟ ସ୍ଥାନରେ ବ୍ୟାଙ୍କ ଡକାୟତି କରିବା ସହ ରାଷ୍ଟ୍ର ବିରୋଧୀ କାର୍ଯ୍ୟକଳାପରେ ଲିପ୍ତ ଥିଲେ ।

ଗତବର୍ଷ ଡିସେମ୍ବରରେ କ୍ରାଇମ୍‌ବ୍ରାଞ୍ଚ ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଯାଜପୁର ଧର୍ମଶାଳା ଥାନା ନେଉଳପୁରରୁ ସୟଦ ଇଶାନ ବୁଖାରୀ ନାମକ କାଶ୍ମୀର ଯୁବକଙ୍କୁ ଗିରଫ କରିଥିଲା । ଉତ୍ତର କାଶ୍ମୀର କୁପୱାରା ଜିଲ୍ଲାର ଇଶାନ୍ ଏଠାରେ ନକଲି ସେନା ଡାକ୍ତର ଓ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ଅଧିକାରୀ ପରିଚୟରେ ରହୁଥିଲା । ତଦନ୍ତରୁ ଜଣାପଡ଼ିଥିଲା, ସେ କାଶ୍ମୀର ପୁଲିସର ମୋଷ୍ଟ ୱାଣ୍ଟେଡ୍ ଥିଲା । ପାକିସ୍ତାନର ଗୁଇନ୍ଦା ସଂସ୍ଥା ଆଇଏସ୍‌ଆଇର ଏଜେଣ୍ଟଙ୍କ ସହ ସମ୍ପର୍କରେ ଥିଲା । ନକଲି ଡାକ୍ତର ସାଜି ଲଭ୍ ଜିହାଦ ଆଳରେ ଏଠାକାର ଯୁବତୀଙ୍କୁ ଫସାଇବାରେ ସେ ଧୁରନ୍ଧର ଥିଲା । ଆଉ ଜିହାଦୀ ହେବା ପାଇଁ ସେମାନଙ୍କୁ ଶତ୍ରୁରାଷ୍ଟ୍ରକୁ ପଠାଉଥିଲା । ସ୍ଲିପର ସେଲ୍ କିମ୍ବା ଗୁପ୍ତଚର ଯୋଗାଡ଼ କରୁଥିଲା। ସେ ୬ଟି ରାଜ୍ୟରେ ୭ ପତ୍ନୀ ରଖିଥିଲା। ତା'ଠୁ ମିଳିଥିବା ୨ଟି ମୋବାଇଲ୍‌ରୁ ଗୋଟିକରେ ପାକିସ୍ତାନ ଦେଶର ଏକ ସିମ୍ ସକ୍ରିୟ ଥିଲା । ତା'ଠାରୁ ନକଲି ନ୍ୟୁରୋ ସର୍ଜନ ପରିଚୟପତ୍ର ସହ ପୁଳାପୁଳା ନକଲି ଲେଟର ପ୍ୟାଡ୍ ମଧ୍ୟ ପୁଲିସ ଜବତ କରିଥିଲା ।

୨୦୧୫ ଡିସେମ୍ବରରେ କଟକ ଜଗତପୁର ପଶ୍ଚିମକଚ୍ଛ ଗାଁରୁ ଅବଦୁଲ୍ ରେହମାନ ଓରଫ୍ ମହମ୍ମଦ ଅବଦୁଲ୍ ରେହମାନଙ୍କୁ ଗିରଫ କରିଥିଲା ଦିଲ୍ଲୀ ପୁଲିସର ସ୍ୱତନ୍ତ୍ର ସେଲ୍ । କୁଖ୍ୟାତ ଆତଙ୍କବାଦୀ ସଂଗଠନ 'ଅଲକାଏଦା' ସହ ତା' ସମ୍ପୃକ୍ତି ଥିବା ପୁଲିସ ଦର୍ଶାଇଥିଲା। କେନ୍ଦ୍ରୀୟ ଗୁଇନ୍ଦା ତଥ୍ୟ ଆଧାରରେ ଦିଲ୍ଲୀ ପୁଲିସ କିଛି ମାସ ଧରି ଅବଦୁଲ ଉପରେ ତୀକ୍ଷ୍ଣ ନଜର ରଖିଥିଲା । ତଦନ୍ତରୁ ଜଣାପଡ଼ିଥିଲା, ସେ ଟାଙ୍ଗୀ ଅଞ୍ଚଳର ଏକ ମଦ୍ରାସାରେ ଦୀର୍ଘ ବର୍ଷ ଧରି ମୌଲବୀ ଥିଲା। ଉକ୍ତ ମଦ୍ରାସାରେ ଝାଡ଼ଖଣ୍ଡ ଅଞ୍ଚଳର ଅଧିକାଂଶ ଛାତ୍ରଛାତ୍ରୀ ଥଲେ । ସେମାନଙ୍କୁ ଶିକ୍ଷାଦାନ ନାଁରେ ଆତଙ୍କୀ ପାଠ ପଢ଼ାଉଥିଲା ଅବଦୁଲ । ଅଲକାଏଦାର ଆଭିମୁଖ୍ୟ ନେଇ ପିଲାଙ୍କୁ ତାଲିମ୍ ଦେଉଥିଲା । ମଦ୍ରାସାକୁ ଆସୁଥିବା ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଲୋକମାନଙ୍କୁ ଦେଶ ବିରୋଧରେ ଉସ୍‌କାଇବା ଭଳି ଉତ୍ତେଜନାମୂଳକ ଭାଷଣ ଦେଉଥିଲା । ସେ ଝାଡ଼ଖଣ୍ଡ, ଉତ୍ତରପ୍ରଦେଶ, କର୍ଣ୍ଣାଟକର ବିଭିନ୍ନ ସହରକୁ ବାରମ୍ବାର ଯା'ଆସ କରୁଥିଲା । ପରେ ସେ ଅଲ୍‌କାଏଦା ଏକ୍ୟୁଆଇଏସ୍‌ର ସଦସ୍ୟ ବୋଲି ପ୍ରମାଣ ମିଳିଥିଲା ।

ଗତବର୍ଷ ଫେବ୍ରୁଆରୀରେ ବାଲେଶ୍ୱର ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟି (ଆଇଟିଆର)ରୁ ବାବୁରାମ ଦେ ନାମକ ଜଣେ ବରିଷ୍ଠ ଟେକ୍ନିସିଆନ୍‌କୁ ଗିରଫ କରାଯାଇଥିଲା । ପାକିସ୍ତାନ ରାଓଲପିଣ୍ଡିର ଜଣେ ଯୁବତୀ ତାକୁ ହନିଟ୍ରାପ୍‌ରେ ଫସାଇଥିଲା । ଦୀର୍ଘ ବର୍ଷେ ଧରି ସେ କ୍ଷେପଣାସ୍ତ୍ର ସମ୍ପର୍କୀତ ଗୁପ୍ତ ତଥ୍ୟ ପଠାଉଥିବା ସୁରାକ୍ ମିଳିଥିଲା । ଗୁଇନ୍ଦା ବିଭାଗ ତଥ୍ୟ ଆଧାରରେ ୨୦୨୧ ସେପ୍ଟେମ୍ବର ୧୪ ତାରିଖରେ କ୍ଷେପଣାସ୍ତ୍ର ଘାଟିରୁ ୫ଜଣଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଥିଲା । ସେଥିରୁ ୪ଜଣ ଠିକାରେ କାମ କରୁଥିବା ବେଳେ ଜଣେ ଆଇଟିଆରର ଡ୍ରାଇଭର ଥିଲା । ଏମାନେ ଶତ୍ରୁରାଷ୍ଟ୍ରକୁ ତଥ୍ୟ ପଠାଉଥିବା ଅଭିଯୋଗ ହୋଇଥିଲା। ଶତ୍ରୁରାଷ୍ଟ୍ର ସହ ଯୋଗାଯୋଗର ମାଧ୍ୟମ ପାଲଟିଥିବା ସିମ୍ ବାକ୍ସ ରାକେଟ୍, ଓଟିପି ସେୟାରିଂ ସ୍କାମ୍ ମଧ୍ୟ ଓଡ଼ିଶାରୁ ପର୍ଦ୍ଦାଫାଶ ହୋଇଛି । ଗତମାସରେ କମିଶନରେଟ ପୁଲିସ ଭୁବନେଶ୍ୱର, କଟକ ଓ ଝାଡ଼ଖଣ୍ଡ ରାଞ୍ଚିରୁ ୧୭ଟି ସିମ୍ ବାକ୍ସ ଜବତ କରିଥିଲା। ବଙ୍ଗୀୟ ଏଜେଣ୍ଟ ରାଜୁ ମଣ୍ଡଳକୁ ଗିରଫ କରିଥିଲା । କାର୍ପେଟଦାର ଅସାଦୁର ଜମିନ୍ ଏହି ସିମ୍ ବାକ୍ସ ଜରିଆରେ ବାଂଲାଦେଶ ଢାକାରୁ ଆତଙ୍କୀ କାର୍ଯ୍ୟକଳାପ ଚଳାଇଥିବାର ତଥ୍ୟ ମିଳିଥିଲା । ଗତବର୍ଷ ଜୁନ୍‌ରେ ଓଟିପି ସେୟାରିଂ ସ୍କାମ୍‌ରେ ପର୍ଦ୍ଦାଫାଶ କରିଥିଲା କ୍ରାଇମବ୍ରାଞ୍ଚ । ଓଡ଼ିଶାରୁ ୫ ଜଣ ଦାଲାଲ୍ ଗିରଫ ହୋଇଥିଲେ । ଏମାନେ ପାକିସ୍ତାନୀ ଗୁଇନ୍ଦା ଓ ଆତଙ୍କୀ ସଂଗଠନକୁ ଓଟିପି ପଠାଉଥିବା ତଥ୍ୟ ମିଳିଥିଲା । ସ୍କାମ୍‌ର କାର୍ପେଟଦାର ଗୁଜରାଟ ବାସିନ୍ଦା ଅଭିଜିତ୍ ସଞ୍ଜୟ ଜମ୍ବୁରେ ସହ ପାକିସ୍ତାନୀ ଗୁଇନ୍ଦା ଦୀର୍ଘ ଦିନ ଧରି ସମ୍ପର୍କ ରଖିଥିଲେ। ଉତ୍ତରପ୍ରଦେଶ ପ୍ରୟାଗରାଜରେ ଧରାପଡିଥିବା ଆତଙ୍କବାଦୀଙ୍କ ସହଯୋଗୀ ଜାହିର ଖାନ୍ ଗିରଫ ହେବା ପରେ ସାରା ଓଡ଼ିଶାରେ ଏବେ ଚର୍ଚ୍ଚାର ବିଷୟ ପାଲଟିଛି। କାରଣ ଜାହିର ଖାନ୍ ଘର ଭଦ୍ରକ ଜିଲ୍ଲା ବାସୁଦେବପୁରରେ । ସେ ପ୍ରୟାଗରାଜାର ଏକ ମଦ୍ରାସାରେ ତା'ର ସହଯୋଗୀମାନେ ନକଲି ନୋଟ୍ ଛାପୁଥିଲେ । ସବୁ ଠାରୁ ଆଶ୍ଚର୍ଯ୍ୟ କଥା ହେଲା ଜାହିର ଖାନ୍ ମଦ୍ରାସାରେ ଆରଏସ୍‌ଏସ୍ ବିରୋଧରେ ପାଠ ପଢ଼ା ଯାଉଥିଲା । ଏହି ଘଟଣା ପରେ ଓଡ଼ିଶା ମଦ୍ରାସା ସ୍ଥିତି ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ପୂର୍ବରୁ ଓଡ଼ିଶାରେ ମଧ୍ୟ ମଦ୍ରାସାରେ ଉତ୍ତେଜନାମୂଳକ ଭାଷଣ ଦିଆଯାଉଥିବା ପ୍ରମାଣ ମିଳିଥିଲା । ଏହି ଉତ୍ତେଜନାମୂଳକ ଭାଷଣ ଦେଉଥିଲେ ମୌଲବୀ ଅବଦୁଲ୍ ରେହମାନ । ମାଦ୍ରାସାରେ ଶିକ୍ଷାଦାନ କରୁଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅଧିକାଂଶ ଝାଡ଼ଖଣ୍ଡ ଅଞ୍ଚଳ ଥିଲେ । ଶିକ୍ଷା ବଦଳିରେ ହିଂସା ଓ ଦଙ୍ଗା ବିଷୟରେ ଅଧିକ ପାଠ ପଠାଉଥିଲେ। ଏହି ମଦ୍ରାସାର ମୌଲବୀ ଅବଦୁଲ୍ ରେହମାନ ଗିରଫ ହେବା ପରେ ଏ ସବୁ କଥା ପଦାକୁ ଆସିଥିଲା । ସେହଭଳି ପ୍ରାୟାଗରାଜର ଏକ ମଦ୍ରାସାରେ ଆରଏସ୍‌ଏସ୍ ବିରୋଧରେ ପାଠ ପଢ଼ା ଯିବା ସହ ଉତ୍ତେଜନାମୂଳକ ଭାଷଣ ଦେଉଥିଲେ ଜାହିଁ ଖାନ୍ । ୟୁପି ପୁଲିସ୍ ଜାଣିବାକୁ ପାଇଛି ଯେତେବେଳେ ସେ ଓଡ଼ିଶା ଆସୁଥିଲା ବିଭିନ୍ନ ମଦ୍ରାସା ଯାଉଥିଲା। ସେଠାରେ କ'ଣ କରୁଥିଲା ସେ ବିଷୟରେ ପୁଲିସ୍ ସଠିକ୍ ତଥ୍ୟ ପାଇ ନାହିଁ। ହେଲେ ଉତ୍ତେଜନାମୂଳକ ଭାଷଣ ଦେଉଥିବା କିଛି ଭିଡିଓ ମିଳିଛି । ସେ ସବୁ ଭିଡିଓ ଓଡ଼ିଶାର କେଉଁ ମଦ୍ରାସାର ତାହା ଯାଞ୍ଚ କରିବା ପରେ ଜଣାପଡ଼ିବ । ଆମ ରାଜ୍ୟରେ କେତେ ମଦ୍ରାସା ରହିଛି ସେଠାରେ ପାଠ ପଢ଼ା ଛାଡି ଆଉ କ'ଣ ହେଉଛି କେଉଁମାନେ ସେଠାକୁ ପଢ଼ାଇବା ପାଇଁ କିଏ ଆସୁଛନ୍ତି ସେ ସବୁ ହିସାବ କାହା ପାଖରେ ନାହିଁ।

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ମାନୁଫାକ୍ଚରିଂ କ୍ଷେତ୍ରରେ ଏକ ମହାଶକ୍ତିରେ ପରିଣତ ହେବ ଭାରତ

ଭାରତୀୟ ଅର୍ଥନୀତିର ଭବିଷ୍ୟତ ବେଶ ଉଜ୍ଜ୍ୱଳ ଥିଲେ ମଧ୍ୟ ଚୀନ୍ ଅତୀତରେ ଯେଭଳି ଲମ୍ବା ସମୟ ପର୍ଯ୍ୟନ୍ତ ଉଚ୍ଚ ଅଭିବୃଦ୍ଧି ହାସଲ କରିଥିଲା, ଭାରତ ତାହାର ସମକକ୍ଷ ହୋଇପାରିବନି। ମର୍ଗାନ୍ ଷ୍ଟାନ୍‌ଲିର ଏସିଆ ମୁଖ୍ୟ ଅର୍ଥନୀତିଜ୍ଞ ଚେତନ ଆହ୍ୟା ଏହା କହିଛନ୍ତି। ସେ କହିଛନ୍ତି ଯେ ଲମ୍ବା ସମୟ ଭିତିରେ ଭାରତ ୬.୫ ପ୍ରତିଶତରୁ ୭ ପ୍ରତିଶତ ଅଭିବୃଦ୍ଧି ହାସଲ କରିପାରିବ। କିନ୍ତୁ ୧୯୭୮ର ଅର୍ଥନୈତିକ ସଂସ୍କାର ପରେ ଚୀନ୍ ଯେଭଳି ତିନି ଦଶନ୍ଧି ଧରି ୮-୧୦% ଅଭିବୃଦ୍ଧି ହାସଲ କରିଥିଲା, ଭାରତ ତାହାର ସମକକ୍ଷ ହୋଇପାରିବନି। ବିଶ୍ୱର ମାନୁଫାକ୍ଚରିଂ ହବ୍ ଭାବେ ଚୀନର ସ୍ଥାନ ନେବାଠାରୁ ଭାରତ ବହୁ ଦୂରରେ ରହିଥିବା ସେ କହିଛନ୍ତି। ଆହ୍ୟାଙ୍କ ମତରେ ଭାରତର ଅଭିବୃଦ୍ଧିରେ ରହିଥିବା ଦୁଇଟି ବଡ଼ ପ୍ରତିବନ୍ଧକ ହେଉଛି ଭିତ୍ତିଭୂମିର ଅଭାବ ଓ ଅଳ୍ପ କୁଶଳୀ ଶ୍ରମଶକ୍ତି। ଏହି ଦୁଇ ବଡ଼ କାରଣ ପାଇଁ ଭାରତର ଅଭିବୃଦ୍ଧି ୬-୭% ମଧ୍ୟରେ ରହିଯିବ। କିଛି ଦିନ ପୂର୍ବେ ମର୍ଗାନ ଷ୍ଟାନ୍‌ଲି ଏକ ରିପୋର୍ଟରେ କହିଥିଲା ଯେ ୨୦୦୩ରୁ ୦୭ ପର୍ଯ୍ୟନ୍ତ ଭାରତ ହାରାହାରି ଭାବେ ୮ ପ୍ରତିଶତ ଅଭିବୃଦ୍ଧି ହାସଲ କରିଥିଲା। ବର୍ତ୍ତମାନ ଅର୍ଥନୀତି ଯେଉଁଭଳି ଭାବେ ଗତି କରୁଛି ତାହା ସେହି ସମୟର ସ୍ମୃତିକୁ ତାହା କରିଛି।

ମାନୁଫାକ୍ଚରିଂ କ୍ଷେତ୍ରରେ ଏକ ମହାଶକ୍ତିରେ ପରିଣତ ହେବା ଲାଗି ଭାରତ ଉଦ୍ୟମ କରୁଛି। ଚୀନରୁ ମୁହଁ ଫେରାଉଥିବା କମ୍ପାନିଗୁଡ଼ିକୁ ଆକୃଷ୍ଟ କରିବା ଲାଗି ଏହା ଉତ୍ପାଦନଭିତ୍ତିକ ପ୍ରୋତ୍ସାହନ ସ୍କିମ୍ ଘୋଷଣା କରିଛି। ଇଲେକ୍ଟ୍ରୋନିକ୍ସ, ସେମିକଣ୍ଡକ୍ଟର, ଫ୍ୟାବଲେସ୍, ଇଲେକ୍ଟ୍ରିକ୍ ଯାନ ଉପକରଣ କ୍ଷେତ୍ରରେ ଏହା ବିଶେଷ ଅଗ୍ରଗତି ହାସଲ କରିଛି। ଫୋନ୍ ଉତ୍ପାଦନରେ ଏହା ଆପଲ୍ ଓ ସାମସଙ୍ଗ ଭଳି କଂପାନି ଆକୃଷ୍ଟ କରିପାରିଛି।

# ବ୍ରାହ୍ମଣ ଶ୍ରେଷ୍ଠ ଦତ୍ତାତ୍ରେୟଙ୍କଠାରୁ ଶିକ୍ଷା



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

ବ୍ରାହ୍ମଣମାନଙ୍କୁ ଆଦର କରୁଥିବା ପରମ ବୁଦ୍ଧିମାନ ମହାରାଜ ଯଦୁ ଅତ୍ୟନ୍ତ ବିନମ୍ରତାରେ ନତମସ୍ତକ ହୋଇ ବ୍ରାହ୍ମଣ ଶ୍ରେଷ୍ଠ ଦତ୍ତାତ୍ରେୟଙ୍କୁ ପ୍ରାର୍ଥନା କରିବାରୁ ସେ କହିଲେ- ମୁଁ ମୋ ବୁଦ୍ଧି ବଳରେ ବହୁ ଗୁରୁଙ୍କର ଆଶ୍ରୟ ନେଇଛି ଓ ସେଥିପାଇଁ ମୁକ୍ତ ଭାବରେ ବୁଲିପାରୁଛି। ଶିକ୍ଷାଲାଭ କରିଥିବା ସେହି ଗୁରୁମାନେ ହେଲେ (୧) ପୃଥିବୀ (୨) ବାୟୁ (୩) ଆକାଶ (୪) ଜଳ (୫) ଅଗ୍ନି (୬) ଚନ୍ଦ୍ର (୭) ସୂର୍ଯ୍ୟ (୮) କପୋତ (୯) ଅଜଗର (୧୦) ସମୁଦ୍ର (୧୧) ପତଙ୍ଗ (୧୨) ଭ୍ରମର (୧୩) ହାତୀ (୧୪) ମହୁ ସଂଗ୍ରହକାରୀ (୧୫) ହରିଣ (୧୬) ମାଛ (୧୭) ପିଙ୍ଗଳା ବେଶ୍ୟା (୧୮) କୁରର ପକ୍ଷୀ (୧୯) ବାଳକ (୨୦) କୁମାରୀ କନ୍ୟା (୨୧) ଶର ନିର୍ମାତା (୨୨) ସର୍ପ (୨୩) ବୁଢ଼ିଆଣୀ ଓ (୨୪) କୁମ୍ଭାରପୋକ।

(୧) ପୃଥିବୀ: କ୍ଷମାଗୁଣ ପୃଥିବୀଠାରୁ ହିଁ ଶିକ୍ଷା କରାଯାଏ। ଯେତେ ପୀଡ଼ା ଦେଲେ ବି ଜ୍ଞାନୀ ସର୍ବଦା ଅଟଳ ଓ ଶାନ୍ତ ହୋଇ ରହିବା ବିଧେୟ। ଯେପରି ପୃଥିବୀର ସକଳ କ୍ରିୟା ପରୋପକାର ନିମନ୍ତେ ଉଦ୍ଦିଷ୍ଟ ଯୋଗୀଜନମାନେ ପୃଥିବୀଠାରୁ ଏପରି ଶିଖିବା ଉଚିତ।

(୨) ବାୟୁ: ବାୟୁ ସର୍ବତ୍ର ବିଚରଣ କଲେ ବି କୌଣସିଠାରେ ଲିପ୍ତ ହୁଏନାହିଁ ଓ ନିଜକୁ ସର୍ବତ୍ର ଉପଭୋଗ କରିବାକୁ ଛାଡ଼ିଦେଇଥାଏ। ଯୋଗୀଜନମାନେ ସେପରି ସର୍ବତ୍ର ବିଚରଣ କରି ଗୁଣ ଦୋଷ ଗ୍ରହଣ କରିବାରୁ ବିରତ ରହିବା ସହିତ ସେ ସବୁରେ ଆସକ୍ତ ହୋଇନଥାନ୍ତି।

(୩) ଆକାଶ: ଆକାଶ ଯେପରି ସର୍ବବ୍ୟାପକ ସେହିପରି ପ୍ରତ୍ୟେକ ପ୍ରାଣୀଙ୍କ ମଧ୍ୟରେ ସମ ରୂପରେ ବ୍ରହ୍ମ ବିଦ୍ୟମାନ ରହିଥାନ୍ତି। ତେଣୁ ସେ ସର୍ବବ୍ୟାପକ। ବାୟୁଦ୍ୱାରା ପ୍ରେରିତ ମେଘ ସମୂହ ଆକାଶରେ ଚଳିଥାନ୍ତି। ମାତ୍ର ଆକାଶ ସେମାନଙ୍କଠାରୁ ସର୍ବଦା ନିର୍ଲିପ୍ତ ରହିଥାଏ।

(୪) ଜଳ: ଜଳ ସ୍ୱଭାବତଃ ସ୍ୱଚ୍ଛ ଓ ପ୍ରତ୍ୟେକଙ୍କର ପ୍ରିୟ ତଥା ଜୀବନ ଦାନକରେ। ପୁଣି ତୀର୍ଥଜଳ ଭାବରେ ତାହା ଗୃହୀତ ହୋଇଥାଏ। ମୁନିଜନମାନଙ୍କର ସ୍ୱଭାବ ମଧ୍ୟ ସେହିଭଳି ହେବା ଉଚିତ।

(୫) ଅଗ୍ନି: ଅଗ୍ନି ତେଜସ୍ୱୀ ଓ ଜ୍ୟୋତିର୍ମୟ ହୋଇଥାଏ। ନିଜ ତେଜରେ ତାକୁ କେହି ପରାହତ କରିପାରନ୍ତି ନାହିଁ। ସବୁକିଛିକୁ ଜଳାଇ ଦେଇ ବସ୍ତୁର ଦୋଷରେ ସେ ଲିପ୍ତ ହୁଏ ନାହିଁ। ଅଗ୍ନିର କୌଣସି ନିର୍ଦ୍ଦିଷ୍ଟ ଆକାର ନଥାଏ। କାଠ ସହିତ ସଂଯୋଗ ଘଟିଲେ ତାହା ବିସ୍ତାରିତ ହୋଇଥାଏ।

(୬) ଚନ୍ଦ୍ର: ଚନ୍ଦ୍ରକଳାର ଯେପରି କ୍ଷୟ ବୃଦ୍ଧି ଘଟେ ଦେହର ଅବସ୍ଥା ମଧ୍ୟ ସେହିପରି ଉତ୍ପତ୍ତିଠାରୁ ଆରମ୍ଭ ହୋଇ ମୃତ୍ୟୁପର୍ଯ୍ୟନ୍ତ ବଦଳି ଚାଲିଥାଏ। ମାତ୍ର ସେପରି ପରିବର୍ତ୍ତନରେ ଆତ୍ମା ସହିତ ତାହାର କୌଣସି ସମ୍ପର୍କ ନଥାଏ।

(୭) ସୂର୍ଯ୍ୟ: ସୂର୍ଯ୍ୟ ଯେପରି ନିଜ କିରଣଦ୍ୱାରା ଯଥା ସମୟରେ ଜଳ ଗ୍ରହଣ କରିବାସହ ବର୍ଷା ଆକାରରେ ପୁର୍ନବାର ତାହାକୁ ପୃଥିବୀକୁ ଫେରାଇ ଦିଅନ୍ତି, ମାତ୍ର ସେଥିରେ ତାଙ୍କର କଦାପି ଆସକ୍ତି ନଥାଏ ଠିକ୍ ସେହିପରି ଯୋଗୀଜନମାନେ କୌଣସି ବାସନାରେ ଲିପ୍ତ ରହିବା ଉଚିତ ନୁହେଁ। ଏଥିରୁ ଶିକ୍ଷା ମିଳେ ଯେ ଅଖଣ୍ଡତା ଓ ଅଭିନ୍ନତା ହିଁ ମନରେ ଶାନ୍ତି ଆଣିଥାଏ।

(୮) କପୋତ: ଶବରର ଜାଲରେ କପୋତ ଏବଂ କପୋତିର ଛୁଆଗୁଡ଼ିକ ପଡ଼ିଗଲା ପରେ ସେ ଦୁହେଁ ସେମାନଙ୍କ ପ୍ରତି ଆସକ୍ତି ହୋଇ ସେମାନଙ୍କ ଉଦ୍ଧାର ନିମନ୍ତେ ସେହି କପୋତର ଜାଲରେ ପୁଣି ପଡ଼ିଗଲେ। କପୋତଠାରୁ ଏହି ଶିକ୍ଷା ନିଆଗଲା ଯେ ଯେଉଁ ଗୃହସ୍ଥ ବ୍ୟକ୍ତି ବିଷୟମାନଙ୍କର ସୁଖ ଖୋଜେ ଓ ଯାହାର ଚିତ୍ତ ଚଞ୍ଚଳ ସେ ଏହି କପୋତ ଭଳି ବିପଦରେ ସର୍ବଦା ପଡ଼ିଥାନ୍ତି।

(୯) ଅଜଗର: ଅଜଗର ଆହାରରେ ଭଲମନ୍ଦ ନ ବିଚାରି ଯାହା ଯେତେବେଳେ ମିଳିଲା ଖାଇଦେଇ ନିଷ୍ଚେତ ଅବସ୍ଥାରେ ପଡ଼ି ରହିଥାଏ। ତେଣୁ ସଂସାରରେ ଯୋଗୀଜନମାନେ ଯାହା ଯେତେବେଳେ ମିଳିଥାଏ ତାହା ଖାଇ ଉଦାସୀନ ଭାବରେ ରହିବା ଉଚିତ।

(୧୦) ସମୁଦ୍ର: ଯୋଗୀମାନେ ସର୍ବଦା ସମୁଦ୍ର ପରି ପ୍ରସନ୍ନ ଓ ଗମ୍ଭୀର ହେବାର ଆବଶ୍ୟକତା ଅଛି। ସେ ଦେଶ ଓ କାଳଦ୍ୱାରା ପ୍ରଭାବିତ ନ ହୋଇ, ଅନ୍ୟର ଆଧିପତ୍ୟରୁ ଦୂରରେ ରହିବା ସହିତ କାମ, କ୍ରୋଧ ଓ ଦ୍ୱେଷଦ୍ୱାରା ବଶ ହୋଇ ବିଚଳିତ ନହେବା ଉଚିତ।

(୧୧) ପତଙ୍ଗ: ପତଙ୍ଗ ଯେପରି ନିଆଁର ଆଲୋକରେ ମୋହଗ୍ରସ୍ତ ହୋଇ ନିଜେ ମରିଯାଏ ସେହିପରି ମୋହଗ୍ରସ୍ତ ହୋଇ ସଂସାର ରୂପୀ ନରକରେ ପଡ଼ିବା ଆଦୌ ଉଚିତ ନୁହେଁ।

(୧୨) ଭ୍ରମର: ଭ୍ରମର ଫୁଲରୁ ଫୁଲକୁ ବୁଲି ମଧୁ ସଂଗ୍ରହ କଲେ ମଧ ସେ ତାହା ନିଜେ ଉପଭୋଗ କରିପାରେ ନାହିଁ। ସେହିଭଳି ସନ୍ନ୍ୟାସୀମାନେ ଛୋଟ ବଡ଼ ସମସ୍ତ ଶାସ୍ତ୍ରରୁ ସାର ଗ୍ରହଣ କରି ଜନସେବାରେ ଲଗାଇବା ଉଚିତ। ମାତ୍ର ପଦ୍ମ ସୁଗନ୍ଧରେ ଆସକ୍ତି ହୋଇ ତାହା ଭିତରେ ପଶି ରସ ସଂଗ୍ରହ କରୁଥିବା ଭ୍ରମର ସୂର୍ଯ୍ୟାସ୍ତ ପରେ ପଦ୍ମଫୁଲ ମୁଦି ହୋଇଗଲେ ତାହା ଭିତରେ ରହି ନଷ୍ଟ ହୋଇଯାଏ। ତେଣୁ ସେପରି ନହେବା ଉଚିତ। ସ୍ୱାଦ ବାସନାରେ ଗୋଟିଏ ଘରୁ ଅନ୍ନ ଖାଇଲେ ଯୋଗୀମାନେ ମଧ୍ୟ ସେହି ଘର ପ୍ରତି ନିଶ୍ଚିତ ଆକୃଷ୍ଟ ହୋଇପଡ଼ିବେ।

(୧୩) ହାତୀ: ହାତୀର ଦୃଷ୍ଟାନ୍ତ ଦେଇ ଦତ୍ତାତ୍ରେୟ କହିଲେ ଯେ ଗୋଟିଏ ମାଈ ହାତୀର ରୂପକୁ ତିଆରି କରି ହାତୀ ଧରୁଥିବା ଲୋକ ତାକୁ ଧରି ଗୋଟିଏ ବଡ଼ ଗାତ ପାଖରେ ଲୁଚି ବସି ରହିଥାନ୍ତି। ହାତୁଣୀ ଲୋଭରେ ପୁରୁଷ ହାତୀ ସେଠାକୁ ଯାଇ ଖୋଳା ଯାଇଥିବା ଗାତ ଭିତରେ ଖସିପଡ଼େ। ତେଣୁ ସେହିଭଳି ସ୍ତ୍ରୀ ଲୋକଙ୍କ ପଛରେ ଗୋଡ଼ାଇଲେ ବା ଇନ୍ଦ୍ରିୟାବଶ ହୋଇଗଲେ ତାହା ମୃତ୍ୟୁର ବାଟକୁ ଆଗକୁ ନେଇଯାଇଥାଏ।

(୧୪) ମହୁମାଛି: ମହୁମାଛି ସଞ୍ଚୟ କରି ରଖିଥିବା ମହୁକୁ ଅନ୍ୟ ଲୋକ ନେଇ ପଳାନ୍ତି। ସେହିପରି ଲୋଭୀ ମନୁଷ୍ୟର ସଞ୍ଚିତ ଧନକୁ ଅନ୍ୟମାନ ଉପଭୋଗ କରିଥାନ୍ତି। ତେଣୁ ବହୁ ଅର୍ଜିତ ଧନ କୌଣସି କାମରେ ଆସେନାହିଁ।

(୧୫) ହରିଣ: ବ୍ୟାଧର ଗୀତ ବାଦ୍ୟରେ ଆକୃଷ୍ଟ ହୋଇ ହରିଣ ସହଜରେ ଚାଲିଆସି ଓ ଶିକାରୀର କବଳରେ ପଡ଼ିଯାଏ।

(୧୬) ମାଛ: ବନିଶୀ କଣ୍ଟାରେ ଲାଗିଥିବା ସୁସ୍ୱାଦୁ ଥୋପକୁ ଲୋଭ କରି ମାଛଟି ତାକୁ ଗିଳିଦିଏ ଯାହାଫଳରେ ସେହି କଣ୍ଟା ତାହା ଗଳାରେ ଲାଗିଯିବାଦ୍ୱାରା ତାହା ହିଁ ତାହାର ମୃତ୍ୟୁର କାରଣ ହୋଇଥାଏ।

(୧୭) ପିଙ୍ଗଳା ବେଶ୍ୟା: ପିଙ୍ଗଳା ବେଶ୍ୟା ବିଭିନ୍ନ ଆଭୂଷଣ ପିନ୍ଧି ଦାଣ୍ଡଦୁଆରେ ବହୁ ସମୟ ଧରି ଠିଆ ହୋଇ ରହିଥିଲା। ସେହି ବାଟ ଦେଇ ଯିଏ ଗଲା ସେ ଭାବୁଥିଲା ଯେ ସେହି ପୁରୁଷଟି ନିଶ୍ଚିତ ଆସିବ। ସେପରି ପ୍ରତୀକ୍ଷାରେ ସେ ରାତ୍ରି ଉଜାଗର ହେଲେ ମଧ୍ୟ ତାହା ପାଖକୁ କେହି ଆସିଲେ ନାହିଁ। ତେଣୁ ଧନ ଆଶା କରିବା ହେଉଛି ସର୍ବଦା ମନ୍ଦ। ଧନୀ ଗ୍ରାହକ କେବେ ଆସିବେ ବୋଲି ଭାବି ଭାବି ତାର ଚିତ୍ତ ବ୍ୟାକୁଳ ହେଲେ ମଧ୍ୟ କ'ଣ ବା ସେ କରିପାରନ୍ତା ? ତେଣୁ ତାହା ମନରେ ବୈରାଗ୍ୟ ଆସିବାରୁ ସେ ସମସ୍ତ ଲାଳସା ତ୍ୟାଗ କରିଦେଲା।

(୧୮) କୁରର ପକ୍ଷୀ: କୁରର ପକ୍ଷୀ ମାଂସ ଖଣ୍ଡେ ଧରି ଉଡ଼ି ଚାଲିଗଲାବେଳେ ମାଂସ ଲୋଭୀ ଅନ୍ୟ ପକ୍ଷୀମାନେ ତାହା ପଛରେ ଗୋଡ଼ାଇଥାନ୍ତି। ତେଣୁ ସେ ଯେତେବେଳେ ମାଂସ ଖଣ୍ଡିକ ଛାଡ଼ି ଉଡ଼ିଯାଏ ତାହା ପଛରେ ଆଉ ଅନ୍ୟ ପକ୍ଷୀମାନେ ଗୋଡ଼ାନ୍ତି ନାହିଁ ଓ ସେ ସେମାନଙ୍କ ବିପଦରୁ ରକ୍ଷା ପାଇଯାଏ।

(୧୯) ବାଳକ: ସରଳ ଶିଶୁ ଯେପରି ନିଶ୍ଚିତ ହୋଇ ନିଜେ ଖେଳୁଥାଏ

ସେହିପରି ମୁଁ ମଧ୍ୟ ଆତ୍ମାନନ୍ଦରେ ଭୋଳ ହୋଇ ଏହି ସଂସାରରେ ବିଚରଣ କରୁଛି। ତେଣୁ ସଂସାରରେ ଦୁଇ ପ୍ରକାରର ବ୍ୟକ୍ତି ଅଛନ୍ତି ଜଣେ ହେଲା ସରଳ ଅବୋଧ ଶିଶୁ ଓ ଅନ୍ୟ ଜଣେ ଗୁଣାତୀତ।

(୨୦) କୁମାରୀ କନ୍ୟା: ଗୋଟିଏ ଝିଅକୁ ବୋହୂ କରି ନେବା ନିମନ୍ତେ ଅନ୍ୟ ଗ୍ରାମର ଲୋକମାନେ ଆସିଥିଲେ। ସେତେବେଳେ ତାହା ଘରେ କେହି ନଥିଲେ। ତେଣୁ ଅତିଥିମାନଙ୍କର ଦାୟିତ୍ୱ ଝିଅଟି ଉପରେ ପଡ଼ିଲା। ଗରିବ ଘର ହେତୁ ତା ଘରେ ଚାଉଳ ନଥିଲା। ତେଣୁ ଅତିଥିମାନଙ୍କୁ ଭାତ ଖାଇବାକୁ ଦେବାପାଇଁ ତାକୁ ଧାନ କୁଟିବାକୁ ପଡ଼ିଲା। ତାହା ହାତରେ ପିନ୍ଧିଥିବା କାଚର ଝମ୍ ଝମ୍ ଶବ୍ଦ ଫଳରେ ଅତିଥିମାନେ ତାହା କାଳେ ଜାଣିଯିବେ ସେଥିପାଇଁ ସେ ହାତର କାଚଗୁଡ଼ିକୁ ଖୋଲିଦେଲା। ବହୁତ କାଚ ପିନ୍ଧିଥିବାରୁ ଝଣ ଝଣ ଶବ୍ଦରେ ତାହାର ଗରିବ କଥାଟା ଅତିଥିମାନେ ଜାଣିପାରିଥାନ୍ତେ। ତେଣୁ ସେ ଏପରି ବୁଦ୍ଧିମାନ କାମ କରି ଘରର ସମ୍ମାନ ରଖିପାରିଥିଲା। ତେଣୁ ଯେଉଁଠାରେ ବହୁତ ଲୋକମାନେ ଏକାଠି ହୁଅନ୍ତି ସେଠାରେ କଳହର ନିଶ୍ଚିତ ଉତ୍ପତ୍ତି ହୋଇଥାଏ।

(୨୧) ଶର ନିର୍ମାତା: ଶର ନିର୍ମାଣ କରୁଥିବା ଜଣେ କମାର ନିଜ କାମରେ ଏତେ ନିମଜ୍ଜିତ ହୋଇଯାଇଥିଲା ଯେ ପାଖରେ ଯାଉଥିବା ରାଜାଙ୍କର ଏକ ଶୋଭାର ପଟୁଆର ବି ତାହା ଆଖିରେ ପଡ଼ିପାରିଲା ନାହିଁ। ତେଣୁ ଚିତ୍ତ ଆତ୍ମାରେ ସ୍ଥିର ହୋଇଗଲେ ମନର ଚଞ୍ଚଳତା ଆଉ ଅନ୍ୟତ୍ର ଯାଇପାରେ ନାହିଁ।

(୨୨) ସର୍ପ: ଯୋଗୀମାନେ ନିଜର ଗୋଷ୍ଠୀ ବା ମଣ୍ଡଳୀ ନ ଗଢ଼ି ଏକାଠି ପର୍ବତ କନ୍ଦରରେ ରହିବାର ଆବଶ୍ୟକତା ଅଛି। ସାପ ଯେପରି ମୂଷା ଗାତରେ ଶାନ୍ତିରେ ରହିଯାଏ ଯୋଗୀମାନେ ମଧ୍ୟ ଯେକୌଣସି ସ୍ଥାନରେ ରହି ଚଳିଯିବା ଉଚିତ।

(୨୩) ବୁଢ଼ିଆଣୀ: ବୁଢ଼ିଆଣୀ ଯେପରି ନିଜ ଦେହ ସୂତାରେ ଜାଲ ତିଆରି କରି ସେଥିରେ ବିହାର କରୁଥାଏ ଓ ପୁଣି ତାହାକୁ ଗିଳିଦିଏ। ଭଗବାନ ମଧ୍ୟ ସେହିପରି ନିଜ ଭିତରୁ ଜଗତ ଉତ୍ପତ୍ତି କରି ଜୀବ ରୂପରେ ବୁଲିଥାନ୍ତି। ଏଥିରୁ ବୁଝିବା ଉଚିତ ଯେ ବିଶ୍ୱ ହେଉଛି ସେହି ପରମାତ୍ମାଙ୍କର ସ୍ୱରୂପ।

(୨୪) କୁମ୍ଭାର ପୋକ: କୁମ୍ଭାର ପୋକ ଅନ୍ୟ କୀଟଗୁଡ଼ାଙ୍କୁ ଧରିଆଣି ନିଜ ଗାତ ଭିତରେ ରଖିଦିଏ ଓ ବାରମ୍ବାର ସେଠାକୁ ଆସି ଘୁଁ ଘୁଁ ଶବ୍ଦରେ ତାକୁ ଡରାଇଥାଏ। ଏଥିରେ ଭୟଭୀତ ହୋଇ କୀଟଟି ନିଜର ଦେହ ତ୍ୟାଗ ନକରି ସେହିଭଳି ଶରୀର ଧାରଣ କରିଦିଏ। ସୁତରାଂ ପରମାତ୍ମାଙ୍କୁ ଚିନ୍ତାକରି ଚାଲିଲେ ବି ମନୁଷ୍ୟ ତାଙ୍କୁ ନିଶ୍ଚୟ ପାଇପାରିବ। ତେଣୁ ହେ ରାଜା ମୋର ଦେହ ହେଉଛି ମୋର ଗୁରୁ ଯାହାକି ମୋତେ ବୈରାଗ୍ୟ ତଥା ବିବେକର ଉପଦେଶ ଦେଇଥାଏ। ତେଣୁ ଦୁଃଖ ଏବଂ ସୁଖ ପ୍ରତ୍ୟେକ ଜୀବ ସହିତ ଥାଏ। କିନ୍ତୁ ଏହା ସତ୍ତ୍ୱେ ଯୋଗୀମାନେ ଭଗବାନଙ୍କ ନିକଟରେ ସମର୍ପିତ ହୋଇ ତାଙ୍କର ଚିନ୍ତନ କରିଥାନ୍ତି।

# ଓଡ଼ିଆ ଅସ୍ମିତା ଓ ଓଡ଼ିଆ ଶ୍ରୀମଦ୍ ଭାଗବତ



ଡାକ୍ତର ଅଂଶୁମାନ କର
ଅନନ୍ୟ ନିକେତନ ଏନ୍-୧/
୧୮୩, ଭୁବନେଶ୍ୱର
ମୋ: ୯୭୭୮୦୩୦୪୯୪

ଆଜି ସବୁସ୍ଥାନରେ ଓଡ଼ିଆ ଅସ୍ମିତାର ଚର୍ଚ୍ଚା। ଲାଗୁଛି ଯେମିତି ମଧୁବାବୁଙ୍କ ସେଇ ଡାକ 'ଉଠରେ ଉଠରେ ଉତ୍କଳ ସନ୍ତାନ ଉଠିବୁ ଆଉ ତୁ କେତେ ଦିନେ' ଆଜି ଚର୍ତୁଦ୍ଦିଗକୁ ପ୍ରକମ୍ପିତ କରୁଛି। ଓଡ଼ିଆ ଆଜି ପୁଣି ନିଜ ଅସ୍ତିତ୍ୱ, ନିଜ ଅସ୍ମିତା ଓ ନିଜ ଆସ୍ଥାକୁ ଖୋଜିବାକୁ ଆରମ୍ଭ କରିଛି। ଗୋଟିଏ ପିଢି ପୁଣି 'ଜାତି ନନ୍ଦିଘୋଷ'କୁ ଟାଣିବାକୁ ଅଣ୍ଟା ଭିଡୁଛି। ହେଲେ ରଥକୁ ଦିଗ ନିର୍ଦ୍ଦେଶ ଦେଖେଇବାକୁ ଡାହୁକ କିଏ ହେବ ତାହା ବିଚାର ଯୋଗ୍ୟ। ଓଡ଼ିଶା ପ୍ରଦେଶ ଗଠନ ସମୟରେ ମଧୁବାବୁ, ଫକୀରମୋହନ, ଗୋପବନ୍ଧୁ ଆଦିଙ୍କ ପଥ ପ୍ରଦର୍ଶନ କରିଥିଲେ ପଞ୍ଚସଖା, ଭଞ୍ଜ, ଅଭିମନ୍ୟୁ ଆଦି ରୀତି ଯୁଗୀୟ ସ୍ରଷ୍ଟା ମାନେ। ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ଦେଲା ସମୟରେ ମଧ୍ୟ ଏହି ରଥି ମାନେ ହିଁ ଜାତିର ପରିଚୟକୁ ରକ୍ଷା କରିଥିଲେ। ଆଉ ଆଜି ପୁଣି ଯେତେବେଳେ ଅସ୍ମିତାର ପୁନର୍ଜାଗରଣର ସମୟ ଆସିଛି ସେତେବେଳେ ଏହି ମହାନ ସାରସ୍ୱତ ସାଧକ ମାନଙ୍କୁ ହିଁ ଜାତି ସ୍ମରଣ କରିବା ଉଚିତ। ତେବେ ଡାହୁକ ହୋଇ ରଥର ପଥ ନିର୍ଦ୍ଧାରଣ କରିବାରେ ଯାହାଙ୍କ ଅବଦାନ ବିଶେଷ ସେ ହେଉଛନ୍ତି ଅତିବଡି ଜଗନ୍ନାଥ ଦାସ ଓ ତାଙ୍କ ଦ୍ୱାରା ରଚିତ ଓଡ଼ିଆ ଶ୍ରୀମଦ ଭାଗବତ। ବ୍ୟାସଦେବ କୃତ 'ଶ୍ରୀମଦ୍ ଭାଗବତ' ସମଗ୍ର ବିଶ୍ୱ ସାହିତ୍ୟରେ ଏକ ଅନବଦ୍ୟ ଭକ୍ତିଗ୍ରନ୍ଥ ରୂପେ ସ୍ୱୀକୃତ। ବହୁ ଭାରତୀୟ ମନୀଷୀ ଏବଂ କତିପୟ ବିଦେଶୀୟ ପଣ୍ଡିତ ଏହି ମହାନ୍ ଗ୍ରନ୍ଥର ଅନୁବାଦ, ଭାଷ୍ୟ, ଟୀକା, ଟିପ୍ପଣୀ ଆଦି କରିଥିବା ବେଳେ ଅତିବଡିଙ୍କ ଭାଗବତର ପଦାବଳୀ ମୌଳିକ ଭାଗବତର ଆକ୍ଷରିକ ଅନୁବାଦ ନ ହୋଇଥିଲେ ମଧ୍ୟ ରଚନା-ଶୈଳୀ ଏଭଳି ପଲ୍ଲବିତ ଓ ପୁଷ୍ପିତ ଯେ ସଂସ୍କୃତ ଅନଭିଜ୍ଞ ଜନସାଧାରଣଙ୍କ ଠାରୁ ପଣ୍ଡିତମାନଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ହୃଦୟକୁ ଏହା ଗଭୀର ଭାବେ ସ୍ପର୍ଶ କରିପାରିଛି। ଏହି ଧାରାରେ ଉତ୍କଳୀୟ ସାମାଜିକ ଚେତନା ଓ ପ୍ରସଙ୍ଗକୁ ଯେପରି ଭାବେ ଜଗନ୍ନାଥ ଦାସ ତାଙ୍କ ଭାଗବତରେ ପ୍ରକାଶ କରିଛନ୍ତି ଉତ୍କଳୀୟ ସଂସ୍କୃତିକୁ ଭାଗବତ ସଂସ୍କୃତି କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ ବୋଲି ଏହା ଏହି ଲେଖକର ଦୃଢ଼ ମତ। ଓଡ଼ିଆ ଜାତିର ଶ୍ରୀ ଜଗନ୍ନାଥ ଯେପରି ଅତିପ୍ରିୟ ଓ ଆପଣାର ସେହିପରି ସନ୍ଥକବି ଜଗନ୍ନାଥ ଦାସ କୃତ ଓଡ଼ିଆ ଭାଗବତ ମଧ୍ୟ ଅତିପ୍ରିୟ ଓ ଆପଣାର। ସେଥିପାଇଁ ଓଡ଼ିଶାର ଘରେ ଘରେ ଓ ଗ୍ରାମେ ଗ୍ରାମେ ଭାଗବତ ଗାଦି ଟୁଙ୍ଗୀ ସ୍ଥାପନ ହୋଇଥିଲା। ଏଥିରୁ ସ୍ପଷ୍ଟ ଅନୁମିତ ହୁଏ ଯେ, ଜଗନ୍ନାଥ ଦାସଙ୍କ ଭାଗବତ ଓଡ଼ିଆ ଜାତିର ସର୍ବ-ଧର୍ମ-ସମନ୍ୱିତ ଧର୍ମଧାରଣାକୁ ଯେ କେବଳ ପ୍ରଭାବିତ କରିଛି ତାହା ନୁହେଁ, ଓଡ଼ିଆ ଜାତୀୟ ଜୀବନଧାରାକୁ ମଧ୍ୟ ଗଭୀର ଭାବରେ ରୂପାନ୍ତରିତ କରିଛି। ବିଗତ ୫୦୦ ବର୍ଷ ଧରି ଏହି କାବ୍ୟ-ଗ୍ରନ୍ଥ ଓଡ଼ିଆ ଭାଷା, ସାହିତ୍ୟ, ସମାଜ ଓ ସଂସ୍କୃତିର ଶ୍ରୀବୃଦ୍ଧି ସାଧନରେ ସହାୟକ ହୋଇ ପାରିଛି। ତେଣୁ ଯେତେବେଳେ ଆମେ ଓଡ଼ିଆ ଅସ୍ମିତା କଥା କହିବା ସେତେବେଳେ ଓଡ଼ିଆ ଭାଗବତକୁ ସର୍ବାଗ୍ରେ ରଖିବାକୁ ହିଁ ପଡିବ। ସାଧାରଣ ଅଗଣିତ ନିରକ୍ଷର ଅର୍ଦ୍ଧଶିକ୍ଷିତ ପାଠକ-ଶ୍ରୋତାଙ୍କ ଅବବୋଧକୁ ଦୃଷ୍ଟିରେ ରଖି ସଂସ୍କୃତ ଭାଗବତର ଭାବ ସମୂହକୁ ଜନସାଧାରଣଙ୍କ ଭାଷାରେ ରୂପାୟିତ କରି ଜଗନ୍ନାଥ ଦାସ ଏକ ଜାତୀୟ କର୍ତ୍ତବ୍ୟ କରି ଓଡ଼ିଆ ଜାତିର ଚିର ନମସ୍ୟ ଓ ଚିରସ୍ମରଣୀୟ। ଶ୍ରୀମଦ ଭାଗବତର କେବଳ ଏକାଦଶ ସ୍କନ୍ଧକୁ ଯଦି ଆମେ ଅଧ୍ୟୟନ କରିବା ତା'ହେଲେ ଏହା ଜାଣିପାରିବା। ଏହି ସ୍କନ୍ଧରେ ବିଭିନ୍ନ ପ୍ରସଙ୍ଗ ଛଳରେ ଜଗନ୍ନାଥ ଦାସ ଯେଉଁ ଗୁଢ଼-ତତ୍ତ୍ୱ ସବୁକୁ ପ୍ରକାଶ କରିଛନ୍ତି ତା' ଉପରେ ତତ୍କାଳୀନ ଓଡ଼ିଆ ସାମାଜିକ ଚିନ୍ତନର ଏକ ଉନ୍ନତ ପ୍ରଭାବ ଥିବା ସ୍ପଷ୍ଟ ଏବଂ ଏହି ସ୍କନ୍ଧରେ ବର୍ଣ୍ଣିତ ଅଧ୍ୟାତ୍ମିକ ଚିନ୍ତନ ଆଜକୁ ୫୦୦ ବର୍ଷ ହେବ ଓଡ଼ିଆ ଆଧାତ୍ମ ଚେତନାକୁ ପ୍ରଭାବିତ କରି ଆସୁଛି। ତେଣୁ ଆଜି ଓଡ଼ିଆ ଅସ୍ମିତା ଓ ଓଡ଼ିଆ ଭାଗବତ ବିଷୟରେ ସୂଚନା ଦେଲା ବେଳେ ଏହି ଏକାଦଶ ସ୍କନ୍ଧର କିଛି ମୂଳ ବାର୍ତ୍ତାକୁ ପ୍ରକାଶ କରୁଛି। ଓଡ଼ିଶାର ପ୍ରତ୍ୟେକ ଓଡ଼ିଆ ହିନ୍ଦୁ ଜନସାଧାରଣଙ୍କ ଘରେ ଖଣ୍ଡିତ ଏକାଦଶ ସ୍କନ୍ଧ ସଂରକ୍ଷିତ ହୋଇଥିବାର ଦେଖାଯାଏ। ଏହାର କାରଣକୁ ନିମ୍ନ ମତେ ଆଲୋଚନା କରିବା-

୧) ଶ୍ରୀକୃଷ୍ଣ ଲୀଳାର ପରିସମାପ୍ତି : (ପ୍ରଥମ ଅଧ୍ୟାୟ)

ଶୁକ ଉବାଚ- 'ଦେବଙ୍କ ବ୍ୟାକୁଳେ ମୁରାରି, ଅବନୀ ତଳେ ଅବତରି ।।୧୭
ଅଂଶେ ମନୁଷ୍ୟ ରୂପ ଧରି, ଯାଦବ ତୁଲେ ରାମହରି ।।୧୮।।
ଦୁଷ୍ଟ ଦନୁଜଗଣ ମାରି, ଅବନୀଭାରା ହେଲେ ହରି ।।୧୯

ଶ୍ରୀମଦ୍ ଭାଗବତରେ ଶ୍ରୀ କୃଷ୍ଣଙ୍କର ଯେଉଁ ମାନବୀୟ ଲୀଳାର ଅବତାରଣା କରାଯାଇଛି, ସେ ଅବତାର ପରିସମାପ୍ତି ଏହି ସ୍କନ୍ଧରେ ବର୍ଣ୍ଣନା କରି ଶୁକ ମୁନି ରାଜା ପରୀକ୍ଷିତଙ୍କୁ କହିଲେ-

"କଳି ଭିଆଇ ନିଜ ବଂଶେ, ସଂହାରି ବିଶ୍ରମିବି ଶେଷେ ।।୩୩
"ସେ କାଳ ରୂପୀ ଭଗବାନ, ଜାଣଇଁ ସକଳ ବିଧାନ
ଖେଳାଇ ମାୟାମୟ କଳ୍ପେ, ସେ ପ୍ରଭୁ ଉରେ ବ୍ରହ୍ମଶାପେ
କୁଳ ବିନାଶ ହେତୁ କରି, ଅବନୀ ଭାରା ହେଲେ ହରି ।।ପ୍ରଥମ ଅଧ୍ୟାୟ : (୩୨-୩୪)

୨) ବିଦେହ ନରେଶ ଓ ନବମୁନିଙ୍କ ଆଲୋଚନା : (ତୃତୀୟ ଅଧ୍ୟାୟ)

ଏହି ଅଧ୍ୟାୟରେ ପ୍ରତ୍ୟକ ମନୁଷ୍ୟ କିପରି ସୁପଥରେ ପରିଚାଳିତ ହୋଇ ପାରିବା ତାହାର ବର୍ଣ୍ଣନା ଅଛି। ବିଦେହ ନରେଶଙ୍କୁ ନବମୁନିମାନେ ହରିଙ୍କ ଦ୍ୱାରା କୃଷ୍ଣ ଭକ୍ତର ପରିଚୟ ବିଷୟରେ କହିବାକୁ ଯାଇ କହୁଛନ୍ତି- ଭକ୍ତ ହେଲେ ୩ ପ୍ରକାର

"ସକଳ ଦେହେ ନାରାୟଣ, ବସନ୍ତି ଅନାଦି କାରଣ।।
ସେ ନାରାୟଣ ଦେହଗତେ , ବସନ୍ତି ଭାବ ଅନୁମତେ ।।
ଏଭାବେ ଦୃଢ ଯାର ମନ , ସେ ପ୍ରାଣି ଭକ୍ତ ଉତ୍ତମ।।

ଭକ୍ତ ଶ୍ରେଣୀରେ ଭକ୍ତ ହେଲେ ଉତ୍ତମ ଭକ୍ତ (୩ୟ : ୧୧-୧୩)

" ଈଶ୍ୱର ଠାରେ ପ୍ରେମ କରେ, ମିତ୍ର ଭାବନା ସାଧୁଠାରେ।
କରୁଣା ଅଜ୍ଞାନ ଲୋକରେ, କରେ ଉପେକ୍ଷା ଶତ୍ରୁଠାରେ ।
ସେ ଭକ୍ତ ମଧ୍ୟମ ଅଟଇ, ଯେଣୁ ସେ ଭେଦକୁ ଦେଖଇ।। (୩ୟ ( ୧୪-୧୬)

ଯେଉଁ ମାନେ ଏହି ପ୍ରକାର ଭେଦ କରି ମଣିଷ୍ୟକୁ ବ୍ୟବହାର କରନ୍ତି ସେମାନେ ହେଲେ ମଧ୍ୟମ ଭକ୍ତ।

"ପ୍ରତିମାଠାରେ ଶ୍ରଦ୍ଧା ବହି, ହରି ପୂଜାକୁ ଯେ କରଇ।।
ନ ସେବେ ବିଷ୍ଣୁର ସେବକ, ଇତର ମଣେ ଅନ୍ୟଲୋକ।।
ତାକୁ ପ୍ରାକୃତ ବୋଲି କହି, ତଥାପି ଭକ୍ତ ସେ ବୋଲାଇ ।। ( ୧୭-୧୯)

ବାସୁଦେବାଦି ମୂର୍ତ୍ତି ଉପାସକ ମଧ୍ୟ ଭକ୍ତ ଶ୍ରେଣୀରେ ଆସିବେ ବୋଲି ବର୍ଣ୍ଣନା ଅଛି। ଏହି ପରି ଭାବେ ଉତ୍ତମ-ମଧ୍ୟମ-ପ୍ରାକୃତ ଭକ୍ତର ଚରିତ୍ର ଚିତ୍ରଣ ଆଳରେ ସମାଜରେ ଥିବା ଭଗବତ ଚିନ୍ତନକୁ ଅତିବଡି ଖୁବ୍ ସରଳ ମାତ୍ର ଗଭୀର ଭାବେ ବର୍ଣ୍ଣନା କରିଛନ୍ତି।

୩) ଶ୍ରୀକୃଷ୍ଣ- ଉଦ୍ଧବଙ୍କ କଥୋପକଥନ :

ଏହି କଥୋପକଥନ ଛଳରେ ପ୍ରତ୍ୟେକ ମନୁଷ୍ୟର ଜୀବନ ଚର୍ଯ୍ୟାକୁ ସମ୍ବନ୍ଧରେ ଯେଉଁ ଉପଦେଶମାନ ଏକାଦଶସ୍କନ୍ଧରୁ ମିଳେ, ତାହା ଜୀବନର ଗତିପଥରେ, ବିଶେଷତଃ ଏହି ଘୋର ଅନ୍ଧକାରମୟ ଭବ ସଂସାରରେ ଗୋଟିଏ ଗୋଟିଏ ଆଲୋକ ବର୍ତ୍ତିକା-ଜନ୍ମ ଓ ମୃତ୍ୟୁର ଉଚ୍ଚ ଚିନ୍ତନକୁ ବୃକ୍ଷ ସହ ତୁଳନା କରି ଜଗନ୍ନାଥ ଦାସ ଲେଖିଲେ -

"ବୃକ୍ଷଙ୍କ ଧର୍ମ ପ୍ରାୟ ଦେହୀ, ଜନ୍ମିଲେ ଅବଶ୍ୟ ମରଇ।।
ଏଣୁ ଅନିତ୍ୟ ଦେହେ ମୁହିଁ, କେବେ ହେଁ ବିଶ୍ୱାସ ନ ଯାଇ।।
"ଇନ୍ଦ୍ରିୟେ ଏହାକୁ ଆବୋରି, ଭୁଞ୍ଜନ୍ତି ଜଣେ ଜଣେ କରି
ଶ୍ମଶାନେ ମୃତପିଣ୍ଡ ଯେହ୍ନେ, ଶ୍ୱାନ ଶୃଗାଳଙ୍କ ବଦନେ

ଏହି ଶରୀରକୁ ଇନ୍ଦ୍ରିୟମାନେ ଲାଳସା ଦ୍ୱାର ଧରି ରଖିଥିବା ବେଳେ ଶ୍ମଶାନରେ ଏହି ଶରୀର ମହତ୍ତ୍ୱ ହେଲା କୁକୁର ଓ ଶାଗୁଣାର ଭୋଜନ ମାତ୍ର। ପୁଣି ମନୁଷ୍ୟ ଜୀବନ ଯେ ଈଶ୍ୱରଙ୍କ ଶ୍ରେଷ୍ଠ ସୃଷ୍ଟି ତା'କୁ କହିବାକୁ ଯାଇ ଗୋସେଇଁ ଲେଖିଲେ -

"ଆତ୍ମା କ୍ରୀଡନେ ନରହରି, ପୂର୍ବେ ଅନେକ ସୃଷ୍ଟି କରି।
ସଂସାରେ ଖେଳି ନାନା ମତେ, ସନ୍ତୋଷ ନ ଲଭିଲା ଚିତ୍ତେ।।
ଏଣୁ ମାନବ ସୃଷ୍ଟି କଲା, ଯହିଁ ବିଶ୍ରାମ ସର୍ବ ଲୀଳା।।

ତେଣୁ କେବଳ ଶୁଭକର୍ମ ଦ୍ୱାରା ଭଗବାନଙ୍କ କୃପାରୁ କୋଟି କୋଟି ଯୋନି ଭ୍ରମଣ କରି ଗୋଟିଏ ଆତ୍ମା ମଣିଷ ଯୋନିରେ ଜନ୍ମ ହୋଇ ଥାଏ

"ଭାଗ୍ୟେ ଦୁର୍ଲ୍ଲଭ ଦେହ ପାଇ, ଯାହାର ଜ୍ଞାନ ପ୍ରକାଶଇ
ଜଗତ ଦେଖେ ବିଷ୍ଣୁମୟେ, ସେ ନ ପଡଇ ମାୟା ମୋହେ।।

ସେହିପରି ଭାବେ ଯଦୁରାଜ ଓ ଅବଧୂତଙ୍କ ଆଲୋଚନା ପ୍ରସଙ୍ଗରେ ଚବିଶ ଗୁରୁଙ୍କ ଅବତାରଣା ଏକାଦଶ ସ୍କନ୍ଧକୁ ମୋକ୍ଷକାମୀ ଭଗବଦ୍ ଭକ୍ତିଭାବାପନ୍ନ ବ୍ୟକ୍ତି ମାନଙ୍କୁ ଆକୃଷ୍ଟ କରିଛି।

"ଜନ୍ମ- ମରଣ ଶୋକ ମୋହ, ସୁଖ-ଦୁଃଖ ଆଦି ସଂଶୟ।।
କେବଳ ମାୟାଭ୍ରମ ଏହି, ଏଣେ ଜୀବର ଭେଦ ନାହିଁ ।।
ସ୍ୱପ୍ନେ ଦେଖଇ ପ୍ରାଣୀଯାହା, ନିଦ୍ରା ବୋଧନେ ହୋଏ ମାୟା
ବିଦ୍ୟା ଅବିଦ୍ୟା ମୋର ଦେହ, ବନ୍ଧ ମୋକ୍ଷହିଁ ମାୟାମୟ
ଏ ଦୁଇ ମଧ୍ୟେ ମୋର ଅଂଶ, ଜୀବନ ସ୍ୱରୂପେ ପ୍ରକାଶ।

ଅନେକ ଉଚ୍ଚ ଚିନ୍ତନର ସାରାଂଶ ଏହି ପଦରେ ରହିଛି। ସର୍ବଧର୍ମରେ ଏହି କଥା ହିଁ କୁହାଯାଇଛି ଯେ, Life is nothing but that which is between birth and death ଏହିପରି ଭାବେ ଏକାଦଶ ସ୍କନ୍ଧରେ ବର୍ଣ୍ଣିତ ସାଂଖ୍ୟ, କର୍ମ, ଜ୍ଞାନ, ଆଦି ଯୋଗର ବିଷୟରେ ଭାଗବତରେ ପଦେ ପଦେ ଗୋଟିଏ ଜାତିର ଉନ୍ନତ ଚିନ୍ତାର ବାସନା ବିତରଣ କରିଛନ୍ତି ଜଗନ୍ନାଥ ଦାସ। ତେଣୁ ଦୀର୍ଘ ୫୦୦ ବର୍ଷ ତଳେ ଓଡ଼ିଆ ଭାଷାକୁ ସୁସଂଯତ ତଥା ଶୃଙ୍ଖଳିତ କରିବା ପାଇଁ, ଅତିବଡି ଜଗନ୍ନାଥ ଦାସ ଯେଉଁ ପ୍ରାଞ୍ଜଳ ଅନୁବାଦ କରିଛନ୍ତି, ତାହା ଆମ ଭାଷାର ଏକ ଆଦର୍ଶଗ୍ରନ୍ଥ ହୋଇ ପାରିଛି।

# ବିଶ୍ୱ କଲ୍ୟାଣକାରୀ ଭାଗବତ ଧର୍ମ



ଗୀତାଞ୍ଜଳି କର
ମୋ -୭୦୦୮୯୪୭୫୨୬
ଝାଞ୍ଜିରୀମଙ୍ଗଳା, ମିଶ୍ର ବିଲ୍ଡ,
କଟକ ୭୫୩୦୦୯

ରସାପ୍ଲୁତ ଶ୍ରୀମତଭାଗବତ ଭକ୍ତି, ଜ୍ଞାନ, ବୈରାଗ୍ୟ ଓ ତତ୍ତ୍ୱର ଭଣ୍ଡାର । ଅଷ୍ଟାଦଶ ପୁରାଣର ସାରବସ୍ତୁ ହେଉଛି ଭାଗବତ ମହାପୁରାଣ । ଏଥିରେ ଭଗବାନ ଶ୍ରୀକୃଷ୍ଣଙ୍କ ଜୀବନ ଲୀଳାର ପୂର୍ଣ୍ଣ ବର୍ଣ୍ଣନା କରାଯାଇଛି । ଏହାକୁ ଶୁଣିବା ଦ୍ୱାରା ଆଧାତ୍ମିକ ବିକାଶ ହୋଇଯାଏ ଏବଂ ଈଶ୍ୱରଙ୍କ ପ୍ରତି ଭକ୍ତି ବଢିଯାଏ। 'ଶ୍ରୀମତ'ର ଅର୍ଥ ହେଉଛି ପବିତ୍ର। ଭାଗବତର ଅର୍ଥ ବିଷ୍ଣୁଙ୍କ ଅନୁଗାମୀ । ତେଣୁ ବିଷ୍ଣୁଙ୍କ ପବିତ୍ର କଥାମୃତ ହେଉଛି ଶ୍ରୀମତଭାଗବତ । ପଞ୍ଚମହାଭୂତ ଅର୍ଥାତ ପୃଥ୍ୱୀ, ଆକାଶ, ଜଳ ବାୟୁ, ଅଗ୍ନିକୁ ଭାଗବତ ସଂକେତ ଦିଏ । ପଞ୍ଚମହାଭୂତରେ ଜୀବନ ଆବିଷ୍ଟ । ତେଣୁ ଜୀବର କଲ୍ୟାଣ ନିମିତ୍ତ ଭାଗବତର ବଚନାମୃତ କଳ୍ପଦ୍ରୁମ ସଦୃଶ । ଶ୍ରୀମତଭାଗବତ କଥା ଶ୍ରବଣରେ ଜୀବର ଜନ୍ମ ଜନ୍ମାନ୍ତରର ବିକାର ନଷ୍ଟ ହୋଇଯାଏ। ଜ୍ଞାନଦାୟକ ଭାଗବତ ଆଧ୍ୟାତ୍ମିକତା ଜାଗରଣ କରି ବିଷୟାରସର ମୋହମାୟାକୁ ଦୂର କରେ। ଭାଗବତ ଅମୃତକୁ ଯିଏ ଆସ୍ୱାଦନ କରିଛି ସେ ସକଳ ଭୟରୁ ପାର ହୋଇଯାଏ । ତ୍ରିତାପଜନିତ ଶଙ୍କା ମନରେ ରହେ ନାହିଁ । କାରଣ ଏ ମର ଲୋକରେ ତ ପ୍ରାଣୀକୁ ଚାରିଆଡୁ ମୃତ୍ୟୁ ଭୟ ସଦା ଘେରି ରହିଛି । ଭାଗବତ ଧର୍ମରେ ପରିଚାଳିତ ମନୁଷ୍ୟକୁ କେବେ ଭୟ ଆସେ ନାହିଁ । ଭାଗବତ ଧର୍ମର କଥାବସ୍ତୁ କର୍ଣ୍ଣରେ ଶ୍ରବଣ, ମୁଖରେ ଉଚ୍ଚାରଣ, ଚିତ୍ତରେ ସ୍ମରଣ, ହୃଦୟରେ ଆଦର ଓ ଅନୁମୋଦନ କଲେ ମନୁଷ୍ୟ ପବିତ୍ର ହୋଇଯାଏ । ଜୀବର ଦୁଷ୍ଟ ସ୍ୱଭାବ ପରିବର୍ତ୍ତିତ ହୁଏ । କାରଣ ଭଗବାନ ହେଉଛନ୍ତି ପରମ କଲ୍ୟାଣସ୍ୱରୂପ । ତାଙ୍କର ନାମ ଶ୍ରବଣ ଓ କୀର୍ତ୍ତନ ମାତ୍ରେ ବହୁ ପୁଣ୍ୟ ପ୍ରାପ୍ତ ହୁଏ । ତେଣୁ ମନୁଷ୍ୟ ଜୀବନଚର୍ଯ୍ୟା ମଧ୍ୟରେ ନୈତିକ ଭାଗବତ ଧର୍ମକୁ ପାଳନ କରିବା ମଙ୍ଗଳପ୍ରଦ । କାରଣ ଭାଗବତ କହେ...

' ଏହା ଯେ କର୍ଣ୍ଣରେ ଶୁଣଇ
ବ୍ରହ୍ମତେଜ ତାର ବଢଇ
ସକଳ କଳୁଷ ନାଶଇ
ଅନ୍ତେ ଯେ ବଇକୁଣ୍ଠେ ଯାଇ '

ଭାଗବତ ଧର୍ମ କାହିଁକି ପରମକଲ୍ୟାଣକାରୀ ଏ ସମ୍ବନ୍ଧରେ ଶ୍ରୀମତଭାଗବତ ମହାପୁରାଣର ଏକାଦଶ ସ୍କନ୍ଧରେ ଦେବର୍ଷି ନାରଦ ବସୁଦେବଙ୍କୁ କହିଥିଲେ । କାରଣ ସଂସାରରୂପୀ ଦୁଃଖରୁ ନିସ୍ତାର ପାଇଁ ବସୁଦେବ ନାରଦଙ୍କୁ ପଚାରିଥିଲେ । ନାରଦ ଭଗବାନଙ୍କର କୃପାଯୁକ୍ତ ଗୁଣସବୁକୁ ସ୍ମରଣ କରି ତନ୍ମୟ, ତଲ୍ଲୀନ ହୋଇ କହିଲେ ହେ ଯଦୁକୁଳ ଶ୍ରେଷ୍ଠ ବସୁଦେବ ସୁନ୍ଦର ପ୍ରଶ୍ନଟିଏ କଲ । ଏହି ପ୍ରଶ୍ନ ମୋତେ ମୋ ଇଷ୍ଟ ଆଦିପୁରୁଷ ଭଗବାନ ନାରାୟଣଙ୍କ କଥା ସ୍ମରଣ କରାଇଦେଲା। ନାରଦ ଭାବ ବିହ୍ୱଳ ହୋଇ ଦୁଃଖରୁ ନିସ୍ତାର ପାଇଁ ଭାଗବତଧର୍ମର ମହତ୍ତ୍ୱ ବିଷୟରେ କହିଥିଲେ । ସେ ବସୁଦେବଙ୍କୁ ଏକ ପ୍ରାଚୀନ ଉପାଖ୍ୟାନ ମାଧ୍ୟମରେ ବର୍ଣ୍ଣନା କରି କହିଥିଲେ...

ଥରେ ବିଦେହ ରାଜା ନିମି ଯଜ୍ଞକରୁଥିଲାବେଳେ ନବ ଯୋଗେଶ୍ୱର ଆଗମନ କଲେ । ଯଥୋଚିତ ଆଦର, ସମ୍ମାନ ଜଣାଇ ନିମି କହିଲେ ମୋର ପରମ ସୌଭାଗ୍ୟ ମୁଁ ଆପଣମାନଙ୍କ ସାନିଧ ଲାଭ କଲି । କାରଣ ଏହି ନବଯୋଗେଶ୍ୱର ଥିଲେ ଋଷଭଦେବଙ୍କ (ବିଷ୍ଣୁଙ୍କ ଅଂଶାବତାର )ଶହେ ପୁତ୍ରଙ୍କ ମଧ୍ୟରୁ ଶେଷ ନଅଜଣ ପୁତ୍ର। ଏମାନେ ଥିଲେ ଦିଗମ୍ବର, ସନ୍ୟାସୀ ଏବଂ ଆତ୍ମବିଦ୍ୟାରେ ପାରଙ୍ଗମ । କବି, ହରି, ଅନ୍ତରୀକ୍ଷ, ପ୍ରବୁଦ୍ଧ, ପିପ୍ପଳାୟନ, ଆବିହୋତ୍ର, ଦ୍ରୁମିଳ, ଚମସ ଏବଂ କରଭାଜନ ମହାତ୍ମାଗଣ ସକଳ ବିଶ୍ୱକୁ ଭଗବାନଙ୍କସ୍ୱରୂପ ହିଁ ମଣୁଥିଲେ । 'ସତ୍ୟମ ପରମ ଧୀମହୀ' ଅର୍ଥାତ ଏମାନେ ସତ୍ୟର ସ୍ୱରୂପକୁ ସର୍ବଦା ଅନ୍ୱେଷଣ କରନ୍ତି ଯାହା ଅଦ୍ୱୈତ ଅଟେ। ସାଂସାରିକ କର୍ମ ବାସନା ହିଁ ଦ୍ୱୈତ୍ୱିଦକୁ ଆଗେଇ ନିଏ ।

ନାରଦ ନବଯୋଗେଶ୍ୱର ଓ ନିମି ରାଜାଙ୍କ କଥୋପକଥନକୁ ବସୁଦେବଙ୍କ ଆଗରେ ବ୍ୟାଖ୍ୟା କରି କହିଲେ.. ନିମି ରାଜା ନବଯୋଗେଶ୍ୱରଙ୍କୁ ନିଜର ପରମ କଲ୍ୟାଣ ପାଇଁ ଭାଗବତଧର୍ମ ଶ୍ରବଣ କରାଇବାକୁ ପ୍ରାର୍ଥନା କଲେ। ନବଯୋଗୀମାନେ ନିମିଙ୍କ ପ୍ରାର୍ଥନା ସ୍ୱୀକାର କରି ଭାଗବତ ଧର୍ମ ଚର୍ଚ୍ଚା ଆରମ୍ଭ କଲେ । ମହାତ୍ମା 'କବି 'କହିଲେ ଜୀବର କଲ୍ୟାଣ ନିମିତ୍ତ ଭଗବାନ ଅଚ୍ୟୁତଙ୍କ ଚରଣରେ ସମ୍ପୂର୍ଣ୍ଣ ଶରଣାପନ୍ନ ହୋଇଯିବା ହିଁ ସର୍ବୋତ୍କୃଷ୍ଟ ସାଧନା । ଅର୍ଥାତ ମନୁଷ୍ୟ ନିଜର ଶରୀର, ବାଣୀ, ମନ, ଇନ୍ଦ୍ରିୟ, ବୁଦ୍ଧି ଓ ଅହଂକାର ଦ୍ୱାରା ଯାହାକିଛି କର୍ମ କରେ ସେ ସବୁକୁ ତାଙ୍କ ପାଖରେ ସମର୍ପଣ କରିଦେବା ହିଁ ଭାଗବତ ଧର୍ମର ପାଳନ । କାରଣ ଭଗବାନଙ୍କୁ ଛାଡି ଅନ୍ୟବସ୍ତୁରେ ମନୋନିବେଶ କଲେ ଅସତ ବସ୍ତୁ ପ୍ରତି ଆସକ୍ତି ବଢିଯାଏ। ଏ ଭଳି ଅଜ୍ଞାନରୁ ମୁକ୍ତି ପାଇବାପାଇଁ ପରମାତ୍ମାଙ୍କର ଶରଣରେ ରହିବା ଆବଶ୍ୟକ। ପ୍ରତିକ୍ଷଣରେ ଭଗବାନଙ୍କ ଚରଣ କମଳକୁ ଧ୍ୟାନ କରିବାରେ ପ୍ରେମାନନ୍ଦ ଭକ୍ତି, ବୈରାଗ୍ୟ ତଥା ଜ୍ଞାନ ପ୍ରାପ୍ତ ହୋଇଥାଏ ଯାହା ପାଇଁ ଆତ୍ମୋଦ୍ଧାର ହୋଇଯାଏ।

ରାଜା ନିମି ପଚାରିଲେ ଯୋଗିଗଣ ମୋତେ ଭାଗବତ ଭକ୍ତଙ୍କ ଲକ୍ଷଣ ସମ୍ବନ୍ଧରେ କୁହନ୍ତୁ। ତାଙ୍କର ଧର୍ମ, ସ୍ୱଭାବ, ଆଚରଣ କିପରି ହୋଇଥାଏ ଯେଉଁଥିପାଇଁ ଈଶ୍ୱରଙ୍କ ପ୍ରିୟପାତ୍ର ହୋଇଯାନ୍ତି। ମହାତ୍ମା 'ହରି' କହିଲେ ହେ ରାଜା ଯେଉଁ ଭକ୍ତ ଭଗବାନଙ୍କ ସ୍ମୃତିରେ ମଗ୍ନ ରହି ସାଂସାରିକ ଧର୍ମ ଦ୍ୱାରା ବ୍ୟଥିତ ହୁଅନ୍ତି ନାହିଁ ସେ ହିଁ ଉତ୍ତମ ଭକ୍ତ। ଯାହାଙ୍କ ମନରେ ବିଷୟ ଭୋଗର ଇଚ୍ଛା, ବ୍ରୃତ୍ତିର ବୀଜରୂପୀ ବାସନା ଆଦୌ ନଥାଏ ଆଉ ଏକ ମାତ୍ର ଭଗବାନ ବାସୁଦେବଙ୍କ ଠାରେ ହିଁ ନିବାସ କରେ ସେ ହଉଚି ଭାଗବତ ଭକ୍ତ। କାରଣ ନିଜର ମନ, ଇନ୍ଦ୍ରିୟ ଓ ଶରୀରକୁ ନିଜ ବଶରେ ରଖି ଈଶ୍ୱରଙ୍କ ପ୍ରତି ଅନବରତ କର୍ମ ସମ୍ପାଦନା କରୁଥିବା ଭକ୍ତକୁ ତ୍ରିଭୁବନର ଐଶ୍ୱର୍ଯ୍ୟ ଦେଲେ ବି ତାର ଭଗବତ ଚିନ୍ତନ ବଦଳେ ନାହିଁ। ଏଭଳି ପ୍ରେମୀ ଭକ୍ତର ପ୍ରେମରଜ୍ଜୁ ଏତେ ଦୃଢ ହୋଇଥାଏ ଭଗବାନ ତା ନିକଟରେ ବାନ୍ଧି ହୋଇଯାଇ ତାକୁ ସର୍ବପ୍ରଧାନ ଭକ୍ତରେ ଗଣ୍ୟ କରନ୍ତି।

ରାଜା ନିମି କହିଲେ ମହାତ୍ମା ଗଣ ଭଗବାନଙ୍କ ମାୟା ସମସ୍ତଙ୍କୁ ମୋହିତ କରିଦିଏ। ଯେତେବଡ ଜ୍ଞାନୀ ହେଲେ ମଧ୍ୟ ସେ ମାୟାରେ ପତିତ ହୋଇଯାଏ । ପ୍ରଭୁଙ୍କର ମାୟାର ସ୍ୱରୂପ ବିଷୟରେ ମୋତେ କୁହନ୍ତୁ। ତୃତୀୟ ମହାତ୍ମା 'ଅନ୍ତରୀକ୍ଷ' କହିଲେ ପରମାତ୍ମା ସମସ୍ତଙ୍କୁ ନିର୍ମାଣ କରିଛନ୍ତି। ପଞ୍ଚ ମହାଭୂତରେ ସୃଷ୍ଟି ହୋଇଥିବା ଶରୀର ମଧ୍ୟରେ ସେ ହିଁ ସ୍ୱୟଂ ଥାନ୍ତି। ମନ, ଇନ୍ଦ୍ରିୟରେ ବିଭକ୍ତ ହୋଇ ସେ ଗୁଣମାନଙ୍କୁ ଉପଭୋଗ କରନ୍ତି । କିନ୍ତୁ ଯେଉଁ ଜୀବ ତାଙ୍କ ଦ୍ୱାରା ନିର୍ମାଣ କରାଯାଇଥିବା ଜାଗତିକ ବସ୍ତୁ ସଙ୍ଗେ ଭାବ ଯୋଡିଦିଏ 'ମୁଁ ଓ ମୋର' ଭାବରେ ରହି ବନ୍ଧନ ଯୁକ୍ତ ହୁଏ ସେହି ବନ୍ଧନ ହିଁ ପ୍ରଭୁଙ୍କର ମାୟାଶକ୍ତି । ଏହି ସକାମ ଭାବରେ ଯୋଡି ହୋଇ ଜୀବ ଦୁଃଖ ଓ ସୁଖରେ ବାନ୍ଧି ହୋଇ ଜନ୍ମ ମୃତ୍ୟୁ ଜନିତ ଚକ୍ରରେ ଘୁରିବୁଲେ। କିନ୍ତୁ ବାସ୍ତବ ଭଗବତ ଭକ୍ତି ଥିବା ଜୀବର ମାୟାଶକ୍ତି ଉପରେ ନିୟନ୍ତ୍ରଣ ଥାଏ। ଯାହାର ଭଗବତ ପ୍ରାପ୍ତିରେ ବିଳମ୍ବ ହୁଏ ନାହିଁ ।

ପୁଣି ପ୍ରଶ୍ନ କଲେ ନିମି ଏହି ମାୟା ଶକ୍ତିକୁ କିପରି କାଟିପାରିବା । ମହାତ୍ମା 'ପ୍ରବୁଦ୍ଧ' କହିଲେ ମନୁଷ୍ୟ କାମନାପରାୟଣ ହୋଇ କହେ ମୋର କଷ୍ଟ ଦୂର ହୋଇଯିବ, ମୁଁ ସୁଖୀ ହୋଇଯିବି ଭାବି ନାନା କର୍ମ କରେ । କିନ୍ତୁ ଫଳ ବିପରୀତ ହୋଇଥାଏ । କାରଣ ଧନ ହେଉଛି ପୀଡାଦାୟକ। ତାହାର ପ୍ରଭାବରେ ଆତ୍ମା ମୃତ୍ୟୁ ସ୍ୱରୂପ ହୋଇଯାଏ । ନାଶବାନ ପଦାର୍ଥମାନଙ୍କରୁ ଶାଶ୍ୱତ ଶାନ୍ତି ମିଳିନଥାଏ । ଆସକ୍ତିରୁ ନିବୃତ୍ତ ରହି ସକଳ କର୍ମ ଅନାସକ୍ତରେ କଲେ ସଂସାରର ମଙ୍ଗଳ ସାଧନ ହୋଇଥାଏ । ଭଗବାନ କ୍ଷଣକରେ ରାଶି ରାଶି ପାପକୁ ଭସ୍ମୀଭୁତ କରନ୍ତି । ତେଣୁ ପ୍ରେମ ଓ ଭକ୍ତିରେ ପୁଲକିତ ହୋଇ ଈଶ୍ୱରଙ୍କୁ ସମର୍ପିତ ହୋଇ ପାରିଲେ ଭାଗବତ ଧର୍ମର ମର୍ଯ୍ୟାଦା ମିଳେ ।

ଯୋଗୀମାନଙ୍କ ଉପଦେଶକୁ ଶୁଣି ନିମି ପ୍ରଶ୍ନ କଲେ ପରମାତ୍ମାଙ୍କ ସ୍ୱରୂପ କିପରି। ଯୋଗୀଶ୍ୱର 'ପିପ୍ପଳାୟନ' କହିଲେ ସମସ୍ତଙ୍କ ରୂପରେ ଏକମାତ୍ର ଅନନ୍ତ ଶକ୍ତି ସ୍ୱରୂପ ପରଂବ୍ରହ୍ମ ପରମାତ୍ମା ହିଁ ପ୍ରକାଶିତ ଜ୍ୟୋତି । ଯାହାଙ୍କ ଜନ୍ମ ନାହିଁ କି ମୃତ୍ୟୁ ନାହିଁ । କ୍ଷୟ ନାହିଁ କି ବୃଦ୍ଧି ନାହିଁ । ବିଶ୍ୱର ଉତ୍ପତ୍ତି, ସ୍ଥିତି ଓ ପ୍ରଳୟର କାରଣ ହେଉଛନ୍ତି ପରମାତ୍ମା ଯିଏ ଜାଗ୍ରତ, ସ୍ୱପ୍ନ ଓ ସୁଷୁପ୍ତି ଅବସ୍ଥାରେ ସାକ୍ଷୀସ୍ୱରୂପ । ତାଙ୍କର ସତ୍ତା ପାଇ ଦେହ, ଇନ୍ଦ୍ରିୟ, ପ୍ରାଣ ଓ ହୃଦୟ ସତ୍ତାଲାଭ କରି ନିଜର କର୍ମ କରିଚାଲିଥାନ୍ତି । ସେହି ପରମାତ୍ମା ହିଁ ସତ୍ୟତତ୍ତ୍ୱ ଅଟନ୍ତି ।

କର୍ମଯୋଗ ସମ୍ବନ୍ଧରେ ରାଜା ନିମି ପ୍ରଶ୍ନ କଲେ। ଯେଉଁ କର୍ମ ଯୋଗ ଆଚରଣ କରି ମଣିଷ୍ୟ କର୍ମବନ୍ଧନରୁ ମୁକ୍ତ ହୋଇ ପରମଶାନ୍ତି ଲାଭ କରେ ସେ କଥା କୁହନ୍ତୁ। 'ଆବିହୋତ୍ର 'କହିଲେ ବେଦ ହେଉଛନ୍ତି ପରମାତ୍ମାଙ୍କ ସ୍ୱରୂପ। ଅଜ୍ଞାନୀ ମାନଙ୍କୁ ଅନୁଶାସିତରେ ରଖିବା ବେଦର ଧର୍ମ। ଶାସ୍ତ୍ର ବିହିତ କର୍ମ ହିଁ କର୍ମ, ଶାସ୍ତ୍ର ନିଷିଦ୍ଧ କର୍ମ ହେଲା ଅକର୍ମ। ବିହିତ କର୍ମକୁ ଉଲଂଘନ କରିବା ହେଉଛି ବିକର୍ମ। ଶାସ୍ତୋକ୍ତ କର୍ମକୁ ଉଲଂଘନ କରି ମଣିଷ ବିକର୍ମର ଫଳ ସ୍ୱରୂପ ଜନ୍ମ ମୃତ୍ୟୁ ବନ୍ଧନରେ ପଡି ଘୁରିବୁଲେ । ଜୀବନର ମୋକ୍ଷ ପ୍ରାପ୍ତି ଅସମ୍ଭବ ହୋଇଯାଏ କାରଣ ବିକର୍ମ ଦ୍ୱାରା ଆତ୍ମା ଦୂର ହୋଇଯାଏ ।ଭାଗବତ ଉଲ୍ଲେଖ କରେ...

' ଯେ କର୍ମ କରେ ବେଦ ମତେ
ଆନନ୍ଦେ ତାହା ଧରି ଚିତ୍ତେ
କର୍ମ ସମ୍ପାଦି କର୍ମଫଳ
ଯେ ଭାବେ ହୃଦୟ ନିର୍ମଳ ।'

ନିମି ଉତ୍ସାହରେ ପୁଣି ପ୍ରଶ୍ନ କରିଲେ ମତେ ବର୍ତ୍ତମାନ ସୁଦ୍ଧା ଓ ଭବିଷ୍ୟତରେ ହେବାକୁ ଥିବା ଅବତାରମାନଙ୍କର ବର୍ଣ୍ଣନା କରନ୍ତୁ । ମହାତ୍ମା 'ଦ୍ରୁମିଳ' କହିଲେ ଭଗବାନ ହେଉଛନ୍ତି ଅନନ୍ତ ଓ ତାଙ୍କ ଗୁଣ ମଧ୍ୟ ଅନନ୍ତ। ଅଗଣିତ ଧୂଳି କଣାକୁ କିଏ ହେଲେ ଗଣିବାକୁ ସକ୍ଷମ ହୋଇପାରେ ହେଲେ ଭଗବାନଙ୍କର ଗୁଣ ବର୍ଣନା କରିବାକୁ କେହି ସକ୍ଷମ ନୁହନ୍ତି। ସେ ଆଦିପୁରୁଷ ସର୍ବ ପ୍ରଥମେ ବିଶ୍ୱ ସୃଷ୍ଟିର ନିମନ୍ତେ ରଜୋ ଗୁଣ ଦ୍ୱାରା ବ୍ରହ୍ମାରୂପ ନିଅନ୍ତି, ସତ୍ତ୍ୱ ଗୁଣ ଧରି ବିଶ୍ୱ ପାଳନ ପାଇଁ ବିଷ୍ଣୁରୂପ ନିଅନ୍ତି ଶେଷରେ ତମୋଗୁଣ ଦ୍ୱାରା ରୁଦ୍ରରୂପ ହୋଇ ବିଶ୍ୱ ସଂହାର କରନ୍ତି। ଅଜନ୍ମା ହୋଇ ମଧ୍ୟ ସେ ପୃଥିବୀର ଭାର ହରଣ କରିବାକୁ ଅନେକ ଅବତାର ଯଥା ହଂସ ସ୍ୱରୂପ, ଦତ୍ତାତ୍ରୟ, ସନତକୁମାର , ଋଷଭଦେବ, ହୟଗ୍ରୀବ, ମୀନ, କୁର୍ମ, ଶୂକର, ନୃସିଂହ, ପର୍ଶୁରାମ, ରାମ, କୃଷ୍ଣ ଅବତାର ନିଅନ୍ତି। ଭବିଷ୍ୟତରେ ବୁଦ୍ଧ ଓ କଳ୍କୀ ଅବତାର ନେବେ। ତାଙ୍କ ଅବତାର ଅବର୍ଣ୍ଣନୀୟ।

ପୁଣି ଯୋଗୀମାନଙ୍କୁ ନିମି ପଚାରିଲେ ଯେଉଁମାନେ ପାପୀ, ଭୋଗୀ ସେମାନଙ୍କର କେଉଁ ଗତି ହୁଏ ତାହା ବର୍ଣନା କରନ୍ତୁ। ଅଷ୍ଟମ ଭ୍ରାତା 'ଚମସ' କହିଲେ ଭଗବାନଙ୍କଠାରୁ ବ୍ରାହ୍ମଣ, କ୍ଷତ୍ରୀୟ, ବୈଶ୍ୟ, ଶୁଦ୍ର ଆଦି ଚାରିବର୍ଣ୍ଣ ସୃଷ୍ଟି ହୋଇଛନ୍ତି। ଏହି ଚାରିବର୍ଣ୍ଣ ସ୍ୱ ସ୍ୱ କର୍ମରୁ ନିବୃତ ରହି ସାଧାରଣତଃ ମୈଥୁନ ମାଂସ ଓ ମଦ୍ୟ ପାନ ପ୍ରତି ସହଜରେ ପ୍ରବୃତ୍ତ ହୋଇଯାନ୍ତି ଯାହା ଜୀବର ପତନର କାରଣ ହୁଏ । ବିଳାସ ବ୍ୟସନରେ ବୁଡିରହି ପରମାତ୍ମାଙ୍କ ପ୍ରତି ଆସକ୍ତି ହରାଇ ବସନ୍ତି । ତେବେ ତାଙ୍କର କଲ୍ୟାଣ ହେବ କେମିତି ? ତେଣୁ ଏମାନଙ୍କର ନର୍କ ଯନ୍ତ୍ରଣା ଭୋଗ ହୁଏ। ନିମିଙ୍କ ଶେଷ ପ୍ରଶ୍ନ ଥିଲା କେଉଁ ସମୟରେ ଭଗବାନ କିପରି ରଙ୍ଗ କିପରି ଆକୃତି ଧାରଣ କରନ୍ତି ଏବଂ ମନୁଷ୍ୟମାନେ ତାଙ୍କୁ କେଉଁ ନାମରେ କେଉଁ ବିଧିରେ ଆରାଧନା କରନ୍ତି କୃପାକରି ମୋତେ କୁହନ୍ତୁ। ମହାତ୍ମା 'କରଭାଜନ' କହିଲେ ସତ୍ୟ ଯୁଗରେ ପ୍ରଭୁଙ୍କ ରଙ୍ଗ ଶ୍ୱେତ। ମନୁଷ୍ୟମାନେ ସମଦର୍ଶୀ ହୋଇ ତପସ୍ୟାଦ୍ୱାରା ପରମାତ୍ମାଙ୍କୁ ଆରାଧନା କରନ୍ତି। ହଂସ, ସୁପର୍ଣ୍ଣ, ବୈକୁଣ୍ଠ, ଧର୍ମ, ଯୋଗେଶ୍ୱର, ଅମଳ, ଈଶ୍ୱର, ପୁରୁଷ, ଅବ୍ୟକ୍ତ ଓ ପରମାତ୍ମା ନାମରେ ଗୁଣ ଲୀଳା ଗାନ କରନ୍ତି। ତ୍ରେତୟାରେ ପ୍ରଭୁଙ୍କ ରଙ୍ଗ ଲାଲ। ମନୁଷ୍ୟମାନେ ଯଜ୍ଞ କର୍ମ, ବେଦ ଅଧ୍ୟୟନ ଓ ଅଧ୍ୟାପନାରେ ପ୍ରବୀଣ ହୁଅନ୍ତି। ବିଷ୍ଣୁ, ଯଜ୍ଞ, ସର୍ବଦେବ, ଉରୁକର୍ମ, ବୃଷାକପି, ଜୟନ୍ତ ଆଦି ନାମରେ ପ୍ରଭୁଙ୍କ ଲୀଳା ଓ ଗୁଣ ଗାନ କରନ୍ତି। ଦ୍ୱାପରରେ ଶ୍ରୀବିଗ୍ରହଙ୍କର ରୂପ ଶ୍ୟାମଳ। ମନୁଷ୍ୟମାନେ ଜିଜ୍ଞାସୁ ହୋଇ ଭଗବାନଙ୍କୁ ବୈଦିକ ଓ ତାନ୍ତ୍ରିକ ବିଧିରେ ଆରାଧନା କରନ୍ତି। ଋଷି ବିଶ୍ୱେଶ୍ୱର, ବିଶ୍ୱରୂପ ଓ ସର୍ବଭୁତାତ୍ମା ରୂପରେ ଗୁଣ କୀର୍ତ୍ତନ କରିଥାନ୍ତି। କଳିଯୁଗରେ ଭଗବାନଙ୍କ ରୁପ କଳା ଯାହା ଅତ୍ୟନ୍ତ ମନୋହର। ମନୁଷ୍ୟମାନେ ପ୍ରଭୁଙ୍କ ନାମ, ଗୁଣ ଓ ଲୀଳା ସଂକୀର୍ତ୍ତନ କରି ଯଜ୍ଞଦ୍ୱାରା ଆରାଧନା କରିଥାନ୍ତି। ଯୁଗର ଗୁଣଜ୍ଞାତା ତଥା ସାରଗ୍ରାହୀ ଲୋକେ କଳିଯୁଗକୁ ଶ୍ରେୟ ଦିଅନ୍ତି। କାରଣ ଏହି ଯୁଗରେ ଭଗବାନଙ୍କର ନାମ ସଂକୀର୍ତ୍ତନ ଦ୍ୱାରା ସକଳ ପ୍ରକାର ସ୍ୱାର୍ଥ ଓ ପରମାର୍ଥ ସାଧିତ ହୋଇଯାଏ। କାରଣ ନାମ ସଂକୀର୍ତ୍ତନ ଏପରି ଏକ ସରଳ ସାଧନ ଯାହାପାଇଁ ମନୁଷ୍ୟ ଜନ୍ମମୃତ୍ୟୁର ଆବର୍ତ୍ତନରୁ ଚିରକାଳ ସମାପ୍ତ ହୋଇ ପରମଶାନ୍ତି ଲାଭ କରି ମୋକ୍ଷପ୍ରାପ୍ତିକରେ। ହେ ନିମି ତୁମେ ଭାଗବତ ଧର୍ମକୁ ପାଳନ କରି ଜୀବନକୁ ସାର୍ଥକ କର । ତୁମେ ନିଶ୍ଚୟ ପରମ ଗତିକୁ ପ୍ରାପ୍ତ ହେବ । ନାରଦ କହିଲେ ହେ ବସୁଦେବ ନବଯୋଗେଶ୍ୱରଙ୍କଠାରୁ ଭାଗବତ ଧର୍ମ ଉପଦେଶ ଶୁଣି ନିମି ଅକ୍ଷରେ ଅକ୍ଷରେ ଭାଗବତଧର୍ମକୁ ପାଳନ କରିଥିଲେ ଆଉ ପରମଗତି ମଧ୍ୟ ପାଇଥିଲେ। ତେଣୁ ତୁମେ ସେହି ମାର୍ଗକୁ ଅବଲମ୍ବନ କର ତୁମର ସକଳ ଦୁଃଖ ଦୂର ହେବ । ଆଉ ପରମାତ୍ମାଙ୍କ ସାନିଧଲାଭ କରି ମୋକ୍ଷପ୍ରାପ୍ତି କରିବ । ତେଣୁ ଭାଗବତ ଉଲ୍ଲେଖ କରେ...'

ପରମ ଶାସ୍ତ୍ର ଭାଗବତ
ଅଭ୍ୟାସ କରୁଥିବ ନିତ୍ୟ
ଏ ଭାଗବତର ମହିମା
କେ କହିପାରେ ଗୁଣସୀମା ।'

ଆଜିର ଦିନରେ ଏ ସବୁର ମହତ୍ତ୍ୱ କମ ପଡିଯାଇଛି। ବୃଥାଦମ୍ଭ ଅହମିକାରେ ପରିପୂର୍ଣ୍ଣ ମଣିଷ ବୁଝେନି କେଉଁ କର୍ମ କର୍ମ ଆଉ କେଉଁ କର୍ମ ବିକର୍ମ। ସେଥିପାଇଁ ଅଜ୍ଞାନର କଥା କହି ଭଗବତ ଧର୍ମକୁ କଦର୍ଥ କରୁଛି। ଅଶାନ୍ତିର ହଳାହଳ ବିଷକୁ ପାନ କରୁଛି ପଛେ ଶାନ୍ତିର ପଥକୁ ଆପଣାର କରିପାରୁନି। କାରଣ ଜୀବର କଲ୍ୟାଣ ହେଉଛି ଭଗବତ ଧର୍ମର ଉଦେଶ୍ୟ। ହିଂସା, କ୍ରୋଧ, ଅଭିମାନ, ଅହଂକାର ଯେଉଁଠି ସେଠାରେ ଭାଗବତ ଧର୍ମର ସ୍ଥାନ ନାହିଁ। ଆତ୍ମ ପ୍ରଚାର ଓ ପ୍ରସାରରେ ମାତି ସୁନ୍ଦର ସୁଖଦ ସମୟକୁ ମଣିଷ ହରାଇ ବସୁଛି। ପରମଶାନ୍ତିର ଆବଶ୍ୟକତାକୁ ହେଳା କରୁଛି। ପାଶ୍ଚାତାପର ପ୍ରଶ୍ନ ହିଁ ନାହିଁ। ଏହି ସ୍ଖଳିତ ମନୋଭାବ ମୋକ୍ଷପ୍ରାପ୍ତି ପାଇଁ ଊଣା ପଡିଯାଉଛି। ଦିନ ଥିଲା ଓଡ଼ିଆର ଘରେ ଘରେ ଭାଗବତ ପାଠ, ପାରାୟଣକୁ ବିଧିବଦ୍ଧ କରାଯାଉଥିଲା। ପବିତ୍ର ଭାଦ୍ର ପୂର୍ଣ୍ଣିମାରେ ଭାଗବତ ମହାପୁରାଣକୁ ଯଥୋଚିତ୍ତ ପୂଜାବିଧି ସହିତ ଭାଗବତ ଜନ୍ମ ପାଳନ କରାଯାଉ ଥିଲା। ଭାଗବତ ପାଠର ଶୁଭାରମ୍ଭ କରାଯାଉଥିଲା । ସର୍ବ କଲ୍ୟାଣ ନିମିତ୍ତ ଗାଁ ମୁଣ୍ଡରେ ଭାଗବତ ଟୁଙ୍ଗି କରାଯାଇ ନିତ୍ୟ ଭାଗବତ ପାଠ କରାଯାଉଥିଲା । ଶ୍ରମବହୁଳ ମଣିଷ ଭାଗବତ ଶ୍ରବଣ କରି ପରମ ଶାନ୍ତି ପାଉଥିଲା । ତେବେ ଜୀବକୁ ନେଇ ବିଶ୍ୱ । ଜୀବର ଉଦ୍ଧାର ପାଇଁ ଯଦି ଭାଗବତ, ବିଶ୍ୱର କଲ୍ୟାଣ ନିମିତ୍ତ ଭାଗବତ ଧର୍ମକୁ କାହିଁକି ଆମ ଜୀବନଚର୍ଯ୍ୟାରେ ନୈତିକ ସ୍ମରଣ, ଚିନ୍ତନ, ପଠନ କରି ସମସ୍ତଙ୍କର ସ୍ୱାର୍ଥ ଓ ପରମାର୍ଥକୁ ସାର୍ଥକ ନ କରିବା ?

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୮ ସେପ୍ଟେମ୍ବର ୨୦୨୪ ବୁଧବାର



# ବିତର୍କରେ ରେଭେନ୍ସା

ଗତ କିଛିଦିନ ତଳେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ୧୫୬ ବର୍ଷର ପୁରୁଣା କଲେଜ ରେଭେନ୍ସାର ନାମ ପରିବର୍ତ୍ତନ ପାଇଁ ଦେଇଥିବା ପ୍ରସ୍ତାବକୁ ଚାରିଆଡ଼ୁ ପ୍ରବଳ ବିରୋଧ କରାଯାଇଛି । ଅନେକ ପୁରାତନ ଛାତ୍ରଛାତ୍ରୀ, ଗବେଷଣାରତ ଛାତ୍ରଛାତ୍ରୀ ଏବଂ ବର୍ତ୍ତମାନ ପଢୁଥିବା ଛାତ୍ରଛାତ୍ରୀ, ବରିଷ୍ଠ ନାଗରିକ, ପ୍ରଶାସନିକ ଅଧିକାରୀ, ଜ୍ଞାନୀ, ଗୁଣୀ, ସର୍ବୋପରି ରେଭେନ୍ସାରୁ ଉତ୍ତୀର୍ଣ୍ଣ ହୋଇଥିବା ଅଧିକାଂଶ ବିଦ୍ୟାର୍ଥୀ ଯେଉଁମାନେ ଆଜି ଉଚ୍ଚ ପଦପଦବୀରେ ଅଧିଷ୍ଠିତ ଏହି ନାମ ପରିବର୍ତ୍ତନକୁ ନେଇ ଭାଙ୍ଗି ପଡିଛନ୍ତି । ଏହାକୁ ନେଇ ପ୍ରଧାନମନ୍ତ୍ରୀ ମୁଖ୍ୟମନ୍ତ୍ରୀଙ୍କୁ ବିଭିନ୍ନ ସମ୍ମାନନୀୟ ବ୍ୟକ୍ତି ବିଶେଷଙ୍କ ଲେଖିଥିବା ପତ୍ର ଆମର ହସ୍ତଗତ ହୋଇଛି । ଆଉ କେତେକ ନିର୍ଦ୍ଦିଷ୍ଟ ମହଲରେ ଏହି ନାମ ପରିବର୍ତ୍ତନକୁ ମଧ୍ୟ ସମର୍ଥନ କରାଯାଇଛି । ତେବେ ସମର୍ଥକଙ୍କ ଠାରୁ ବିରୋଧିଙ୍କ ସଂଖ୍ୟା ଢେର ଅଧିକ । ରେଭେନ୍ସା ନାଁ ଟି କୋଟି କୋଟି ଓଡ଼ିଆଙ୍କ ଅସ୍ଥିମଜ୍ଜାଗତ ତାହା ବରିଷ୍ଠ ଲେଖକଙ୍କ ଆଲୋଚନା ଦ୍ୱାରା ସୂଚେଇ ଦେବାକୁ ଆମର ସାମାନ୍ୟ ଚେଷ୍ଟା । ଏହି ବିତର୍କରେ କେହି ଭାଗ ନେବାକୁ ଚାହୁଁଥିଲେ ସମ୍ବାଦ କଳିକା କାର୍ଯ୍ୟାଳୟକୁ ଯୋଗାଯୋଗ କଲେ ଆମ ତାଙ୍କ ଲେଖାକୁ ମଧ୍ୟ ସ୍ଥାନିତ କରିବୁ ।

ସମ୍ବାଦ କଳିକା, ୪୬୪, ସହିଦନଗର,
ଭୁବନେଶ୍ୱର-୭

**ଲକ୍ଷ୍ମୀ ଚାନ୍ଦ**
**ବରିଷ୍ଠ ସହ ସମ୍ପାଦିକା**
**ସମ୍ବାଦ କଳିକା**



**ସମ୍ମାନନୀୟ ମୁଖ୍ୟମନ୍ତ୍ରୀ ମହୋଦୟ**

ଏହି ପତ୍ର ଜରିଆରେ ମୁଁ ଏପରି ଏକ ବିଷୟ ଆପଣଙ୍କ ଦୃଷ୍ଟିକୁ ଆଣିବାକୁ ଚାହୁଁଛି ଯାହା ଗତ କିଛିଦିନ ହେବ ରେଭେନ୍ସା ବିଶ୍ୱ ବିଦ୍ୟାଳୟର ଅଗଣିତ ପୁରାତନ ଓ ସାଂପ୍ରତିକ ଛାତ୍ରଛାତ୍ରୀ, ଉଚ୍ଚ ଶିକ୍ଷାରେ ଆଗ୍ରହ ରଖିଥିବା ଓଡିଶାର ଜନସାଧାରଣ, ଓଡିଶା ଓ ଓଡିଶା ବାହାରର ବୁଦ୍ଧିଜୀବିମାନଙ୍କୁ ଆନ୍ଦୋଳିତ ଓ ବ୍ୟଥିତ କରିଛି । ବିଷୟଟି ହେଉଛି ଓଡିଶାର ସର୍ବପୁରାତନ ଉଚ୍ଚଶିକ୍ଷା ଅନୁଷ୍ଠାନ ରେଭେନ୍ସା ବିଶ୍ୱବିଦ୍ୟାଳୟର ନାମ ପରିବର୍ତ୍ତନ ସଂପର୍କରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ନିକଟ ଅତୀତରେ ଦେଇଥିବା ଏକ 'ବ୍ୟକ୍ତିଗତ' ମନ୍ତବ୍ୟ । କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ହଠାତ୍ ଏପରି ଏକ ପ୍ରସଙ୍ଗ କାହିଁକି ଉଠାଇଲେ ତାହା ଆମ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ବର୍ତ୍ତମାନ ପରିସ୍ଥିତିରେ, ଯେତେବେଳେ ଏକାଧିକ ପ୍ରଶାସନିକ ସମସ୍ୟାର ସମାଧାନ ସରକାରଙ୍କ ପ୍ରାଥମିକତା ଦାବୀ କରେ, ସେତେବେଳେ ଏକ ବହୁ ପୁରାତନ ଅନୁଷ୍ଠାନର ଭିନ୍ନ ନାମକରଣ କରିବାର ଭାବନା ପୋଷଣ କରିବା ହିଁ ଅପ୍ରାସଙ୍ଗିକ ମନେ ହୁଏ । ବ୍ୟକ୍ତିଗତ ଚିନ୍ତା ହୋଇଥିଲେ ମଧ୍ୟ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ସର୍ବସାଧାରଣରେ ଏହା ପ୍ରକାଶ କରିଥିବାରୁ ଓଡିଶାର ଚିନ୍ତାଶୀଳ ବ୍ୟକ୍ତିମାନେ ଏହାକୁ ଗୁରୁତ୍ୱର ସହ ନେବାକୁ ବାଧ୍ୟ ହୋଇଛନ୍ତି । ଏହି ସଂକ୍ରାନ୍ତରେ ଯେଉଁସବୁ ପ୍ରତିକ୍ରିୟା ଏପର୍ଯ୍ୟନ୍ତ ସୃଷ୍ଟି ହୋଇଛି ସେଗୁଡିକ ମୁଖ୍ୟତଃ ରେଭେନ୍ସା ବିଶ୍ୱବିଦ୍ୟାଳୟର ଭିନ୍ନ ନାମକରଣ ପ୍ରସ୍ତାବର ବିରୋଧରେ । କେବଳ କଟକ ବା ଭୁବନେଶ୍ୱର ନୁହେଁ, ସମଗ୍ର ଓଡିଶାରେ ଏବଂ ଓଡିଶା ବାହାରେ ଏଥିପାଇଁ ତୀବ୍ର ଅସନ୍ତୋଷ ଓ ପ୍ରତିବାଦର ସ୍ୱର ଶୁଣିବାକୁ ମିଳୁଛି । କଟକରେ ୧୮୬୮ ମସିହାରେ ସ୍ଥାପିତ ଓଡିଶାର ପ୍ରଥମ କଲେଜ, ୧୮୭୯ ମସିହା ଫେବ୍ରୁଆରୀରେ, ରେଭେନ୍ସା ଓଡିଶାରୁ ବିଦାୟ ନେବାର ପ୍ରାୟ ଏକ ବର୍ଷ ପରେ, ମୟୁରଭଞ୍ଜର ମହାରାଜା କୃଷ୍ଣଚନ୍ଦ୍ର ଭଞ୍ଜଦେଓଙ୍କ ପ୍ରସ୍ତାବ ଅନୁସାରେ ରେଭେନ୍ସା କଲେଜ ଭାବରେ ନାମିତ ହୋଇଥିଲା । ଏହି ଶିକ୍ଷାନୁଷ୍ଠାନଟି ପ୍ରତିଷ୍ଠା ହେବା ପୂର୍ବରୁ ଉଚ୍ଚ ଶିକ୍ଷା ପାଇଁ ଓଡିଆ ଛାତ୍ରଛାତ୍ରୀଙ୍କୁ ଓଡିଶା ବାହାରକୁ ଯିବାକୁ ପଡୁଥିଲା । ରେଭେନ୍ସା କଲେଜ ଥିଲା ଉଚ୍ଚଶିକ୍ଷା ପାଇଁ ଓଡିଆ ମାନଙ୍କର ଅଭିଳାଷର ସର୍ବାପେକ୍ଷା ଗୁରୁତ୍ୱପୂର୍ଣ୍ଣ ପ୍ରତୀକ ଏବଂ ଓଡିଶାରେ ଶିକ୍ଷା କ୍ଷେତ୍ରରେ ନବଜାଗରଣର ସ୍ମାରକୀ । ୨୦୦୬ ମସିହାରେ ରେଭେନ୍ସା କଲେଜକୁ ଏକକ ବିଶ୍ୱବିଦ୍ୟାଳୟରେ ପରିଣତ କରାଗଲା । ବିଗତ ୧୫୬ ବର୍ଷ ମଧ୍ୟରେ ରେଭେନ୍ସା କଲେଜ ଓ ବିଶ୍ୱବିଦ୍ୟାଳୟରୁ ଅଧ୍ୟୟନ କରି ଲକ୍ଷ ଲକ୍ଷ ଛାତ୍ରଛାତ୍ରୀ ବିଭିନ୍ନ ସ୍ଥାନରେ ପ୍ରତିଷ୍ଠିତ ହୋଇ ରାଜ୍ୟ ଓ ଦେଶ ପାଇଁ ଗୌରବ ଆଣିଥିବାରୁ ଏହା ସମଗ୍ର ବିଶ୍ୱରେ ଏକ ଜଣାଶୁଣା ନାମରେ ପରିଣତ ହୋଇଛି ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ଏହି ଅନୁଷ୍ଠାନ ସହିତ ସେହି ସମସ୍ତ ଛାତ୍ରଛାତ୍ରୀ ତଥା ଓଡିଶାର ଜନସାଧାରଣଙ୍କର ରହିଛି ଏକ ଗଭୀର ଆବେଗମୟ ସଂପର୍କ । ରେଭେନ୍ସା ଥିଲେ ଜଣେ ବିଦେଶୀ ଲୋକ ଏବଂ ୧୮୬୬ର ନଅଙ୍କ ଦୁର୍ଭିକ୍ଷରେ ଓଡିଶାର ଲକ୍ଷାଧିକ ଲୋକଙ୍କର ପ୍ରାଣହାନି ହୋଇଥିଲା ତାଙ୍କ ନିଷ୍କ୍ରିୟତା ଓ ଅବହେଳା ଯୋଗୁ – ଏହି ଧାରଣାର ବଶବର୍ତ୍ତୀ ହୋଇ ତାଙ୍କ ନାମରେ ନାମିତ ବିଶ୍ୱ ବିଦ୍ୟାଳୟର ଭିନ୍ନ ନାମକରଣ କରାଯାଉ ଏହା ଦାବୀ କରିବା କେବଳ ଅଯୌକ୍ତିକ ନୁହେଁ ଏହା ସଂପୂର୍ଣ୍ଣ ହାସ୍ୟାସ୍ପଦ ବୋଲି କୁହାଯାଇ ପାରିବ । ନଅଙ୍କ ଦୁର୍ଭିକ୍ଷରେ ପ୍ରାଣହାନି ପାଇଁ ରେଭେନ୍ସା କେତେ ମାତ୍ରାରେ ଦାୟୀ ଥିଲେ ସେ ବିଷୟରେ ଗବେଷକମାନେ ଆଲୋଚନା କରିପାରିବେ; କିନ୍ତୁ ଅନ୍ୟ ପକ୍ଷରେ ଓଡିଶାର ଶିକ୍ଷା ଓ ଭାଷାର ବିକାଶ, ଜଳସେଚନ, ଗମନାଗମନ ଇତ୍ୟାଦିରେ ବିଶେଷ ପଦକ୍ଷେପ ପାଇଁ ରେଭେନ୍ସାଙ୍କର ଅବଦାନକୁ କେହି ଅସ୍ୱୀକାର କରିନାହାନ୍ତି । ଓଡିଶାର ନିଜସ୍ୱ ପରିଚୟ ସହ ଅଙ୍ଗାଙ୍ଗୀ ଭାବରେ ଜଡିତ ରେଭେନ୍ସା କଲେଜ / ବିଶ୍ୱବିଦ୍ୟାଳୟ । ଓଡିଶାରେ ସ୍ୱାଧୀନତା ସଂଗ୍ରାମ, ଉତ୍କଳ ବିଶ୍ୱବିଦ୍ୟାଳୟ, ରାଜ୍ୟ ସଂଗ୍ରହାଳୟ, ବିଧାନସଭା ଇତ୍ୟାଦିର ଭିତ୍ତି ପଡିଥିଲା ରେଭେନ୍ସା କଲେଜ ପରିସର ମଧ୍ୟରେ । ଏହି ଅନୁଷ୍ଠାନରେ ଅଧ୍ୟୟନ କରିଥିବା ଉତ୍କଳମଣି ଗୋପବନ୍ଧୁ, ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ପରି ନୂତନ ଓଡିଶାର ବହୁ ପ୍ରାତଃ ସ୍ମରଣୀୟ ନିର୍ମାତା, ଏକାଧିକ ପୂର୍ବତନ ମୁଖ୍ୟମନ୍ତ୍ରୀ ଏହାର ନାମ ପରିବର୍ତ୍ତନ ବିଷୟ କେବେ ମଧ୍ୟ ଉତ୍ଥାପନ କରିନଥିଲେ । ଓଡିଶାର ବରପୁତ୍ର ଫକୀରମୋହନ ସେନାପତି, ଗୌରୀ ଶଙ୍କର ରାୟ, ଏବଂ ସର୍ବୋପରି କୁଳବୃଦ୍ଧ ମଧୁସୂଦନ ଦାସ ଇତ୍ୟାଦି ରେଭେନ୍ସାଙ୍କ ପ୍ରତି ସେମାନଙ୍କର ଶ୍ରଦ୍ଧା ଜ୍ଞାପନ କରିବାର ଉଦାହରଣ ରହିଛି । ୨୦୦୬ରେ କଲେଜରୁ ବିଶ୍ୱବିଦ୍ୟାଳୟ ହେବା ସମୟରେ, ଯେତେବେଳେ ବର୍ତ୍ତମାନ ଶାସନ ଦାୟିତ୍ୱରେ ଥିବା ରାଜନୈତିକ ଦଳ ମେଣ୍ଟ ସରକାରର ଅଂଶୀଦାର ଥିଲା, ସେତେବେଳେ ମଧ୍ୟ ନାମ ପରିବର୍ତ୍ତନ ପ୍ରସଙ୍ଗ ଉତ୍ଥାପିତ ହୋଇ ନଥିଲା । ଓଡିଶାରେ ଏବେ ଯେଉଁସବୁ ସମସ୍ୟାର ସମାଧାନକୁ ପ୍ରାଥମିକତା ଦେବା କଥା ତାହା ମଧ୍ୟରେ ଶିକ୍ଷା ବ୍ୟବସ୍ଥାକୁ ଉନ୍ନତ ଓ ସୁବ୍ୟବସ୍ଥିତ କରିବା ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରେ । ରେଭେନ୍ସା ବିଶ୍ୱବିଦ୍ୟାଳୟର ମଧ୍ୟ ଅନେକ ଆବଶ୍ୟକତା ରହିଛି ଯାହାକୁ ପୂରଣ କରିବା ସରକାରଙ୍କ ପ୍ରଥମ କର୍ତ୍ତବ୍ୟ ହେବା ଉଚିତ । ଏସବୁ ପରିପ୍ରେକ୍ଷୀରେ ଅନୁଷ୍ଠାନର ନାମ ପରିବର୍ତ୍ତନର କୌଣସି ଆବଶ୍ୟକତା ନାହିଁ ବରଂ ଏହି ପ୍ରସଙ୍ଗ ଉତ୍ଥାପନ କରିବା ସଂପୂର୍ଣ୍ଣ ଅଯୌକ୍ତିକ ଏବଂ ଅନାବଶ୍ୟକ ବୋଲି କୁହାଯାଇପାରେ । ନାମ ପରିବର୍ତ୍ତନ ପରି ଅନାବଶ୍ୟକ ଆଲୋଚନାରେ ଶକ୍ତି ଅପଚୟ ନକରି ଏକ ଆତ୍ମାଭିମାନୀ ଜାତି ପକ୍ଷରେ ସ୍ପୃହଣୀୟ ହେଉଛି ନିଜ ଇତିହାସକୁ ସ୍ୱୀକାର କରିବା ଏବଂ ଏକ ସମୃଦ୍ଧ ଭବିଷ୍ୟତ ଗଠନ କରିବା ପାଇଁ ଐକ୍ୟବଦ୍ଧ ଭାବରେ ଉଦ୍ୟମ କରିବା । ଏହି ଆଲୋଚନା ଦ୍ୱାରା ଅଶାନ୍ତିର ଯେଉଁ ଝଡ ସୃଷ୍ଟି ହୋଇଛି ତାହାର ଉପଶମ ଜରୁରୀ ହୋଇପଡିଛି । ତେଣୁ ଓଡିଶାର ମୁଖ୍ୟମନ୍ତ୍ରୀ ଭାବରେ ଆପଣ ଏହି ବିବାଦର ଅବସାନ ଘଟାଇବାକୁ ଏବଂ ରେଭେନ୍ସା ବିଶ୍ୱବିଦ୍ୟାଳୟ ନାମକରଣର କୌଣସି ପ୍ରସ୍ତାବ ନାହିଁ ଏହି ମର୍ମରେ ଏକ ସ୍ପଷ୍ଟ ବିବୃତି ଦେବାକୁ ବିନୀତ ଅନୁରୋଧ ।

**ଡଃ ଅରବିନ୍ଦ ବେହେରା**
**ଆଇ.ଏ.ଏସ୍ (ଅବସରପ୍ରାପ୍ତ)**
**ଏନ୍-୧-ଏ/୭, ଆଇ.ଆର.ସି.ଭିଲେଜ,**
**ଭୁବନେଶ୍ୱର**

**Respected Prime Minister,**

I fervently seek your kind intervention to put an end to the ongoing controversy created by a statement of the Union Education Minister Shri Dharmendra Pradhan. Shri Pradhan has suggested changing the name of the 156 year old college of our state on the ground that it has been named after a British Commissioner who served in Odisha for 12 years during British Raj and during whose tenure there was a great famine which claimed three lakh lives.

There is ample historical evidence to prove that Commissioner T E Ravenshaw was not responsible for the famine. On the other hand he had played a pioneering role in laying the foundation of the modern system of education in Odisha. The first College was established during his tenure in 1868 and subsequently grew into a post graduate college. After his departure from Odisha, in recognition of his contributions made in rebuilding the famine devastated Odisha, the college was named after him as Ravenshaw College in 1878.

TE Ravenshaw had not only taken steps for the use of Odia in schools and colleges but also helped industrial development. His contribution towards irrigation and green revolution cannot be forgotten by changing the name of the college.

Ravenshaw College has been the Alma Mater of Alma Maters. Ravenshaw has been etched in the psyche of millions of Ravenshavians past and present for whom deleting the word Ravenshaw will be like severing their umbilical chord with the Alma Mater which has proudly stood for 156 years evoking poignant emotions. For Ravenshavians the word Ravenshaw is not identified as the name of an individual. It has become a stream of consciousness for succeeding generations of students. It is an idea, a feeling, an emotion which will never die even if attempts are made to throttle it. Announcements made by the Union Education Minister for the necessity of changing the name of the college, now a university since 2006 has created violent reactions in the minds of the people of Odisha. People from all walks of life have come forward to protest. It has put the new government in embarrassment.

Hope and trust you will be pleased to direct your minister that he should refrain from giving statements which creates instability and needless conflict not only among the people of Odisha but Odias outside Odisha.

Yours faithfully
(Padmashree Dr. Devi Prasanna Pattnaik)
Adviser,
Ravenshaw Heritage Forum

## ଓଡ଼ିଶାରେ ରେଭେନ୍ସା




ଟି.ଇ. ରେଭେନ୍ସା ଇଂରେଜ ଶାସିତ ଓଡ଼ିଶାର ଏକ ଉଲ୍ଲେଖନୀୟ ବ୍ୟକ୍ତିତ୍ୱ । ତାଙ୍କ ଆସିବା ସହ ଆସିଥିଲା ଦୁର୍ଭିକ୍ଷ ଓ ଯିବା ସମୟରେ ସେ ଦେଇଗଲେ ଓଡ଼ିଶାକୁ ଏକ ନୂଆ ରୂପ । ତାଙ୍କ ଶାସନ ଥିଲା ଓଡ଼ିଶାର ମୋଡ ପରିବର୍ତ୍ତନର ସମୟ । ଔପନିବେଶିକ ଓଡ଼ିଶାର ଅବନତିର ଚରମ ପର୍ଯ୍ୟାୟ ଓ ଉତ୍ଥାନର ଅୟମାରମ୍ଭର ସେ ଥିଲେ ସଂଯୋଜକ ।

ଥମାସ ଏଡୱାର୍ଡ ରେଭେନ୍ସା ୧୮୪୯ ମସିହାରେ ଭାରତୀୟ ପ୍ରଶାସନିକ ସେବାରେ ଯୋଗଦାନ କରି ଭାରତର ବିଭିନ୍ନ ଅଞ୍ଚଳରେ କାର୍ଯ୍ୟ କରିଥିଲେ । ସେ ଜୁନ୍ ୧୮୬୫ରୁ ଏପ୍ରିଲ ୧୮୭୮ ପର୍ଯ୍ୟନ୍ତ ଓଡ଼ିଶା ଡିଭିଜନ୍‌ର କମିଶନର ଥିଲେ । ଓଡ଼ିଶା ଡିଭିଜନ କହିଲେ କଟକ, ପୁରୀ ଓ ବାଲେଶ୍ୱର ଜିଲ୍ଲାର ଅଧୀନସ୍ଥ ଅଞ୍ଚଳକୁ ବୁଝା ଯାଉଥିଲା । ଏହା ବଙ୍ଗ ପ୍ରେସିଡେନ୍ସିର ଅଂଶ ଥିଲା । ସେହିଭଳି ଆଧୁନିକ ଓଡ଼ିଶାର ଦକ୍ଷିଣଭାଗ ମାଡ୍ରାସ ପ୍ରେସିଡେନ୍ସିର ଓ ପଶ୍ଚିମଭାଗ ସେଣ୍ଟ୍ରାଲ ପ୍ରଭିନ୍ସେସର ଅଂଶ ବିଶେଷ ଥିଲା । ଓଡ଼ିଶା ପ୍ରଶାସନିକ ଦୃଷ୍ଟି କୋଣରୁ ଖଣ୍ଡବିଖଣ୍ଡିତ ଥିବାରୁ ଏହାର ପରିଚିତି, ଉନ୍ନତି ଓ ପରିସୀମା ବିବାଦମୟ ଓ ସଂକଟାପନ୍ନ ଅବସ୍ଥାରେ ଥିଲା । ତତ୍କାଳୀନ ଓଡ଼ିଶା ଡିଭିଜନ ବଙ୍ଗର ଉପାଙ୍ଗ ଭାବରେ ଏକ ଅବହେଳିତ ଅଞ୍ଚଳ ଥିଲା । ଦ୍ୱି-ସ୍ତରୀୟ ଉପ ନିବେଶବାଦ ଏଠାରେ ଏକ ଦୟନୀୟ ସ୍ଥିତି ସୃଷ୍ଟି କରିଥିଲା । ଓଡ଼ିଶା ଲୋକଙ୍କ ସଚେତନତା ଓ ଶିକ୍ଷା କ୍ଷେତ୍ରରେ ଯୋଗ୍ୟତା ଅଭାବ ଥିବାରୁ ପ୍ରଭାବଶାଳୀ ବଂଗୀୟ ବ୍ୟକ୍ତିମାନେ ଓଡ଼ିଶାର ଶାସନ ଓ ଶିକ୍ଷା ବ୍ୟବସ୍ଥାର ବିଭିନ୍ନ ପଦ ପଦବୀରେ ନିଯୁକ୍ତି ପାଉଥିଲେ । ସର୍ବ ଉପରେ ଇଂରେଜ ଶାସନର ମୌଳିକ ଶାସନନୀତି, ନିମ୍ନରେ ଅଣ-ଓଡ଼ିଆ ଅମଲାତନ୍ତ୍ର ଓ ମଝିରେ ଟି.ଇ. ରେଭେନ୍ସା ନିଯୁକ୍ତି ପ୍ରାପ୍ତ । ଓଡ଼ିଶାର ସ୍ଥିତି ଓ ରାଜସ୍ୱ ଶାସନ ସମ୍ବନ୍ଧରେ ଅନଭିଜ୍ଞ ରେଭେନ୍ସା ଗୋଟିଏ ଘଡିସନ୍ଧି ମୁହୂର୍ତ୍ତର ବିଶେଷତ୍ୱ ଓ ଆବଶ୍ୟକତାକୁ ଠିକ୍ ଭାବରେ ବୁଝିପାରିଲେ ନାହିଁ । ଦୁଃଖଦ ଦୁର୍ଭିକ୍ଷର ପଦଧ୍ୱନି ଭାବରେ ଅନାବୃଷ୍ଟି ଆଗମନ କରିଥିଲା ତାଙ୍କ ଯୋଗଦାନର କିଛି ଦିନ ପରେ । ଇଂରେଜ ଶାସନର ମୂଳମନ୍ତ୍ର 'ମୁକ୍ତ ବଜାର ନୀତି' ଓ ଅମଲାତନ୍ତ୍ରର ଭୁଲ ଆକଳନ ତାଙ୍କୁ ତତ୍କ୍ଷଣାତ୍ ଉଚିତ୍ ପଦକ୍ଷେପ ନେବାରେ ଅକ୍ଷମ କରିଥିଲା । ତେଣୁ ଓଡ଼ିଶାରେ ୧୮୬୬ ମସିହାରେ ଏକ ଭୟାବହ ଦୁର୍ଭିକ୍ଷ ଦେଖିବାକୁ ମିଳିଥିଲା, ଯାହା ଓଡ଼ିଶାର ଦୀର୍ଘଦିନର ଦୁର୍ଦ୍ଦଶାର ଚରମ ପ୍ରତିଫଳନ ଥିଲା । ଲକ୍ଷ ଲକ୍ଷ ଲୋକଙ୍କ ଅନାହାରରେ ଜୀବନହାନି ନିଶ୍ଚିତ ଭାବରେ ଶାସନ ବ୍ୟବସ୍ଥା ପାଇଁ ଏକ କଳଙ୍କ ଆଣିଦେଇଥିଲା । ଇଂରେଜ ଶାସନ ଦୁର୍ଭିକ୍ଷର ଭୟାବହ ପରିଣାମକୁ ଅତ୍ୟନ୍ତ ଗୁରୁତ୍ୱର ସହ ନେବା ସହ ନିଜର ବିଫଳତାକୁ ସ୍ୱୀକାର କରିଥିଲା । ଓଡ଼ିଶା ପ୍ରତି ଏକ ସହାନଭୂତିଶୀଳ ଶାସନ ବ୍ୟବସ୍ଥାକୁ ପ୍ରତିକାର ଭାବେ ପ୍ରଚଳିତ କରିବାକୁ ଟି.ଇ. ରେଭେନ୍ସା ପ୍ରତିଶ୍ରୁତି ବଦ୍ଧ ହୋଇଥିଲେ । ଓଡ଼ିଶାରେ ନବଜାଗରଣ ସୃଷ୍ଟି କରିବାରେ ସେ ଅଗ୍ରଦୂତ ଭୂମିକା ନେଇଥିଲେ । ଓଡ଼ିଶା ଓ ଓଡ଼ିଆ ମାନଙ୍କର ସ୍ୱାଭିମାନ ଏବଂ ପରିଚିତ ସୃଷ୍ଟି କରିବା ପାଇଁ, ସେ ଯୁଗାନ୍ତକାରୀ ପଦକ୍ଷେପମାନ ନେଇଥିଲେ ।

ଶାସନ କ୍ଷେତ୍ରରେ ଥିବା କିଛି ତ୍ରୁଟିପୂର୍ଣ୍ଣ ନିୟମାବଳୀକୁ ପରିବର୍ତ୍ତନ କରି ରେଭେନ୍ସା ଗଠନମୂଳକ ନୀତି କାର୍ଯ୍ୟକାରୀ କରିଥିଲେ । ରାସ୍ତାଘାଟ ନିର୍ମାଣ, କେନାଲ ଖନନ, ରେଳପଥ ନିର୍ମାଣ ଆଦି କାର୍ଯ୍ୟ ଲୋକଙ୍କୁ କାର୍ଯ୍ୟ ନିଯୁକ୍ତି ଦେବା ସହ, ଓଡ଼ିଶାର ଯୋଗାଯୋଗ ଓ ପରିବହନ ବ୍ୟବସ୍ଥାକୁ ସୁଗମ କରିଥିଲା । ପ୍ରାଥମିକ, ମାଧ୍ୟମିକ, ଶିକ୍ଷାନୁଷ୍ଠାନମାନ ପ୍ରତିଷ୍ଠା ସହିତ ଉଚ୍ଚ ଶିକ୍ଷାର ଅୟମାରମ୍ଭ ମଧ୍ୟ କମିଶନର ରେଭେନ୍ସାଙ୍କ ଓଡ଼ିଶା ପ୍ରତି ଆନ୍ତରିକତା ଓ ଦୂରଦୃଷ୍ଟିର ପ୍ରମାଣ ବହନ କରେ । ଓଡ଼ିଶାରେ ଓଡ଼ିଆ ଭାଷାର ସ୍ଥିତି ସେତେବେଳେ ଅନିଶ୍ଚିତତା ଦେଇ ଗତି କରୁଥିଲା । ଶିକ୍ଷିତ ଲୋକଙ୍କ ଅଭାବ ସହିତ ଓଡ଼ିଆ ଭାଷାରେ ଛାପାପୁସ୍ତକର ଅଭାବ ଏକ ସଂକଟ ସୃଷ୍ଟି କରିଥିଲା । ବଂଗୀୟ ଭାଷାରେ ପ୍ରଚୁର ପାଠ୍ୟ ପୁସ୍ତକ ମିଳୁଥିବାରୁ, ମୃଷ୍ଟିମେୟ ଶିକ୍ଷିତ ବଂଗୀୟ ବ୍ୟକ୍ତି ଓ କିଛି ଉଚ୍ଚପଦସ୍ଥ ଇଂରେଜ କର୍ମଚାରୀମାନେ ବିଦ୍ୟାଳୟରେ ବଂଗୀୟ ଭାଷାରେ ଶିକ୍ଷାଦାନ ପାଇଁ ଯୁକ୍ତି ବାଢିଥିଲେ । କିଛି ବଂଗୀୟ ଶିକ୍ଷାବିତ୍ ଓଡ଼ିଆ ଭାଷା ସପକ୍ଷରେ ଥିଲେ ।

କମିଶନର ରେଭେନ୍ସା ଓ ବାଲେଶ୍ୱରର ଜିଲ୍ଲାପାଳ ଜନ୍ ବିମସ ଓଡ଼ିଆ ଭାଷାକୁ ଦୃଢ ସମର୍ଥନ ଦେଇଥିଲେ । ୧୮୬୯ ମସିହାରେ ବଂଗ ପ୍ରେସିଡେନ୍ସିର ଲେଫ୍ଟନାଣ୍ଟ ଗଭର୍ଣ୍ଣର ଓଡ଼ିଆ ଭାଷାକୁ ଓଡ଼ିଶା ଡିଭି୍ଜନ୍‌ର ପ୍ରାଥମିକ ଶିକ୍ଷାର ମାଧ୍ୟମ ଭାବରେ ଘୋଷଣା କଲେ । ଓଡ଼ିଆ ଭାଷାକୁ ଇଂରେଜ ଶାସନର ଅନୁମୋଦନ ଏହାକୁ ଏକ ନୂତନ ପରିଚିତ ଓ ଶକ୍ତି ଦେଇଥିଲା । ପରବର୍ତ୍ତୀ ସମୟରେ ସଚେତନ ଓ ପ୍ରଗତିବାଦୀ ବ୍ୟକ୍ତିମାନେ ବିଭିନ୍ନ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକାଠି କରି ଏକ ଭାଷା ଭିତ୍ତିକ ସ୍ୱତନ୍ତ୍ର ପ୍ରଦେଶ ଗଠନ ପାଇଁ ଦାବୀ ଉପସ୍ଥାପନ କରିଥିଲେ । ୧୮୭୫ ମସିହାରେ ବାଲେଶ୍ୱରର ରାଜା ଶ୍ୟାମାନନ୍ଦ ଦେ ନାମକ ଜଣେ ଜମିଦାର ଏ ସଂକ୍ରାନ୍ତରେ ବ୍ରିଟିସ୍ ଶାସନ ପାଖରେ ଏକ ପିଟିସନ ପ୍ରଦାନ କରିଥିଲେ । କ୍ରମଶଃ ଶିକ୍ଷା, ମୁଦ୍ରଣ, ପ୍ରକାଶନ ଓ ସଂଗଠନ କ୍ଷେତ୍ରରେ ଓଡ଼ିଆ ମାନଙ୍କୁ ଆଗେଇ ନେବାରେ ଏବଂ ପରିଶେଷରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ପ୍ରଚେଷ୍ଟାରେ କମିଶନର ରେଭେନ୍ସାଙ୍କ ଓଡ଼ିଆ ଭାଷାକୁ ସ୍ୱୀକୃତି, ସୁପାରିଶ ଓ ପ୍ରୋତ୍ସାହନ ଏକ ଗୁରୁତ୍ୱପୂର୍ଣ୍ଣ ଅବଦାନ । ସେ ହୃଦୟଙ୍ଗମ କରିଥିଲେ ଯେ, ଓଡ଼ିଶାର ଉନ୍ନତି କେବଳ ଏହାର ଲୋକମାନେ ଶିକ୍ଷିତ, ସଚେତନ ଓ ସ୍ୱାଭିମାନୀ ହେଲେ ସମ୍ଭବ ହୋଇ ପାରିବ ।

ମାତୃଭାଷା ସହିତ ଇଂରେଜୀ ଭାଷା ଶିକ୍ଷାର ଗୁରୁତ୍ୱ ସେ ସମୟରେ ଅଗ୍ରଗତିର ଆବଶ୍ୟକତା ଥିଲା । ତଦ୍ୱାରା ଓଡ଼ିଶାର ଯୁବ ସମାଜ ଦେଶବିଦେଶର ପରିସ୍ଥିତି ବୁଝିବା ପାଇଁ ସମର୍ଥ ହୋଇପାରିବେ ଓ ନିଜକୁ ତଦନୁଯାୟୀ ପ୍ରସ୍ତୁତ କରିପାରିବେ । ରେଭେନ୍ସାଙ୍କର ଏହି ଉପଲବ୍ଧି ଓଡ଼ିଶାରେ ଉଚ୍ଚଶିକ୍ଷା ପ୍ରବର୍ତ୍ତନର ମୂଳମନ୍ତ୍ର ଥିଲା । ଓଡ଼ିଶାରେ ଏହି ସୁଯୋଗ ନଥିବାରୁ, ଇଚ୍ଛୁକ ଛାତ୍ରଙ୍କୁ ସୁଦୂର କଲିକତା ଯିବାକୁ ପଡୁଥିଲା । ତାହା ସେ ସମୟରେ ଏତେ ସହଜ ବା ସମ୍ଭବ ନଥିଲା । ତେଣୁ ରେଭେନ୍ସା ବଙ୍ଗ ସରକାରଙ୍କୁ ତାଙ୍କ ପ୍ରଥମ ରିପୋର୍ଟ (ସେପ୍ଟେମ୍ବର ୧୮୬୫ରେ ଓଡ଼ିଶାରେ ଉଚ୍ଚଶିକ୍ଷା ଶ୍ରେଣୀ ଖୋଲିବାକୁ ଅନୁରୋଧ କରିଥିଲେ । ୧୮୬୭ ମସିହା ଫେବୃୟାରୀ ମାସରେ ଶିକ୍ଷାନିର୍ଦ୍ଦେଶକ କଟକରେ ଉଚ୍ଚଶିକ୍ଷା ଶ୍ରେଣୀ ଖୋଲିବାକୁ ପ୍ରସ୍ତାବ ଦେଇଥିଲେ । କଟକ ଜିଲ୍ଲା ସ୍କୁଲ ପରିସରରେ ଏହି ଶ୍ରେଣୀ ଜାନୁଆରୀ ୧୮୬୮ ମସିହାରେ ଆରମ୍ଭ ହୋଇଥିଲା ।

ପ୍ରଚଳିତ ଉଚ୍ଚଶିକ୍ଷା ବ୍ୟବସ୍ଥା ପ୍ରତି ସେ ସମୟରେ ଅନେକ ଆହ୍ୱାନ ଥିଲା । ସ୍ୱଳ୍ପ ସଂଖ୍ୟକ ଛାତ୍ର, ଅର୍ଥର ଅଭାବ, ପରୀକ୍ଷାରେ ନିମ୍ନହାରର ସଫଳତା, ଶିକ୍ଷକ ନିଯୁକ୍ତି ଓ ସେମାନଙ୍କୁ ପାରିଶ୍ରମିକ ପ୍ରଦାନ ଆଦି ପ୍ରତିବନ୍ଧକ ସତ୍ତ୍ୱେ, ଟି.ଇ. ରେଭେନ୍ସାଙ୍କ ଇଚ୍ଛାଶକ୍ତି ଓ ନେତୃତ୍ୱ ସବୁ କିଛିକୁ ସମ୍ମୁଖୀନ ହେବା ପାଇଁ ଚେଷ୍ଟିତ ଥିଲା । କିଛି ଧନୀବର୍ଗର ଉଦାରମନା ରାଜା ଓ ଜମିଦାରଙ୍କ ବିଭିନ୍ନ ସମୟରେ ଉଚ୍ଚଶିକ୍ଷାପାଇଁ ଆର୍ଥିକ ସାହାଯ୍ୟ ପ୍ରଶଂସନୀୟ ଥିଲା ।

ପାଠକ୍ରମ ଶିକ୍ଷାଦାନ ସହିତ ଶାରୀରିକ ଶିକ୍ଷା ଓ ସେଥିପାଇଁ ପ୍ରଶିକ୍ଷକଙ୍କ ନିଯୁକ୍ତି, ତର୍କବିତର୍କ ପାଇଁ ଡିବେଟିଂ କ୍ଲବର ସ୍ଥାପନା ଏବଂ ବିଶିଷ୍ଟ ବ୍ୟକ୍ତିଙ୍କର ବିଭିନ୍ନ ବିଷୟ ସମ୍ବନ୍ଧରେ ଆଲୋଚନା ଓ ବକ୍ତବ୍ୟ, ଶିକ୍ଷାର୍ଥୀଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ଉଦ୍ଦିଷ୍ଟ ଥିଲା । ଉତ୍ସାହ ସୃଷ୍ଟି ପାଇଁ କମିଶନର କୃତୀ ବିଦ୍ୟାର୍ଥୀଙ୍କୁ ପୁରସ୍କାର ବିତରଣ କରିବାର ବ୍ୟବସ୍ଥା କରିଥିଲେ । ଉଚ୍ଚ ପ୍ରଶାସନିକ ସେବାର ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପାଇଁ ତାଲିମର ମଧ୍ୟ ବ୍ୟବସ୍ଥା କରାଗଲା । ୧୮୭୬ ମସିହାରେ କଲେଜ୍ ପାଇଁ ଅଧ୍ୟକ୍ଷ ପଦବୀ ମଞ୍ଜୁର କରାଗଲା ଓ ସେହିବର୍ଷ ସ୍ନାତକ ଶ୍ରେଣୀ ମଧ୍ୟ ଖୋଲିଲା ।

ଟି.ଇ. ରେଭେନ୍ସା ଶିକ୍ଷାର ଉନ୍ନତି ପାଇଁ ଅତ୍ୟନ୍ତ ଯତ୍ନଶୀଳ ଥିଲେ । ନାରୀ ଶିକ୍ଷାର ପ୍ରଗତି ପାଇଁ ୧୮୭୩ ମସିହାରେ ରେଭେନ୍ସା ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠା କରାଯାଇଥିଲା । ଚିକିତ୍ସା ବିଜ୍ଞାନ ସମ୍ବନ୍ଧରେ ଜ୍ଞାନ ଆହରଣ ପାଇଁ ୧୮୭୫ରେ ଏକ ମେଡିକାଲ ସ୍କୁଲ କଟକରେ ଖୋଲିଥିଲା । ୧୮୭୬ରେ କଟକରେ ସର୍ଭେ ସ୍କୁଲ ପ୍ରତିଷ୍ଠା କରାଯାଇଥିଲା । ୧୮୬୯ରେ ପ୍ରତିଷ୍ଠିତ ନର୍ମାଲ ସ୍କୁଲ (ଶିକ୍ଷକମାନଙ୍କୁ ତାଲିମ ଦେବା ବିଦ୍ୟାଳୟ) ଗୁଣାତ୍ମକ ଶିକ୍ଷାର ବିକାଶ କରିଥିଲା । ମୟୁରଭଞ୍ଜର ମହାରାଜା ଫେବୃଆରୀ ୧୮୭୯ ମସିହାରେ କଟକ କଲେଜରେ ଏକ ସ୍ଥାୟୀ ଗୃହ ନିର୍ମାଣ ପାଇଁ ୨୦,୦୦୦ ଟଙ୍କା ପ୍ରଦାନ କରିଥିଲେ । ତାଙ୍କ ଅନୁରୋଧ କ୍ରମେ କଲେଜକୁ ରେଭେନ୍ସା କଲେଜ, କଟକ ଭାବରେ ନାମିତ କରାଗଲା ।

ଏପ୍ରିଲ ୧୮୭୮ ମସିହାରେ ଟି.ଇ. ରେଭେନ୍ସାଙ୍କ ଓଡ଼ିଶାର ଡିଭିଜନର କମିଶନର ଭାବରେ କାର୍ଯ୍ୟକାଳ ସମାପ୍ତ ହୋଇଥିଲା । ତାଙ୍କର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ, ଶିକ୍ଷା କ୍ଷେତ୍ରରେ ପ୍ରଗତି ଓ ଓଡ଼ିଆ ଭାଷାକୁ ପୃଷ୍ଠପୋଷକତା ଓଡ଼ିଶାରେ ଏକ ଐତିହାସିକ ପରିବର୍ତ୍ତନ ଆଣିଥିଲା । ଅବଶ୍ୟ ଦୁର୍ଭିକ୍ଷ ସମୟର ଶାସନଗତ ଅବ୍ୟବସ୍ଥା ଓ ଉଦାସୀନତା ଯୋଗୁଁ ଲକ୍ଷଲକ୍ଷ ଲୋକଙ୍କ ଅନାହାରରେ ଜୀବନହାନି ଉଚିତ୍ ସମୟରେ ଉଚିତ ପଦକ୍ଷେପ ଦ୍ୱାରା ହ୍ରାସ କରାଯାଇ ପାରିଥାନ୍ତା । ସେହି ବିଡମ୍ବନା ଓ ଗ୍ଲାନିକୁ ଭରଣା କରିବା ପାଇଁ ସେ ପ୍ରାଣପଣେ ଆନ୍ତରିକତାର ସହ ଓଡ଼ିଆ ଓ ଓଡ଼ିଶାର ଉନ୍ନତି ଓ ଗୌରବ ବୃଦ୍ଧି ଉପଲକ୍ଷେ ଅଭୂତପୂର୍ବ ଚେଷ୍ଟା କରିଯାଇଛନ୍ତି । ରେଭେନ୍ସା କଲେଜ ଓଡ଼ିଶାର ସ୍ୱାଧୀନଚେତା ଯୁବସମାଜଙ୍କୁ ଏକତ୍ରିତ କରିବା ସହିତ ଭାଷା ଆନ୍ଦୋଳନ, ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଓ ସ୍ୱାଧୀନତା ସଂଗ୍ରାମ ପାଇଁ ଆଗେଇ ଆସିବାକୁ ଏକ ନୈତିକ ସାହସ ଦେଇଥିଲା । ଦୀର୍ଘ ଦଶନ୍ଧିହେଲା ଉପନିବେଶବାଦର ପରିସମାପ୍ତି ଘଟିଯାଇଛି । ଆଜିର ଦୁନିଆ ଜଗତୀକରଣ ସୂତ୍ରରେ ବନ୍ଧା । ଏ ସମୟରେ ଉପନିବେଶବାଦର ସବୁ ଚିହ୍ନ ଲିଭେଇବାକୁ ପ୍ରୟାସ, ଏକ ପ୍ରହେଳିକା ସୃଷ୍ଟି କରୁଛି ।

**ଅହଲ୍ୟା ସ୍ୱାଇଁ**
**୧୬୦୨/୧୬୨୭ , ଲେନ୍-୫**
**ଲେକ୍ ଭେଲି, ଗଣ୍ଡମୁଣ୍ଡା**
**ଭୁବନେଶ୍ୱର୦-୩୦**
**ଫୋନ୍-୯୯୩୭୪୨୫୧୪୮**

## କମନଓ୍ୱେଲଥ ଭାରୋତ୍ତୋଳନ ଚାମ୍ପିଅନସିପ୍

# ଯୁବ ଓ କନିଷ୍ଠ ବର୍ଗରେ ମୀନା ଜିତିଲେ ସ୍ୱର୍ଣ୍ଣ ପଦକ




**ଭୁବନେଶ୍ୱର**

ଫିଜିରେ ଆୟୋଜିତ ଯୁବ କମନଓ୍ୱେଲଥ ଭାରୋତ୍ତୋଳନ ଚାମ୍ପିଅନସିପରେ ଓଡ଼ିଶାର ମୀନା ସାନ୍ତା ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେ ବରିଷ୍ଠ ବିଭାଗରେ ରୌପ୍ୟପଦକ ହାସଲ କରିଛନ୍ତି। ସେ ସ୍ନାକରେ ୮୧ କିଲୋ ଓ କ୍ଲିନ ଓ ଜର୍କରେ ୯୯ କିଲୋ ଭାରୋତ୍ତୋଳନ କରିଛନ୍ତି। ମୀନା ମୋଟ ୧୮୦କିଲୋ ଭାରୋତ୍ତଳନ କରି ଏହି କୃତିତ୍ୱ ହାସଲ କରିଛନ୍ତି। ଯୁବ କମନଓ୍ୱେଲଥ ଭାରୋତ୍ତୋଳନ ଚାମ୍ପିଅନସିପରେ ଓଡ଼ିଶାର ମୀନା ସାନ୍ତା ଓ ଜ୍ୟୋସ୍ନା ଶବର ଏହି ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେହିପରି ଜ୍ୟୋସ୍ନା ଶବର ଏହି ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେ ସ୍ନାକରେ ୫୮ କିଲୋ ଓ କ୍ଲିନ ଆଣ୍ଡ ଜର୍କରେ ୬୫ କିଲୋ ଭାରୋତ୍ତଳନ କରିଛନ୍ତି। ସେ ମୋଟ ୧୨୩ କିଲୋ ଭାରୋତ୍ତଳନ କରି ଯୁବ ବିଭାଗରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଉଭୟ ମୀନା ଓ ଜ୍ୟୋସ୍ନା ସବର ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମର ହାଇ ପରଫରମାନ୍ସ ସେଣ୍ଟରରେ ଅଭ୍ୟାସ କରୁଥିଲେ। ବର୍ତ୍ତମାନ ସମୟରେ ଉଭୟ କ୍ରୀଡ଼ାବିତ୍ ପଞ୍ଜାବର ପଟିଆଲାରେ ଅଭ୍ୟାସରତ ଅଛନ୍ତି। ଉଭୟ କ୍ରୀଡ଼ାବିତ୍‌ଙ୍କ ସଫଳତାରେ ଓଡ଼ିଶାର କ୍ରୀଡ଼ାବିତ୍ ଓ କ୍ରୀଡ଼ାପ୍ରେମୀ ଶୁଭେଚ୍ଛା ଜଣାଇଛନ୍ତି।

# ଚୀନ୍‌କୁ ହରାଇ ୫ମ ଥର ପାଇଁ ଏସିଆନ ଚାମ୍ପିୟନ୍ସ ଟ୍ରଫି ହାତେଇଲା ଭାରତ

**ନୂଆଦିଲ୍ଲୀ**

କମାଲ କରିଛି ଭାରତୀୟ ପୁରୁଷ ହକି ଟିମ୍। ଚାଇନାକୁ ହରାଇ ରେକର୍ଡ ୫ମ ଥର ପାଇଁ ଏସିଆନ ଚାମ୍ପିୟନ୍ସ ଟ୍ରଫିକୁ କବ୍‌ଜା କରିଛି ଭାରତ। ଘରୋଇ ପରିବେଶରେ ଚାଇନା ପ୍ରଥମ ଥର ଫାଇନାଲ ଖେଳୁଥିଲେ ହେଁ ଅପରାଜେୟ ଭାରତକୁ ଚାମ୍ପିୟନ ହେବାରୁ ରୋକି ପାରିନି।

ମଙ୍ଗଳବାର ଫାଇନାଲ ମ୍ୟାଚ୍‌ରେ ହରମନପ୍ରୀତ ସିଂହଙ୍କ ଭାରତୀୟ ଟିମ୍ କଡ଼ା ସଂଘର୍ଷ ସହ ଚାଇନାକୁ ୧-୦ରେ ହରାଇ ଟ୍ରଫି ଜିତିଛି। ଭାରତ ପକ୍ଷରୁ ଯୁଗରାଜ ସିଂହ ହିଁ ଏକମାତ୍ର ଗୋଲ ସ୍କୋର କରିଛନ୍ତି। ଏହି ଗୋଲଟି ଶେଷ କ୍ୱାର୍ଟର (୫୧ତମ ମିନିଟ)ରେ ହିଁ ମିଳିଥିଲା।

ଚାଇନା ପ୍ରଥମଥର ଫାଇନାଲ ଖେଳୁଥିଲେ ହେଁ ଭାରତକୁ କଡ଼ା ଟକ୍କର ଦେବାକୁ ସକ୍ଷମ ହୋଇଥିଲା। ବିଶେଷ କରି ଚାଇନାର ଗୋଲ କିପର ଏକାଧିକ ଗୋଲକୁ ରୋକିବାକୁ




ସକ୍ଷମ ହୋଇଥିଲେ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଭାରତ ତା'ର ଏସିଆନ ଚାମ୍ପିୟନ୍ସ ଟ୍ରଫି ଅଭିଯାନ ଚାଇନାକୁ ହରାଇ ଆରମ୍ଭ କରିଥିଲା। ମଙ୍ଗଳବାର ଫାଇନାଲରେ ସେହି ଚାଇନାକୁ ହରାଇ ଚାମ୍ପିୟନ ହୋଇଛି। ୨୦୨୩ ଏସିଆନ ଚାମ୍ପିୟନ୍ସ ଟ୍ରଫି ମଧ୍ୟ ଭାରତ ଜିତିଥିଲା। ଦଳ ଫାଇନାଲରେ ମାଲେସିୟାକୁ ୪-୩ ଗୋଲରେ ହରାଇ ଟ୍ରଫି କବ୍‌ଜା କରିଥିଲା। ଏଥର ଚାଇନାକୁ ହରାଇ ଚାମ୍ପିୟନ ହୋଇଛି।

୨୦୧୧, ୨୦୧୬, ୨୦୧୮, ୨୦୨୩ ଓ ୨୦୨୪ରେ ଭାରତ ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ଚାମ୍ପିୟନ ହୋଇଛି। ଦଳକୁ କେବଳ ୨୦୧୨ରେ ରନର୍ସଅପ ହେବାକୁ ପଡ଼ିଥିଲା। ସେହିପରି ୨୦୧୩ରେ ଦଳ ଫାଇନାଲକୁ ଯାଇ ପାରି ନଥିଲା। ଏହି ୨ ବିପର୍ଯ୍ୟୟକୁ ଛାଡ଼ି ଦେଲେ ଭାରତ ସବୁ ସଂସ୍କରଣରେ ନିଜର ଦବଦବା ଦେଖାଇ ଚାଲିଛି। ଏଥର ମଧ୍ୟ ହରମନପ୍ରୀତ ସିଂହଙ୍କ ନେତୃତ୍ୱରେ ପୂରା ଟୁର୍ଣ୍ଣାମେଣ୍ଟରେ ଦଳ ଅପରାଜେୟ ରହି ଟ୍ରଫି ହାସଲ କରିଛି।

## ଭାଲେର ଠାରେ ବ୍ଲକ୍ ସ୍ତରୀୟ ଖୋଖୋ ଚୟନ ଶିବିର

**ବଲାଙ୍ଗୀର, ନ୍ୟୁଜ୍‌ବ୍ୟୁରୋ**

ସରକାରୀ ଉଚ୍ଚ ବିଦ୍ୟାଳୟ ଭାଲେର ଠାରେ ବ୍ଲକ ସ୍ତରୀୟ ଖୋଖୋ ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପବିତ୍ର ମୋହନ ଗୁରୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ଆଟଗାଁ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିଲୀପ କୁମାର ଯୋଷୀ ମୁଖ୍ୟ ଅତିଥି, ପ୍ରଧାନ ଶିକ୍ଷକ ନୀଳମଣି ପଟେଲ ମୁଖ୍ୟବକ୍ତା, ଖୋଖୋ ପ୍ରଶିକ୍ଷକ ପଦ୍ମ ଚରଣ ଦାସ ସମ୍ମାନିତ ଅତିଥି, ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଆନନ୍ଦ ବଡ଼ପଣ୍ଡା ସମ୍ମାନିତ ଅତିଥି, ବ୍ଲକ କ୍ରୀଡ଼ା ସମ୍ପାଦକ ସୁଶାନ୍ତ କୁମାର ନାଗ ପ୍ରଭୃତି ମଞ୍ଚାସୀନ ଥିଲେ। ଏହି ଶିବିରରେ ପୁଇଁନ୍ତଲା ବ୍ଲକ ଅନ୍ତର୍ଗତ ୧୩ଟି ଉଚ୍ଚ ବିଦ୍ୟାଳୟରୁ ୧୫୬ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିବା ବେଳେ ମନୋନୀତ ଛାତ୍ରଛାତ୍ରୀ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ସୁରଧନୁ ଉଚ୍ଚ ବିଦ୍ୟାଳୟ, କୁତୁର୍ଲା ଠାରେ ଅଂଶଗ୍ରହଣ କରିବେ ବୋଲି ସୂଚନା ଦିଆଯାଇଛି। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଖେଳ ଶିକ୍ଷକ ହେମନ୍ତ ପଧାନ ସଂଯୋଜନା କରିଥିବା ବେଳେ ସହକାରୀ ଶିକ୍ଷକ ଅନିଲ କୁମାର ରଣା ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ କର୍ମଚାରୀ ତଥା ବ୍ଲକର ବିଭିନ୍ନ ବିଦ୍ୟାଳୟର ଖେଳ ଶିକ୍ଷକମାନେ ସହଯୋଗ କରିଥିଲେ।

# ମହିଳା ଟି-୨୦ ବିଶ୍ୱକପ ପୂର୍ବରୁ ପୁରସ୍କାର ନେଇ ବଡ଼ ଘୋଷଣା କଲା ଆଇସିସି

**ନୂଆଦିଲ୍ଲୀ**

ଆସନ୍ତା ମାସରୁ ମହିଳା ଟି-୨୦ ବିଶ୍ୱକପ ଆରମ୍ଭ ହେବ। ଏହାପୂର୍ବରୁ ପୁରସ୍କାର ଅର୍ଥକୁ ନେଇ ବଡ଼ ଘୋଷଣା କରିଛି ଆଇସିସି। ପ୍ରଥମଥର ପାଇଁ ମହିଳାମାନେ ମଧ୍ୟ ପୁରୁଷଙ୍କ ଭଳି ସମାନ ପରିମାଣର ଆର୍ଥିକ ପୁରସ୍କାର ବିଶ୍ୱକପରେ ପାଇବେ। ଅର୍ଥାତ ପୁରୁଷ ଟି-୨୦ରେ ଯେତିକି ଟଙ୍କାର ପୁରସ୍କାର ରାଶି ବିଭିନ୍ନ ଦଳକୁ ମିଳିଥିଲା ମହିଳା ବିଶ୍ୱକପରେ ମଧ୍ୟ ସମାନ ପରିମାଣର ଅର୍ଥ ମିଳିବ।

କ୍ରିକେଟ ପ୍ରଥମ ଦଳଗତ କ୍ରୀଡ଼ା ଯେଉଁଠାରେ ଉଭୟ ପୁରୁଷ ଓ ମହିଳାମାନେ ବିଶ୍ୱକପରେ ସମାନ ପରିମାଣର ଆର୍ଥିକ ପୁରସ୍କାର ପାଇବେ। ଚଳିତ ବର୍ଷ ୟୁଏଇରେ ମହିଳା ଟି-୨୦ ବିଶ୍ୱକପ ଅନୁଷ୍ଠିତ ହେବାକୁ ଯାଉଛି। ବିଶ୍ୱକପ ବିଜେତା ଦଳକୁ ଆଇସିସି ୨.୩୪ ମିଲିୟନ ଡଲାର ପ୍ରଦାନ କରିବ। ୨୦୨୩ ତୁଳନାରେ ଏହା ୧୩୪% ଅଧିକ। ୨୦୨୩ରେ ବିଶ୍ୱକପ ଜିତିଥିବା ଅଷ୍ଟ୍ରେଲିଆ ଦଳକୁ କେବଳ ୧ ମିଲିୟନ ଡଲାର ମିଳିଥିଲା।

ବିଶ୍ୱକପର ରନର୍ସ ଅପ ଦଳକୁ ପୂର୍ବରୁ ୫୦୦,୦୦୦ ଡଲାର ମିଳୁଥିବା ବେଳେ ଏଥର ୧.୧୭ ମିଲିୟନ ଡଲାର ମିଳିବ। ସେମିଫାଇନାଲରେ ହାରିଥିବା ୨ ଦଳକୁ ୬୭୫,୦୦୦ ମିଲିୟନ ଡଲାର ଲେଖାଏ ଦିଆଯିବ। ୨୦୨୩ରେ ଏହାର ପରିମାଣ ୨୧୦,୦୦୦ ଡଲାର ଥିଲା।

୨୦୨୪ ଟି-୨୦ ବିଶ୍ୱକପ ପାଇଁ ଆଇସିସି ମୋଟ ୭,୯୫୮,୦୮୦ ଡଲାରର ବ୍ୟବସ୍ଥା କରିଛି। ଏହା ୨୦୨୩ର ୨.୪୫ ମିଲିୟନ ଡଲାର ଠାରୁ ୨୨୫



ପ୍ରତିଶତ ଅଧିକ। ଗ୍ରୁପ ପର୍ଯ୍ୟାୟରେ ପ୍ରତିଟି ବିଜୟ ପାଇଁ ୩୧,୧୫୪ ଡଲାର ମିଳିବ। ଯେଉଁ ୬ଟି ଟିମ୍ ସେମିଫାଇନାଲକୁ ଯାଇ ପାରିବେ ନାହିଁ, ସେମାନଙ୍କ ମଧ୍ୟରେ ୧.୩୫ ମିଲିୟନ ଡଲାର ବଣ୍ଟା ଯିବ।

ପଏଣ୍ଟ ଟେବୁଲରେ ଥିବା ସ୍ଥାନ ଅନୁସାରେ ଟଙ୍କା ଦିଆଯିବ। ପ୍ରତି ଗ୍ରୁପରେ ତୃତୀୟ ଓ ୪ର୍ଥ ସ୍ଥାନରେ ରହୁଥିବା ଦଳକୁ ୨୭୦,୦୦୦ ଡଲାର ପ୍ରଦାନ କରିଯିବ। ୫ମ ସ୍ଥାନରେ ରହୁଥିବା ଦଳକୁ ୧୩୫,୦୦୦ ଡଲାର ମିଳିବ। ବିଶ୍ୱକପରେ ଭାଗ ନେଉଥିବା ଦଳ ନିଶ୍ଚିତ ଭାବେ ୧୧୨,୫୦୦ ଡଲାର ପାଇବେ। ଆଇସିସି ମହିଳା କ୍ରିକେଟକୁ ଅଧିକ ଲୋକପ୍ରିୟ କରିବାକୁ ଚାହୁଁଛି। ୨୦୩୨ ସୁଦ୍ଧା ଏହା ଅଭିବୃଦ୍ଧି ଲକ୍ଷ୍ୟରେ ସଂସ୍ଥା ରହିଛି।

ଆଇସିସି ମହିଳା ଟି-୨୦ ବିଶ୍ୱକପ ଅକ୍ଟୋବର ୩ରୁ ଆରମ୍ଭ ହେବ। ପ୍ରଥମ ମ୍ୟାଚ୍‌ରେ ବାଂଲାଦେଶ ଓ ସ୍କଟ୍‌ଲ୍ୟାଣ୍ଡ ମୁହାଁମୁହିଁ ହେବେ। ଟୁର୍ଣ୍ଣାମେଣ୍ଟରେ ମୋଟ ୧୦ଟି ଦଳ ୨୩ଟି ମ୍ୟାଚ୍ ଖେଳିବେ। ଦୁବାଇ ଓ ସାରଜାରେ ମ୍ୟାଚ୍‌ଗୁଡ଼ିକ ଖେଳାଯିବ।

# ଭାରତ ବିପକ୍ଷ ଫାଇନାଲରେ ଚାଇନା ପତାକା ଧରିଥିଲେ ପାକିସ୍ତାନ ଖେଳାଳି

**ନୂଆଦିଲ୍ଲୀ**

ମଙ୍ଗଳବାର ଶେଷ ହୋଇଛି ଏସିଆନ ଚାମ୍ପିୟନ୍ସ ଟ୍ରଫି ୨୦୨୪। ଭାରତୀୟ ପୁରୁଷ ହକି ଟିମ ରେକର୍ଡ ୫ମ ଟାଇଟଲ ଜିତି ଅଭିଯାନ ଶେଷ କରିଛି। ତେବେ ଫାଇନାଲ ବେଳର ଏକ ଦୃଶ୍ୟ ଏବେ ଭାଇରାଲ ହେଉଛି। ଭାରତ ଓ ଚାଇନା ମଧ୍ୟରେ ଖେଳା ଯାଉଥିବା ଫାଇନାଲରେ ପାକିସ୍ତାନର ଖେଳାଳିମାନେ ଷ୍ଟାଡିୟମରେ ଉପସ୍ଥିତ ରହିଥିଲେ। ଚାଇନା ସେମିରେ ପାକିସ୍ତାନକୁ ହରାଇଥିଲା।

ହେଲେ ଫାଇନାଲରେ ପାକିସ୍ତାନର ଖେଳାଳିମାନେ ଚାଇନାର ସମର୍ଥନ କରିଥିଲେ। ସେମାନେ ଚାଇନିଜ ଖେଳାଳିଙ୍କୁ ଉତ୍ସାହିତ କରିବା ସହ ମ୍ୟାଚ୍ ବେଳେ ଚାଇନାର ପତାକା ମଧ୍ୟ ଧରିଥିଲେ। ତୃତୀୟ କ୍ୱାର୍ଟର ଯାଏ ଭାରତ ମ୍ୟାଚ୍‌ରେ କୌଣସି ଗୋଲ



ସ୍କୋର କରିପାରି ନଥିବାରୁ ପାକିସ୍ତାନ ଖେଳାଳିମାନେ ବେଶ୍ ଉତ୍ସାହିତ ହୋଇଥିଲେ। ସେମାନେ ଚାଇନା ପତାକା ଉଡ଼ାଇଥିଲେ। କିନ୍ତୁ ୪ର୍ଥ କ୍ୱାର୍ଟର ଅର୍ଥାତ ୫୧ତମ ମିନିଟରେ ଯୁଗରାଜ ଭାରତ ପାଇଁ ଗୋଲ୍ ମାରିବା ପରେ ପାକିସ୍ତାନ କୋଚ୍ ଓ ଖେଳାଳିଙ୍କ ମୁହଁ ଫିକା ହୋଇଯାଇଥିଲେ। ସେମାନେ ଚାଇନା ପତାକା ଧରି ତଳକୁ ମୁହଁ ପୋତି ବସିଥିବାର ଫଟୋ ମଧ୍ୟ ସାମ୍ନାକୁ ଆସିଛି। ଏହି ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ପାକିସ୍ତାନ ଖେଳାଳିଙ୍କୁ ଅନେକ କଟାକ୍ଷ କରିଛନ୍ତି। ସେମାନଙ୍କର ମିମ୍ସ ବନାଇ ଶେୟାର କରିବାରେ ଲାଗିଛନ୍ତି।

i-162

**'e' Procurement Notice for Building Works**
**Identification No Online Tender/01/PSB/2024-25**

| | |
|---|---|
| 1. Name of the work | : Construction of Additional Class Room at Nilakantha Govt. High School, Kantabada. under Begunia Block in the district of Khordha for the year 2024-25 |
| 2. Total Number of Works | : 01 No |
| 3 Estimated Cost | : Rs. 12.23 lakh |
| 4. Class of Contractor | : D& Equivalent |
| 5. Period of Completion | : 04 Calendar Months |
| 6. Availability of Tender Online for bidding | : Dt. 17.09.2024 at 11.00 A.M to dt.27.09.2024 at 5.00 PM |
| 7. Last date & time of seeking tender clarification | : Dt.24.09.2024 al 5.00 PM |
| 8. Date & time of opening of Tender | : Dt. 30.09.2024 at 11 AM |

Further details can be seen from the website www.tendrodisha.gov.in

Sd/- Block Development Officer
OIPR-19302/11/0001/2425 Begunia

# ସବୁ ଦେଶ ଟିମ୍ ଇଣ୍ଡିଆର ଶତ୍ରୁ : ରୋହିତ




**ଚେନ୍ନାଇ**

ସେପ୍ଟେମ୍ବର ୧୯ରୁ ଟିମ୍ ଇଣ୍ଡିଆ ବାଂଲାଦେଶ ବିପକ୍ଷରେ ୨ ଟିକିଆ ଟେଷ୍ଟ ସିରିଜ ଖେଳିବାକୁ ପ୍ରସ୍ତୁତ ହେଉଛି। ଗତ କିଛି ଦିନ ହେବ ଚେନ୍ନାଇରେ ଟିମ୍ ଇଣ୍ଡିଆ ଖେଳାଳିମାନେ ପ୍ରସ୍ତୁତି କରୁଛନ୍ତି। ଚେନ୍ନାଇରେ ପ୍ରଥମ ମ୍ୟାଚ୍ ଖେଳାଯିବ। ତେବେ ସିରିଜ ଆରମ୍ଭ ହେବାର ଦୁଇ ଦିନ ପୂର୍ବରୁ ଭାରତୀୟ ଦଳର ଅଧିନାୟକ ରୋହିତ ଶର୍ମା ଚେନ୍ନାଇରେ ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରିଛନ୍ତି। ଏହି ସମୟରେ ସେ ଦଳର ଭବିଷ୍ୟତ ବିଷୟରେ କହିଥିଲେ। ଏଥି ସହିତ ହିଟ୍‌ମ୍ୟାନ୍ ସବୁ କ୍ରିକେଟ ଖେଳୁଥିବା ଦେଶକୁ ଟିମ୍ ଇଣ୍ଡିଆର ଶତ୍ରୁ ବୋଲି କହିଛନ୍ତି।

ବାଂଲାଦେଶ ସିରିଜ୍ ପୂର୍ବରୁ ରୋହିତ ଶର୍ମା ମଧ୍ୟ ତାଙ୍କ ରଣନୀତି ବିଷୟରେ ଖୋଲାଖୋଲି ଭାବେ କଥା ହୋଇଥିଲେ। କିନ୍ତୁ ଏହି ସମୟ ମଧ୍ୟରେ ରୋହିତ ଏକ ବଡ଼ ବିବୃତି ଦେଇଛନ୍ତି। ତାଙ୍କ ସମ୍ମିଳନୀରେ ହିଟମ୍ୟାନ କହିଛନ୍ତି, 'ଆଜି କ୍ରିକେଟ ଖେଳୁଥିବା ସବୁ ଦେଶ ଭାରତୀୟ ଦଳକୁ ପରାସ୍ତ କରିବାକୁ ଚାହୁଁଛନ୍ତି। ପ୍ରତ୍ୟେକ ଦଳ ଭାରତକୁ ପରାସ୍ତ କରି ଆନନ୍ଦ ନେବାକୁ ଚାହୁଁଛନ୍ତି।

ସେମାନଙ୍କୁ ତାଙ୍କର ଚିନ୍ତା କରିବାକୁ ଦିଆଯାଉ। କିନ୍ତୁ ଆମକୁ ଆମର କାର୍ଯ୍ୟ ଉପରେ ଧ୍ୟାନ ଦେବାକୁ ପଡିବ। ଆମକୁ ମ୍ୟାଚ୍ ଜିତିବାକୁ ପଡିବ। ଆମର ବିପକ୍ଷ ଦଳ ଆମ ବିଷୟରେ କ'ଣ ଚିନ୍ତା କରୁଛନ୍ତି ଆମେ ଚିନ୍ତା କରିବାର ଆବଶ୍ୟକତା ନାହିଁ। ସେମାନଙ୍କର ଚିନ୍ତା କ'ଣ? ଯେତେବେଳେ ଇଂଲଣ୍ଡ ମଧ୍ୟ ଭାରତ ଆସିଥିଲା, ସେତେବେଳେ ସେମାନେ ତାଙ୍କ ସାମ୍ବାଦିକ ସମ୍ମିଳନୀରେ ମଧ୍ୟ ଆମ ବିଷୟରେ କହିଥିଲେ। କିନ୍ତୁ ଆମେ ତାଙ୍କ କଥା ପ୍ରତି ଧ୍ୟାନ ଦେଇ ନ ଥିଲୁ। ରୋହିତଙ୍କ ବିବୃତିରୁ ଏହା ସ୍ପଷ୍ଟ ହୋଇଛି ଯେ ସମସ୍ତ ଦେଶ ଭାରତ ବିପକ୍ଷରେ ଭଲ ପ୍ରଦର୍ଶନ କରିବାକୁ ଚାହୁଁଛନ୍ତି।

ବରିଷ୍ଠ ଖେଳାଳିଙ୍କ ବ୍ୟତୀତ ଯୁବ ଖେଳାଳିଙ୍କୁ ବାଂଲାଦେଶ ବିପକ୍ଷରେ ସ୍ଥାନ ଦିଆଯାଇଛି। ସରଫରାଜ ଖାନ, ଧ୍ରୁଭ ଜୁରେଲ ଏବଂ ଯଶାସଭି ଜୟସ୍ୱାଲଙ୍କୁ ମଧ୍ୟ ସୁଯୋଗ ଦିଆଯାଇଛି। ଇଂଲଣ୍ଡ ବିପକ୍ଷରେ ଖେଳାଯାଇଥିବା ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜରେ ଏହି ଖେଳାଳିମାନେ ଚମତ୍କାର ପ୍ରଦର୍ଶନ କରିଥିଲେ।

ଏଭଳି ପରିସ୍ଥିତିରେ ରୋହିତ ଏହି ଖେଳାଳିମାନଙ୍କୁ ସାମ୍ବାଦିକ ସମ୍ମିଳନୀରେ ବହୁତ ପ୍ରଶଂସା କରିଥିଲେ। ରୋହିତ କହିଛନ୍ତି ଏହି ଖେଳାଳିମାନେ ଭାରତ ପାଇଁ ରନ୍ ସ୍କୋର କରିବାର ଆଶା ରହିଛି। ତେବେ, ଏହି ଖେଳାଳିମାନେ ବାଂଲାଦେଶ ବିପକ୍ଷରେ ଖେଳିବାର ସୁଯୋଗ ପାଇବେ କି ନାହିଁ ତାହା ସମୟ ସ୍ଥିର କରିବ।

GOVERNMENT OF ODISHA B-280
OFFICE OF THE SUPERINTENDING ENGINEER, MALKANGIRI (R&B) DIVISION, MALKANGIRI
**E-Procurement Notice**
**Bid Identification No. S.E (R&B)- MLK-03/2024-25**
No. 3759 Date. 13.09.2024

| | |
|---|---|
| 1. Name of the work: | Road works |
| 2. Total No. of Works: | 04 Nos. |
| 3. Estimated cost: | Rs.16.83 lakhs to Rs.36.95 lakhs |
| 4. Period of completion: | 01 (One) month |
| 5. Date & time of availability of bid document in the portal: | From 11.00 hrs. Of 20.09.2024 To 16.00 hrs.Of 30.09.2024 |
| 6. Last date / Time for receipt of bids in the Portal; | 16.00 hours of 30.09.2024 |
| 7. Date of opening of Tender; | 11.00 hours of 01.10.2024 |
| 8. Name and address of the Officer Inviting Bid: | Superintending Engineer Malkangiri(R&B) Division |

Further details can be seen from the e-procurement portal https://tendersorissa.gov.in

Sd/- Superintending Engineer
OIPR-34063/11/0005/2425 Malkangiri (R&B) Division

पावरग्रिड
POWERGRID

**ନୋଟିସ୍**

୧.୦ ଆପ୍ଲିଭାଲ ଅଣ୍ଡର ନିୟମାବଳୀ-୮୬ ଅଫ ସିଇଆରସି (ଆଚରଣ ବିଧି) ନିୟମାବଳୀ-୧୯୯୯ ଏବଂ ସିଇଆରସି (ସର୍ତ୍ତ ଏବଂ ଚୁକ୍ତିନାମା ଅଫ ଟାରିଫ) ନିୟମାବଳୀ' ୨୦୧୯ରେ ଅନୁମୋଦନ **ଆବେଦନ-୧** ପାଇଁ (୨୦୧୯-୨୪) ଶୁଳ୍କ ବ୍ଲକ : ଇଆରଏସଏସ-୧ ପ୍ରକଳ୍ପ ଅଧିନରେ ମିଳିତ ସମ୍ପତ୍ତି, **ଆବେଦନ-୨** ଇଆରଏସଏସ-୪ ଅଧିନରେ ମିଳିତ ସମ୍ପତ୍ତି, **ଆବେଦନ-୩ :** ୨ ନଂ. ମୁଜାଫରପୁର (ପିଜି)ର ସମାପ୍ତି ପାଇଁ ମୁଜାଫରପୁର ସବଷ୍ଟେସନରେ ୪୦୦କେଭି ଲାଇନ୍ ପୂର୍ବ ଅଞ୍ଚଳ ମଜଭୁତ ସ୍କିମ୍-୬, ଅନ୍ତର୍ଗତ ଦାରବଙ୍ଗା (ଟିବିସିବି) ୪୦୦କେଭି ବି/ସି (ଟ୍ରିପୁଲ ତୁଷାରପାତ) ରେଖା : ପରିବର୍ତ୍ତନ କ୍ଷମତା ଏବଂ ପ୍ରତିକ୍ରିୟାଶୀଳ କ୍ଷତିପୂରଣ ଅଧିନରେ ମିଳିତ ସମ୍ପତ୍ତି। **ଆବେଦନ-୪ :** ପରିବର୍ତ୍ତନ କ୍ଷମତା ଏବଂ ପ୍ରତିକ୍ରିୟାଶୀଳ କ୍ଷତିପୂରଣର ଅଗମେଣ୍ଟେସନ୍ ଅଧିନରେ ମିଳିତ ସମ୍ପତ୍ତି।

୨.୦ ଇଷ୍ଟର୍ଣ୍ଣ ଅଞ୍ଚଳରେ ଉପରୋକ୍ତ ଟ୍ରାନ୍ସମିଶନ ସିଷ୍ଟମ୍‌ର ହିତାଧିକାରୀମାନେ ହେଲେ **୧. ବିହାର ଷ୍ଟେଟ ପାୱାର (ହୋଲ୍ଡିଂ) କମ୍ପାନୀ ଲିମିଟେଡ୍, ୨. ୱେଷ୍ଟବେଙ୍ଗଲ ଷ୍ଟେଟ୍ ଇଲେକ୍ଟ୍ରିକ୍ ଡିଷ୍ଟ୍ରିବ୍ୟୁସନରେ କମ୍ପାନୀ ଲିମିଟେଡ୍, ୩. ଗ୍ରିଡ୍ କର୍ପୋରେସନ ଅଫ ଓଡ଼ିଶା ଲିମିଟେଡ୍, ୪. ଦାମୋଦର ଭ୍ୟାଲି କର୍ପୋରେସନ, ୫. ପାୱାର ଡିପାର୍ଟମେଣ୍ଟ, ଗଭର୍ଣ୍ଣମେଣ୍ଟ ଅଫ ସିକିମ୍, ୬. ଝାଡ଼ଖଣ୍ଡ ବିଜୁଳି ଭିଟ୍ରାନ ନିଗମ ଲିମିଟେଡ୍।**

୩.୦ ଟାରିଫ ଡିଟେଲ୍‌ସ :

କ) ୨୦୧୯-୨୪ବ୍ଲକ୍ — ଟ. ଲକ୍ଷେରେ

| ପିଟିସନ ନଂ. | ଆସେଟ ଡିଟେଲ | ଡିଓସିଓ /ଇସିଓଡି | କମ୍ପ୍ଲେକ୍ସ ଏଜ୍‌ଅନ୍ ୩୧.୦୩.୨୦୨୪ | | ୨୦୧୯-୨୦ | ୨୦୨୦-୨୧ | ୨୦୨୧-୨୨ | ୨୦୨୨-୨୩ | ୨୦୨୩-୨୪ |
|---|---|---|---|---|---|---|---|---|---|
| ପିଟିସନ-୧ | କମ୍ବାଇଣ୍ଡ ଆସେଟ | ୧୪.୦୫.୨୦୧୨ | ୯୧୯୩୧.୨୦ | ରିଭାଇଜଡ୍ ଏଏଫସି ବେସଡ୍ ଅନ୍ ଟ୍ରୁଇଂ ଅପ୍ | ୧୧,୯୮୦.୯୬ | ୧,୩୭୮.୯୯ | ୧୧,୬୬୮.୩ | ୧୧,୫୨୪.୦୬ | ୧୧,୬୪୬.୮୫ |
| ପିଟିସନ-୨ | କମ୍ବାଇଣ୍ଡ ଆସେଟ | ୦୯.୦୩.୨୦୧୩ | ୪୭୩୭.୯୪ | ରିଭାଇଜଡ୍ ଏଏଫସି ବେସଡ୍ ଅନ୍ ଟ୍ରୁଇଂ ଅପ୍ | ୯୮୯.୦୦ | ୯୭୫.୦୭ | ୯୬୩.୦୬ | ୯୫୨.୨୨ | ୯୪୪.୬୪ |
| ପିଟିସନ-୩ | ୨ଟି ୪୦୦କେଭି ଲାଇନ୍‌ବେଜ ଏଟ୍ ମୁଜାଫରପୁର ସବଷ୍ଟେସନ | ୨୧.୦୪.୨୦୧୭ | ୧୬୮୫.୪୯ | ରିଭାଇଜଡ୍ ଏଏଫସି ବେସଡ୍ ଅନ୍ ଟ୍ରୁଇଂ ଅପ୍ | ୨୯୪.୮୦ | ୩୦୮.୨୮ | ୩୧୯.୫୨ | ୩୧୯.୩୭ | ୩୧୮.୨୦ |
| ପିଟିସନ-୪ | କମ୍ବାଇଣ୍ଡ ଆସେଟ | ୦୧.୦୯.୨୦୧୫ | ୨୩୭୩.୨୩ | ରିଭାଇଜଡ୍ ଏଏଫସି ବେସଡ୍ ଅନ୍ ଟ୍ରୁଇଂ ଅପ୍ | ୪୭୨.୩୦ | ୪୬୫.୮୪ | ୪୬୧.୦୯ | ୪୫୭.୧୫ | ୪୫୨.୬୩ |

କ) ୨୦୨୪-୨୯ବ୍ଲକ୍ — ଟ. ଲକ୍ଷେରେ

| ପିଟିସନ ନଂ | ଆସେଟ ଡିଟେଲ | କମ୍ପ୍ଲେସନ କଷ୍ଟ ଏଜ୍‌ଅନ୍ ୩୧.୦୩.୨୦୨୯ | | ୨୦୨୪-୨୫ | ୨୦୨୫-୨୬ | ୨୦୨୬-୨୭ | ୨୦୨୭-୨୮ | ୨୦୨୮-୨୯ |
|---|---|---|---|---|---|---|---|---|
| ପିଟିସନ-୧ | କମ୍ବାଇଣ୍ଡ ଆସେଟ | ୯୧୯୩୧.୨୦ | ଏଏଫସି | ୧୧୧୬୫.୦୫ | ୭୦୦୮.୧୭ | ୬୯୮୫.୭୪ | ୬୯୮୫.୯୪ | ୬୯୪୯.୪୮ |
| ପିଟିସନ-୨ | କମ୍ବାଇଣ୍ଡ ଆସେଟ | ୪୭୩୭.୯୪ | ଏଏଫସି | ୯୪୨.୨୨ | ୮୦୧.୪୩ | ୮୧୨.୪୧ | ୮୨୪.୮୧ | ୮୩୯.୧୩ |
| ପିଟିସନ-୩ | ୨ଟି ୪୦୦କେଭି ଲାଇନ୍‌ବେଜ ଏଟ୍ ମୁଜାଫରପୁର ସବଷ୍ଟେସନ | ୧୬୮୫.୪୯ | ଏଏଫସି | ୨୯୮.୮୬ | ୨୯୪.୫୭ | ୨୯୦.୪୨ | ୨୮୨.୨୦ | ୨୭୮.୩୮ |
| ପିଟିସନ-୪ | କମ୍ବାଇଣ୍ଡ ଆସେଟ | ୨୬୪୦.୯୫ | ଏଏଫସି | ୪୮୪.୧୬ | ୫୦୩.୪୭ | ୫୦୦.୦୩ | ୪୯୭.୦୯ | ୪୧୭.୭୨ |

୪. ଏହି ବିଜ୍ଞପ୍ତିର ଏକ ନକଲ ଏବଂ ଶୁଳ୍କ ନିର୍ଦ୍ଧୟ ପାଇଁ କରାଯାଇଥିବା ଆବେଦନ www.powergrid.in,ରେ ଆବେଦନକାରୀଙ୍କ ୱେବସାଇଟ୍‌ରେ ପୋଷ୍ଟ କରାଯାଇଛି।

୫. ଆବେଦନରେ ଧାର୍ଯ୍ୟ ଶୁଳ୍କ ନିର୍ଦ୍ଧୟ ପାଇଁ ଦିଆଯାଇଥିବା ପ୍ରସ୍ତାବ ଉପରେ ଯଦି କୌଣସି ବ୍ୟକ୍ତି ହିତାଧିକାରୀଙ୍କ ସମେତ ସଚିବ କେନ୍ଦ୍ରୀୟ ବିଦ୍ୟୁତ ନିୟାମକ ଆୟୋଗ ଷଷ୍ଠ ସପ୍ତମ ଏବଂ ଅଷ୍ଟମ ମହଲା ଟାୱାର-ବି ବିଶ୍ୱବାଣିଜ୍ୟ କେନ୍ଦ୍ର, ନାରୁଜି ନଗର, ନୂଆଦିଲ୍ଲୀ-୧୧୦୦୨୯ (କିମ୍ବା ଅନ୍ୟ ଠିକଣା ଯେଉଁଠାରେ ଆୟୋଗର କାର୍ଯ୍ୟାଳୟ ଅବସ୍ଥିତ), ଏହି ବିଜ୍ଞପ୍ତି ପ୍ରକାଶ ହେବାର ୩୦ ଦିନ ମଧ୍ୟରେ ଆବେଦନକାରୀଙ୍କୁ ଏହାର କର୍ପୋରେଟ୍ କାର୍ଯ୍ୟାଳୟର ଠିକଣାରେ ଏକ କପି ସହ ପଠାଇବାକୁ ହେବ

ସ୍ଥାନ : ଗୁରୁଗ୍ରାମ
ତାରିଖ : ୧୭.୦୯.୨୦୨୪ ସ୍ୱା/- ଡେପୁଟି ଜେନେରାଲ ମ୍ୟାନେଜର (କମର୍ସିଆଲ)

PG/CC/Notice-68/Advt-93/2024-25/Alaknanda

**ପାୱାରଗ୍ରୀଡ୍ କର୍ପୋରେସନ ଅଫ ଇଣ୍ଡିଆ ଲିମିଟେଡ୍**
(ଏ ଗଭର୍ଣ୍ଣମେଣ୍ଟ ଅଫ ଇଣ୍ଡିଆ ଏଣ୍ଟରପ୍ରାଇଜ)
ରେଜେଷ୍ଟ୍ରେସନ ଅଫିସ : ବି-୯, କୁତବ ଇନଷ୍ଟିଚ୍ୟୁସନାଲ ଏରିଆ, କଟୱରିଆ ସରାଇ, ନୂଆଦିଲ୍ଲୀ-୧୧୦୦୧୬
କର୍ପୋରେଟ୍ ଅଫିସ : 'ସୌଦାମିନୀ', ପ୍ଲଟ୍ ନଂ. ୨, ସେକ୍ଟର-୨୯, ଗୁରୁଗ୍ରାମ-୧୨୨୦୦୧, (ହରିଆନା)
ୱେବସାଇଟ୍ :www.powergrid.in, ସିଆଇଏନ: ଏଲ୪୦୧୦୧ଡିଏଲ ୧୯୮୯ଜିଓଆଇ୦୩୮୧୨୧
ଏକ ମହାରତ୍ନ ପିଏସୟୁ

# ।।। ପିଏମ୍ ବିଶ୍ୱକର୍ମା ।।।



**ସୁଶ୍ରୀ ଶୋଭା କରନ୍ଦଲାଜେ**
ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ ଏବଂ ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ

ଭାରତ ବିଭିନ୍ନ ପ୍ରକାରର ପାରମ୍ପରିକ କଳା ଓ ହସ୍ତଶିଳ୍ପର ଦେଶ। ଏହି କଳା ଓ ହସ୍ତଶିଳ୍ପ କେବଳ ଆମ ଗୌରବମୟ ଐତିହ୍ୟର ଏକ ଅଂଶ ନୁହେଁ, ବରଂ ଅନେକ ବ୍ୟକ୍ତିଙ୍କ ପାଇଁ ଯୋଗାଯୋଗ ଏବଂ ରୋଜଗାର ସୃଷ୍ଟି କରିବାରେ ମଧ୍ୟ ଏହା ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଥାଏ। ମାଟିକାମ, ଡଙ୍ଗା ତିଆରି, ଜୋତା ତିଆରି ଇତ୍ୟାଦି ଏହି ବ୍ୟବସାୟରେ ନିୟୋଜିତ କାରିଗର ଓ ଶିଳ୍ପକାରମାନେ ଆଖପାଖ ଲୋକଙ୍କ ସଂସ୍ପର୍ଶରେ ରହିଥାନ୍ତି ଏବଂ ଗ୍ରାମୀଣ ଭାରତର ଅର୍ଥନୀତିରେ ସେମାନଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ ଅଟେ। ଏମାନଙ୍କ ମଧ୍ୟରୁ ଅଧିକାଂଶ କାରିଗର ଓ ଶିଳ୍ପକାର ଅନୌପଚାରିକ ଅର୍ଥନୀତିର ଅଂଶ ହୋଇ ନିଜ ହାତ ଓ ଉପକରଣରେ କାମ କରିଥାନ୍ତି।

ଏହି ପରିପ୍ରେକ୍ଷୀରେ କାରିଗର ଓ ଶିଳ୍ପକାରମାନଙ୍କ ଜୀବନରେ ପରିବର୍ତ୍ତନ ଓ ଉନ୍ନତି ଆଣିବା ପାଇଁ ମାନ୍ୟବର ପ୍ରଧାନମନ୍ତ୍ରୀ ୧୭.୦୯.୨୦୨୩ରେ ପିଏମ୍ ବିଶ୍ୱକର୍ମା ଯୋଜନାର ଶୁଭାରମ୍ଭ କରିଥିଲେ।

ପିଏମ୍ ବିଶ୍ୱକର୍ମା ଯୋଜନା ହେଉଛି ଏକ ସାମଗ୍ରିକ ଯୋଜନା, ଯାହା କାରିଗର ଏବଂ ଶିଳ୍ପକାରମାନଙ୍କୁ ପ୍ରାରମ୍ଭରୁ ଶେଷ ପର୍ଯ୍ୟନ୍ତ ସହାୟତା ପ୍ରଦାନ କରେ। ଏହି ଯୋଜନା ଅଧୀନରେ ରହିଥିବା ପାରମ୍ପରିକ ବ୍ୟବସାୟଗୁଡ଼ିକ ହେଲା କାର୍ପେଣ୍ଟର (ବଢ଼େଇ), ଡଙ୍ଗା ନିର୍ମାତା, କବଚ ନିର୍ମାତା, ବ୍ଲାକ୍‌ସ୍ମିଥ୍ (କମାର), ହାତୁଡ଼ି ଏବଂ ଟୁଲ୍ କିଟ୍ ନିର୍ମାତା, ଝବି ନିର୍ମାତା, ଗୋଲ୍ଡସ୍ମିଥ୍ (ବଣିଆ), ପଟର (କୁମ୍ଭାର), ମୂର୍ତ୍ତିଶିଳ୍ପୀ (ମୂର୍ତ୍ତିକାର, ପଥର ମୂର୍ତ୍ତି ନିର୍ମାତା), ପଥର ଭଙ୍ଗାଳି, କବଲର (ମୋଚି)/ ଜୋତା କାରିଗର, ମାସନ (ରାଜମିସ୍ତ୍ରୀ), ଟୋକେଇ /ମସିଣା/ ଝାଡ଼ୁ ପ୍ରସ୍ତୁତକାରୀ/ ଖେଳ ସାମଗ୍ରୀ ପ୍ରସ୍ତୁତକାରୀ, କଣ୍ଢେଇ ଓ ଖେଳନା ନିର୍ମାତା (ପାରମ୍ପରିକ), ବାର୍ବର (ନାପିତ), ଗାର୍ଲାଣ୍ଡ ମେକର (ମାଳୀ), ୱାଶରମ୍ୟାନ (ରଜକ), ଟେଲର (ଦରଜୀ), ଏବଂ ମାଛଧରା ଜାଲ ନିର୍ମାତା।

ଏହି ଯୋଜନା ସମ୍ପୂର୍ଣ୍ଣ ସରକାର ଆଭିମୁଖ୍ୟ ଉପରେ ଆଧାରିତ। ଏହି ଯୋଜନାକୁ ଭାରତ ସରକାରଙ୍କ ତିନୋଟି ମନ୍ତ୍ରଣାଳୟ ଯଥା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ, ଦକ୍ଷତା ବିକାଶ ଓ ଉଦ୍ୟୋଗ ମନ୍ତ୍ରଣାଳୟ ଏବଂ ଆର୍ଥିକ ସେବା ବିଭାଗ ମିଳିତ ଭାବେ କାର୍ଯ୍ୟକାରୀ କରୁଛନ୍ତି। ଏହି ମନ୍ତ୍ରଣାଳୟ ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ନିରନ୍ତର ସମନ୍ୱୟ ଏବଂ ଗଠନମୂଳକ ସହଯୋଗ ରହିଛି, ଯାହା ଏହାକୁ ଦେଶରେ ଆରମ୍ଭ ଏବଂ କାର୍ଯ୍ୟକାରୀ କରାଯାଇଥିବା ସବୁଠାରୁ ଅନନ୍ୟ ଯୋଜନାରେ ପରିଣତ କରିଛି। ଏହି ଯୋଜନାର ହିତାଧିକାରୀଙ୍କ ତ୍ରିସ୍ତରୀୟ ଯାଞ୍ଚ ପ୍ରକ୍ରିୟାରେ ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।

ଏହି ଯୋଜନାକୁ ନେଇ ଅତ୍ୟନ୍ତ ସକାରାତ୍ମକ ପ୍ରତିକ୍ରିୟା ମିଳିଛି। ୨୦୨୩ରେ ଯେତେବେଳେ ଏହି ଯୋଜନା ଆରମ୍ଭ ହୋଇଥିଲା। ସେତେବେଳେ ଆଶା କରାଯାଉଥିଲା ଯେ ପାଞ୍ଚ ବର୍ଷ ମଧ୍ୟରେ ୩୦ ଲକ୍ଷ ହିତାଧିକାରୀ ଏଥିରେ ସାମିଲ ହେବେ। ଖୁସିର କଥା ହେଉଛି, ୧୧ ମାସ ମଧ୍ୟରେ ୨.୩୬ କୋଟି ପଞ୍ଜୀକରଣ ହୋଇସାରିଛି ଏବଂ ସେଥିମଧ୍ୟରୁ ୧୭.୧୬ ଲକ୍ଷ ହିତାଧିକାରୀ ତିନି ପର୍ଯ୍ୟାୟ ଯାଞ୍ଚ ପ୍ରକ୍ରିୟା ପରେ ସଫଳତାର ସହ ପଞ୍ଜୀକରଣ କରିଛନ୍ତି।

କର୍ଣ୍ଣାଟକରେ ଅନେକ ବିଶ୍ୱକର୍ମାଙ୍କର ନିଜସ୍ୱ ଅନନ୍ୟ ସୃଜନଶୀଳତା ଏବଂ ସାମର୍ଥ୍ୟ ରହିଛି। ସେମାନେ ପଥର କାରୁକାର୍ଯ୍ୟ, କାଠ କାମ, ଚନ୍ଦନ କାରୁକାର୍ଯ୍ୟ, ବିଡ଼ି କାମ, କଣ୍ଢେଇ ଓ ଖେଳନା ତିଆରି ଭଳି ଧାତୁକଳାରେ ନିୟୋଜିତ ଅଛନ୍ତି। ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା ପାଇଁ କର୍ଣ୍ଣାଟକ ରାଜ୍ୟରେ ବହୁତ ସକାରାତ୍ମକ ପ୍ରତିକ୍ରିୟା ମିଳିଛି। ବର୍ତ୍ତମାନ ସୁଦ୍ଧା କର୍ଣ୍ଣାଟକରେ ୨୮.୯୯ ଲକ୍ଷ ପଞ୍ଜୀକରଣ ହୋଇଛି। ସେଥିମଧ୍ୟରୁ ୩.୯୩ ଲକ୍ଷ ହିତାଧିକାରୀ ସଫଳତାର ସହ ପଞ୍ଜୀକରଣ କରିଛନ୍ତି। ପାଖାପାଖି ୨ ଲକ୍ଷ ହିତାଧିକାରୀ ସେମାନଙ୍କ ଦକ୍ଷତା ପ୍ରଶିକ୍ଷଣ ଶେଷ କରିଥିବା ବେଳେ ୩୫ ହଜାରରୁ ଅଧିକ ହିତାଧିକାରୀଙ୍କୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ମଞ୍ଜୁର କରାଯାଇଛି। ଏହି ହିତାଧିକାରୀଙ୍କୁ ମୋଟ ୩୦୫.୦୮ କୋଟି ଟଙ୍କା ଋଣ ଆକାରରେ ମଞ୍ଜୁର କରାଯାଇଛି।

ଏହି ଯୋଜନାରେ ଏହି ବ୍ୟବସାୟରେ ନିୟୋଜିତ ବିଶ୍ୱକର୍ମାମାନଙ୍କୁ ସମ୍ମାନ ଦେବା, ସେମାନଙ୍କ ଦକ୍ଷତାର ଉନ୍ନତିକରଣ ଏବଂ ସେମାନଙ୍କ ପାଇଁ 'ସମୃଦ୍ଧି' ଆଣିବା ଉପରେ ଗୁରୁତ୍ୱ ଦିଆଯାଇଛି। ପଞ୍ଜୀକୃତ ହେବା ପରେ ହିତାଧିକାରୀଙ୍କୁ ପିଏମ୍ ବିଶ୍ୱକର୍ମା ସାର୍ଟିଫିକେଟ ଏବଂ ପରିଚୟପତ୍ର ପ୍ରଦାନ କରି ସେମାନଙ୍କୁ ସମ୍ମାନ ପ୍ରଦାନ କରାଯାଏ।

ସେମାନଙ୍କ ସାମର୍ଥ୍ୟ ନିର୍ମାଣ ପାଇଁ ଏହି ଯୋଜନାରେ କାରିଗର ଓ ଶିଳ୍ପୀକାରଙ୍କ ଦକ୍ଷତା ଉନ୍ନତି ପାଇଁ ଲକ୍ଷ୍ୟ ରଖାଯାଇଛି। ସମ୍ପୃକ୍ତ ଟ୍ରେଡର ମାଷ୍ଟର ଟ୍ରେନରଙ୍କ ଦ୍ୱାରା ହିତାଧିକାରୀଙ୍କୁ ୬ ଦିନର ଉଚ୍ଚମାନର ତାଲିମ ପ୍ରଦାନ କରାଯାଏ। ହିତାଧିକାରୀଙ୍କୁ ମଜୁରି କ୍ଷତିପୂରଣ ବାବଦରେ ଦୈନିକ ୫୦୦ ଟଙ୍କା ଷ୍ଟାଇପେଣ୍ଡ ସହ ୧୦୦୦ ଟଙ୍କା ଯାତ୍ରା ଭତ୍ତା ପ୍ରଦାନ କରାଯାଉଛି। ଏହାବ୍ୟତୀତ ପ୍ରଶିକ୍ଷଣ ସମୟରେ ହିତାଧିକାରୀଙ୍କ ପାଇଁ ଯାତ୍ରା ଓ ରହିବା ସୁବିଧା ସରକାରଙ୍କ ଦ୍ୱାରା ସମ୍ପୂର୍ଣ୍ଣ ଅନୁଦାନପ୍ରାପ୍ତ ଏବଂ ମାଗଣାରେ ଯୋଗାଇ ଦିଆଯାଉଛି। କାରିଗର ଓ ଶିଳ୍ପକାରମାନେ ନିଜ ନିଜ ବ୍ୟବସାୟରେ ଯେପରି ଆଧୁନିକ ଓ ଅତ୍ୟାଧୁନିକ ଉପକରଣ ବ୍ୟବହାର କରିପାରିବେ ସେଥିପାଇଁ ୧୫,୦୦୦ ଟଙ୍କା ପର୍ଯ୍ୟନ୍ତ ଟୁଲକିଟ୍ ପ୍ରୋତ୍ସାହନ ବ୍ୟବସ୍ଥା ମାଧ୍ୟମରେ ସାମର୍ଥ୍ୟର ଆଉ ଏକ ଦିଗ ସୁନିଶ୍ଚିତ କରାଯାଇଛି। ଏମଏସଏମଇ ମନ୍ତ୍ରଣାଳୟ ଡାକ ବିଭାଗ ସହ ସହଯୋଗ କରିଛି, ଯାହା ସମଗ୍ର ଦେଶରେ ଏହାର ନେଟୱାର୍କ ମାଧ୍ୟମରେ ସୁନିଶ୍ଚିତ କରିବ ଯେ ଟୁଲକିଟ୍‌ଗୁଡ଼ିକ ହିତାଧିକାରୀଙ୍କୁ ସେମାନଙ୍କ ଦ୍ୱାରରେ ହସ୍ତାନ୍ତର କରାଯିବ।

ସୁଲଭ ମୂଲ୍ୟରେ ଋଣ ଓ ବ୍ୟାପକ ବଜାରରେ ପହଞ୍ଚିବାର ବ୍ୟବସ୍ଥା କରି ହିତାଧିକାରୀଙ୍କ ପାଇଁ ସମୃଦ୍ଧିର ପରିକଳ୍ପନା କରାଯାଇଛି। ଏହି ଯୋଜନାରେ ୫% ରିହାତି ସୁଧ ହାରରେ ୧ ଲକ୍ଷ ଓ ୨ ଲକ୍ଷ ଟଙ୍କାର ଦୁଇଟି ପର୍ଯ୍ୟାୟରେ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବନ୍ଧକମୁକ୍ତ ଋଣ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ହିତାଧିକାରୀଙ୍କ ଠାରୁ କୌଣସି ଗ୍ୟାରେଣ୍ଟି ଫି' ଆଦାୟ କରାଯାଉନାହିଁ। ଏହାବ୍ୟତୀତ ଏହି ଯୋଜନାରେ ହିତାଧିକାରୀଙ୍କୁ ଡିଜିଟାଲ କାରବାରକୁ ଗ୍ରହଣ କରିବା ପାଇଁ ପ୍ରୋତ୍ସାହନ ଦିଆଯିବା ସହ ପ୍ରତିଥର ଡିଜିଟାଲ କାରବାର କଲେ କ୍ୟାସବ୍ୟାକ ପ୍ରଦାନ କରାଯାଇଥାଏ। ପ୍ରତି ମାସରେ ପ୍ରତି ଡିଜିଟାଲ କାରବାର ପାଇଁ ୧ ଟଙ୍କା ଏବଂ ସର୍ବାଧିକ ୧୦୦ ଟଙ୍କା ପର୍ଯ୍ୟନ୍ତ ହିତାଧିକାରୀଙ୍କ ଆକାଉଣ୍ଟକୁ ପ୍ରତି ଡିଜିଟାଲ ପେମେଣ୍ଟ କିମ୍ବା ରସିଦ ପାଇଁ ଜମା କରାଯାଏ। ଉଭୟ ଘରୋଇ ଏବଂ ଅନ୍ତର୍ଜାତୀୟ ବଜାରରେ ଏହି କାରିଗରମାନଙ୍କ ଉତ୍ପାଦ ଏବଂ ସେବାକୁ ପ୍ରୋତ୍ସାହିତ କରିବା ପାଇଁ ମାର୍କେଟିଂ ରଣନୀତି ଏହି ଯୋଜନାର ଏକ ଅଂଶ ଅଟେ। ଏଥିରେ ଗୁଣାତ୍ମକ ପ୍ରମାଣପତ୍ର, ବ୍ରାଣ୍ଡିଂ, ବିଜ୍ଞାପନ, ପ୍ରଚାର ଏବଂ ମୂଲ୍ୟ ଶୃଙ୍ଖଳା ସହିତ ସେମାନଙ୍କର ସଂଯୋଗ ବୃଦ୍ଧି ଉଦ୍ଦେଶ୍ୟରେ ଅନ୍ୟାନ୍ୟ ମାର୍କେଟିଂ କାର୍ଯ୍ୟକଳାପ ଅନ୍ତର୍ଭୁକ୍ତ। ଏହି ଯୋଜନାର ମାର୍କେଟିଂ ଉପାଦାନ ଅଧୀନରେ ଜିଇଏମ୍, ଓଏନଡିସି ଇତ୍ୟାଦି ଇ-କମର୍ସ ପ୍ଲାଟଫର୍ମରେ ଅନବୋର୍ଡିଂ ଏବଂ ଗୁଣାତ୍ମକ ପ୍ରମାଣନକୁ ପ୍ରୋତ୍ସାହିତ କରାଯାଏ।

ପାରମ୍ପରିକ କାରିଗର ଓ ଶିଳ୍ପକାରମାନଙ୍କୁ ନିଜ ଉଦ୍ୟୋଗ ପ୍ରତିଷ୍ଠା କରିବା ପାଇଁ ସଜ୍ଜିତ କରି ଏକ ନୂତନ ଭାରତ ଗଠନରେ ଏହି ଯୋଜନା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ଯାଉଛି। ଏହା ଭାରତର ସମୃଦ୍ଧ ଓ ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷଣ କରିଥିବା ସମୂହଙ୍କ ସମର୍ଥନ କରୁଛି ଏବଂ ଏହା ସରକାରଙ୍କ ଦ୍ୱାରା ନିଆଯାଇଥିବା ଏକ ପ୍ରଶଂସନୀୟ ପଦକ୍ଷେପ ଅଟେ। ଦେଶ ଆମ ଅର୍ଥନୈତିକ ଦୃଶ୍ୟପଟରେ ବିଶ୍ୱକର୍ମାଙ୍କର ଉନ୍ନତିର ମାର୍ଗରେ ଆଗକୁ ବଢୁଛି।

ଭୁବନେଶ୍ୱର
୧୮ ସେପ୍ଟେମ୍ବର
ବୁଧବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24






ଭୁବନେଶ୍ୱର ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଆଦିବାସୀମାନଙ୍କ ନୃତ୍ୟମାଧ୍ୟମରେ ସ୍ୱାଗତ କରାଯିବା ସହ ଶ୍ରୀ ମୋଦି ମହିଳାମାନଙ୍କୁ ଭେଟି ସେମାନଙ୍କ ସମସ୍ୟା ସମ୍ପର୍କରେ ପାଚରି ବୁଝୁଛନ୍ତି। 'ସୁଭଦ୍ରା' ଯୋଜନା ଶୁଭାରମ୍ଭ ଅବସରରେ ଜନତା ମଇଦାନରେ ମହିଳାମାନଙ୍କ ବିପୁଳ ସମାଗମ। (ଫଟୋ : ସମ୍ବାଦ କଳିକା)



# ଆଦିବାସୀ ମା' ଖିରି ଖାଇବାକୁ ଦେଲା, ମୋ ମା' କଥା ମନେ ପଡ଼ିଲା



**ଭୁବନେଶ୍ୱର, ୧୭/୦୯ ନ୍ୟୁଜ ବ୍ୟୁରୋ**

ପିଏମ୍ ଆବାସ ହିତାଧିକାରୀଙ୍କ ଘରେ ଖିରି ଖାଇଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଗାଡ଼କଣ ଶବର ସାହିର ଆବାସ ହିତାଧିକାରୀ ଅନ୍ତର୍ଯ୍ୟାମୀ ନାୟକଙ୍କ ଘରେ ପ୍ରସ୍ତୁତ ହୋଇଥିବା ଖିରି ଖାଇଛନ୍ତି। ଖିରି ଭଲ ହୋଇଥିବା କଥା ମୋଦି କହିଛନ୍ତି। ସୁଭଦ୍ରା ଶୁଭାରମ୍ଭ ଅବସରରେ ପ୍ରଧାନମନ୍ତ୍ରୀ ତାଙ୍କ ବକ୍ତବ୍ୟରେ ଗାଡ଼କଣରେ ଖିରି ଖାଇବା କଥା କହିଥିଲେ। ମୋଦି କହିଥିଲେ ଯେ, ଏଠାକୁ ଆସିବା ପୂର୍ବରୁ ଆବାସ ଗୃହ ପ୍ରବେଶ କରାଇବାକୁ ମୁଁ ଏକ ଆଦିବାସୀ ପରିବାରକୁ ଯାଇଥିଲି। ସେଠାରେ ଜଣେ ଆଦିବାସୀ ମା' ମୋତେ ଖିରି ଖାଇବାକୁ ଦେଇଥିଲେ। ଖିରି ଖାଇବା ବେଳେ ମୋ ମା' କଥା ମନେ ପଡ଼ିଲା। ମୁଁ କିଛି କରିବାକୁ ଯିବା ବେଳେ ମା' ମିଠା ଖୁଆଉଥିଲା। ସୂଚନାନୁଯାୟୀ, ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱର ଗାଡ଼କଣରେ ଥିବା ଆବାସ ହିତାଧିକାରୀଙ୍କୁ ଭେଟିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଏହି ଅବସରରେ ସେ ପିଏମ୍ ଆବାସ ଯୋଜନାର ହିତାଧିକାରୀ ଅନ୍ତର୍ଯ୍ୟାମୀ ନାୟକଙ୍କ ଘରକୁ ଯାଇଥିଲେ। ତାଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ମଧ୍ୟ ହିତାଧିକାରୀଙ୍କ ଘରେ ଖିରି ଖାଇଥିଲେ। ମୋଦି କିଛି ସମୟ ପାଇଁ ଅନ୍ତର୍ଯ୍ୟାମୀଙ୍କ ଘର ଲୋକଙ୍କ ସହ ଆଲୋଚନା କରିଥିଲେ। ସେଠାରେ ପୂଜାର୍ଚ୍ଚନା କରିଥିଲେ।

## ଶ୍ମଶାନରେ ନବଜାତକୁ ଝୁଣି ଖାଇଲା କୁକୁର

**ଭଦ୍ରକ, ୧୭/୦୯ ନ୍ୟୁଜ ବ୍ୟୁରୋ**

ଶ୍ମଶାନରେ ଶିଶୁକୁ ଝୁଣି ଖାଇଲା କୁକୁର। ଭଦ୍ରକ ସହରର ଗାନ୍ଧି ପଡ଼ିଆ ନିକଟ ଶ୍ମଶାନରେ ଏଭଳି ହୃଦୟ ବିଦାରକ ଦୃଶ୍ୟ ଦେଖିବାକୁ ମିଳିଛି। ନବଜାତଟି ଜୀବିତ ଥିଲା କି ମୃତ ତାହା ଜଣାପଡ଼ି ନାହିଁ। ସୂଚନାନୁଯାୟୀ, ଭଦ୍ରକ ସହର ଗାନ୍ଧି ପଡ଼ିଆ ନିକଟ ଶ୍ମଶାନରେ କିଛି କୁକୁର ପଲ ଏକ ନବଜାତକୁ ଖାଉଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ନିକଟରେ ଏକ ଘରୋଇ ନର୍ସିଂହୋମ୍ ଥିବାରୁ କେହି ନବଜାତକୁ ଏଠାରେ ଫିଙ୍ଗିଥିବା ଅନୁମାନ କରାଯାଉଛି। ତଦନ୍ତ ପରେ ଘଟଣା ସ୍ପଷ୍ଟ ହେବ ବୋଲି କୁହାଯାଉଛି।

# ଓଡ଼ିଶାରେ ୨୮୭୧ କୋଟିର ରେଳ ପ୍ରକଳ୍ପ ଶୁଭାରମ୍ଭ ଓ ଭିତ୍ତିପ୍ରସ୍ତର ସ୍ଥାପନ କଲେ ପ୍ରଧାନମନ୍ତ୍ରୀ

**ଭୁବନେଶ୍ୱର, ୧୭/୯ ନ୍ୟୁଜ ବ୍ୟୁରୋ**

ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଓଡ଼ିଶା ପାଇଁ ୨୮୭୧ କୋଟି ମୂଲ୍ୟର ବହୁ ଗୁରୁତ୍ୱପୂର୍ଣ୍ଣ ରେଳ ପ୍ରକଳ୍ପର ଭିତ୍ତିପ୍ରସ୍ତର କରିଥିବାବେଳେ କେତେକର ଦେଶପାଇଁ ଉତ୍ସର୍ଗୀକୃତ କରିଛନ୍ତି। ଏହି ରେଳ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକ ସଂଯୋଗକୁ ଦୃଢ଼ୀଭୂତ କରାଇବା ସହିତ ବ୍ୟସ୍ତବହୁଳ ରେଳ ମାର୍ଗରେ ଯାତାୟାତକୁ ସହଜ କରିବାକୁ ଏବଂ ଏହି ଅଞ୍ଚଳର ସାମାଜିକ-ଅର୍ଥନୈତିକ ବିକାଶରେ ସହଯୋଗ କରିବାକୁ ଲକ୍ଷ୍ୟ ରଖିଛି। ଓଡ଼ିଶାର ଶିଳ୍ପ, ସମ୍ବଳ ସମୃଦ୍ଧ ଏବଂ ଆଦିବାସୀ ପ୍ରାଧାନ୍ୟ ଅଞ୍ଚଳରେ ରେଳ ନେଟୱାର୍କକୁ ମଜବୁତ କରିବା ଉପରେ ଦୃଢ଼ତାର ସହିତ ଧ୍ୟାନ ଦେଇ ଏହି ପ୍ରକଳ୍ପଗୁଡ଼ିକ ଏହି ଅଞ୍ଚଳର ଅଭିବୃଦ୍ଧି ତଥା ଜାତୀୟ ଅର୍ଥନୀତିରେ ଏକୀକରଣ ପାଇଁ ପ୍ରସ୍ତୁତ ହୋଇଛି। ରେଳ ନେଟୱାର୍କକୁ ଆହୁରି ବୃଦ୍ଧି କରାଇବା ପାଇଁ ଚାଲୁରହିଥିବା ରେଳ ପ୍ରକଳ୍ପଗୁଡ଼ିକ ମଧ୍ୟରୁ ପ୍ରଧାନମନ୍ତ୍ରୀ ଚାରି ଗୋଟି ଗୁରୁତ୍ୱପୂର୍ଣ୍ଣ ରେଳ ସେକ୍ସନକୁ ଉତ୍ସର୍ଗୀକୃତ କରିଛନ୍ତି : ୧. ବିଜୟନଗରାମ-ଟିଟିଲାଗଡ ତୃତୀୟ ଲାଇନ ପ୍ରକଳ୍ପର ଲାଞ୍ଜିଗଡ଼ ରୋଡ଼-ଆମ୍ବାଦୋଳା-ଦୋଇକାଲୁ ରେଳ ସେକ୍ସନ (୨୫.୩୯୪ କି.ମି) ଉତ୍ସର୍ଗ କରାଯାଇଛି ଯାହାର ଆନୁମାନିକ ମୂଲ୍ୟ ୪୩୨ କୋଟି। ଏହି ଗୁରୁତ୍ୱପୂର୍ଣ୍ଣ ରେଳ ସେକ୍ସନ ବ୍ୟସ୍ତବହୁଳ ବିଜୟନଗରମ-ଟିଟିଲାଗଡ ମାର୍ଗରେ କ୍ଷମତା ବୃଦ୍ଧି କରିବା ସହିତ ପଶ୍ଚିମ ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶ ମଧ୍ୟରେ ସଂଯୋଗକୁ ସୁଦୃଢ଼ କରିବ। ଏହି ପ୍ରକଳ୍ପ ଉଭୟ ଯାତ୍ରୀ ଏବଂ ପଣ୍ୟ ପରିବହନ ପାଇଁ ଉପକୃତ ହେବ ଏବଂ ଯାତ୍ରୀ ଓ ପଣ୍ୟ ପରିବହନ ସୁଗମ କରିବ। ୨. କୋରାପୁଟ-ସିଙ୍ଗାପୁର ରୋଡ୍ ଦୋହରୀକରଣ ପ୍ରକଳ୍ପର ଲକ୍ଷ୍ମୀପୁର ରୋଡ୍-ସିଙ୍ଗରମ-ଟିକିରି ରେଳ ସେକ୍ସନ (୨୨.୯୪ କି.ମି) କୁ ୨୬୦ କୋଟିରେ ନିର୍ମିତ କରାଯାଇଅଛି ଯାହା ଦକ୍ଷିଣ ଓଡ଼ିଶାରେ ଟ୍ରେନ୍ ଚଳାଚଳ କ୍ଷମତା ବୃଦ୍ଧି କରିବ। ଏହି ରେଳ ସେକ୍ସନ ଉତ୍ପାଦନ ସମୃଦ୍ଧ ଅଞ୍ଚଳରୁ ପ୍ରମୁଖ ବଜାର ପର୍ଯ୍ୟନ୍ତ ପରିବହନକୁ ଯଥେଷ୍ଟ ଉନ୍ନତ କରିବ ବୋଲି ଆଶା କରାଯାଏ। ୩. ବୁଢାପଙ୍କ-ଶାଳଗାଁ ତୃତୀୟ ଏବଂ ଚତୁର୍ଥ ଲାଇନ ପ୍ରକଳ୍ପର ୪୦.୬୨ କିମି ଦୈର୍ଘ୍ୟ ଢେଙ୍କାନାଳ-ସଦାଶିବପୁର-ହିନ୍ଦୋଳ ରୋଡ଼ ରେଳ ସେକ୍ସନକୁ ପ୍ରାୟ ୫୪୦ କୋଟି ବିନିମୟରେ ନିର୍ମାଣ କରାଯାଇଛି। ଏହି ପ୍ରକଳ୍ପ ଜଟିଳ ଶିଳ୍ପ ମାର୍ଗରେ କ୍ଷମତାକୁ ଆହୁରି ବୃଦ୍ଧି କରିବା ସହିତ ପଣ୍ୟ ପରିବହନକୁ ସୁଗମ ଏବଂ ଶୀଘ୍ର ପରିବହନକୁ ସୁନିଶ୍ଚିତ କରି ଦକ୍ଷତା ବୃଦ୍ଧି କରାଇବ। ୪. ବଣ୍ଡାମୁଣ୍ଡା-ରାଞ୍ଚି ଦୋହରୀକରଣ ପ୍ରକଳ୍ପର ୧୨.୫ କିମି ଦୈର୍ଘ୍ୟ ବାଙ୍ଗୁରେକେଲା-ନୋଗାଓଁ ରେଳ ସେକ୍ସନକୁ ପ୍ରାୟ ୨୩୯ କୋଟି ବିନିମୟରେ ନିର୍ମାଣ କରାଯାଇଅଛି। ଏହି ଲାଇନ୍‌ର ଦୋହରୀକରଣ ହେବା ଦ୍ୱାରା ଯାତାୟାତ ଯଥେଷ୍ଟ ବୃଦ୍ଧି ପାଇବ ଏବଂ ଓଡ଼ିଶା ଓ ଝାଡଖଣ୍ଡ ମଧ୍ୟରେ ସଂଯୋଗ ବୃଦ୍ଧି ହେବ। ଏହି ଉତ୍ସର୍ଗ ସହିତ ପ୍ରଧାନମନ୍ତ୍ରୀ ମଧ୍ୟ ଚାରିଗୋଟି ରେଳ ପ୍ରକଳ୍ପ ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି ଯାହା ଓଡ଼ିଶାର ରେଳ ଭିତ୍ତିଭୂମି ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ। ୧. ଭୂପୃଷ୍ଠ କ୍ରସିଂକୁ ଦୂର କରିବା ପାଇଁ ସିଜୁ-ପାରାଦୀପ ଫ୍ଲାଏଓଭର (୭ କି.ମି) କୁ ୨୦୦ କୋଟି ମୂଲ୍ୟରେ ନିର୍ମାଣ କରାଯିବ ଯାହା ଭାରତର ପ୍ରମୁଖ ବାଣିଜ୍ୟ ହବ୍ ମଧ୍ୟରୁ ପାରାଦୀପ ବନ୍ଦରରେ ସୁଗମ ତଥା ନିରବଚ୍ଛିନ୍ନ ଟ୍ରେନ ଚଳାଚଳକୁ ସୁନିଶ୍ଚିତ କରିବ। ୨. ୧୮.୫୧ କିମି ଦୈର୍ଘ୍ୟ ପାରାଦୀପ-ବଡ଼ବନ୍ଧ ତୃତୀୟ ଏବଂ ଚତୁର୍ଥ ଲାଇନ ଯାହାକୁ ପ୍ରାୟ ୩୦୦ କୋଟି ଟଙ୍କାରେ ନିର୍ମାଣ କରାଯିବ। ଏହା ଉଭୟ ମାଲ୍ ପରିବହନ ଏବଂ ଯାତ୍ରୀ ଯାତାୟାତ ପାଇଁ କ୍ଷମତା ବୃଦ୍ଧି କରିବା ସହିତ ପାରାଦୀପ ବନ୍ଦର ସହିତ ସଂଯୋଗ ବୃଦ୍ଧି କରିବ। ୩. ୧୦.୯୩ କିମି ଦୈର୍ଘ୍ୟ ଏମ୍‌ସିଆରଏଲ୍ ଆଭ୍ୟନ୍ତରୀଣ କରିଡର ଫେଜ -୧ ର ଦୋହରୀକରଣକୁ ପ୍ରାୟ ୧୫୨ କୋଟି ମୂଲ୍ୟରେ ନିର୍ମାଣ କରାଯିବ ଯାହାଦ୍ୱାରା ଅଧିକ କୋଇଲା ଲୋଡିଂ ପାଇଁ ସୁବିଧା ପ୍ରଦାନ କରିବା ସହିତ ଏହି ଅଞ୍ଚଳରେ ଶିଳ୍ପ ଅଭିବୃଦ୍ଧିକୁ ଅଧିକ ସମର୍ଥନ କରିବ। ୪. ବହୁ ପ୍ରତୀକ୍ଷିତ ୪୧.୯ କିମି ଦୈର୍ଘ୍ୟ ଜୟପୁର-ନବରଙ୍ଗପୁର ନୂତନ ରେଳ ଲାଇନ୍‌କୁ ପ୍ରାୟ ୭୪୮ କୋଟି ମୂଲ୍ୟରେ ନିର୍ମାଣ କରାଯିବ ଯାହା ଜୟପୁର ଏବଂ ନବରଙ୍ଗପୁରର ଆଦିବାସୀ ପ୍ରାଧାନ୍ୟ ଅଞ୍ଚଳକୁ ସଂଯୋଗ କରିବ, ଅର୍ଥନୈତିକ ଅଭିବୃଦ୍ଧି ତଥା ବଜାର ଏବଂ ସମ୍ବଳକୁ ଉନ୍ନତ ସୁବିଧା ଯୋଗାଇବ। ଏହି ପ୍ରକଳ୍ପଗୁଡ଼ିକ ଓଡ଼ିଶାର ରେଳ ନେଟୱାର୍କକୁ ମଜବୁତ କରିବା ସହିତ ଯାତାୟାତ ସୁବିଧା, ଶିଳ୍ପ ହବ୍ ସହ ସଂଯୋଗକୁ ସୁଦୃଢ଼ କରିବା ଏବଂ ପ୍ରମୁଖ ମାର୍ଗରେ କ୍ଷମତା ବୃଦ୍ଧି ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଅଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଜୁଆଲ ଓରାମ ଏବଂ ଉପମୁଖ୍ୟମନ୍ତ୍ରୀ କେ ଭି ସିଂ ଦେଓ ଓ ପ୍ରଭାତୀ ପରିଡାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ।



## ୨୧ରୁ ଆମେରିକା ଗସ୍ତରେ ଯିବେ ପିଏମ୍ ମୋଦି

**ନୂଆଦିଲ୍ଲୀ,**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୧ରୁ ୨୩ ସେପ୍ଟେମ୍ବର ପର୍ଯ୍ୟନ୍ତ ଆମେରିକା ଯାତ୍ରା କରିବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆମେରିକା ଯାତ୍ରାର ସୂଚନା ବିଦେଶ ମନ୍ତ୍ରାଳୟ ମୁତାବକ ପ୍ରଧାନମନ୍ତ୍ରୀ ମୋଦି ୨୧ସେପ୍ଟେମ୍ବରରେ ଆମେରିକାର ଡେଲବେୟରରେ ୱିଲିଂଟନରେ ଚତୁର୍ଥ କ୍ୱାର୍ଡ଼ ସମ୍ମିଳନୀରେ ଭାଗ ନେବେ। ମିଳିଥିବା ସୂଚନା ମୁତାବକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୨ସେପ୍ଟେମ୍ବରରେ ନ୍ୟୁୟର୍କରେ ଭାରତୀୟ ସମୁଦାୟର ଲୋକଙ୍କୁ ସମ୍ବୋଧିତ କରିବେ। ପିଏମ ମୋଦିଙ୍କୁ ଭେଟିବାକୁ ନେଇ ଭାରତୀୟ ସମୁଦାୟର ଲୋକ ବହୁ ଉତ୍ସାହିତ ଅଛନ୍ତି। ସୂଚନା ମୁତାବକ ନ୍ୟୁୟର୍କରେ ଭାରତୀୟ ସମୁଦାୟର ଲୋକ ପିଏମ ମୋଦିଙ୍କୁ ସ୍ୱାଗତକୁ ନେଇ ବିଶେଷ ପ୍ରସ୍ତୁତି ବି କରିଛନ୍ତି। ୨୩ ସେପ୍ଟେମ୍ବରରେ ନ୍ୟୁୟର୍କରେ ପିଏମ ମୋଦି ସଂଯୁକ୍ତ ରାଷ୍ଟ୍ର ମହାସଭାରେ 'ସମିଟ ଅଫ ଦ ଫ୍ୟୁଚର'କୁ ସମ୍ବୋଧିତ କରିବେ। ଏହି ସମୟରେ ସେ କେତେକ ମୁଦ୍ଦା ଉପରେ ନିଜ ବିଚାର ରଖିପାରନ୍ତି।

## ପବିତ୍ର ଅନନ୍ତ ବ୍ରତ : ଚଳଚଞ୍ଚଳ ଅନନ୍ତ ବାସୁଦେବ ମନ୍ଦିର

**ଭୁବନେଶ୍ୱର, ୧୭/୦୯ ନ୍ୟୁଜ ବ୍ୟୁରୋ**

ଭାଦ୍ରବ ଶୁକ୍ଳ ଚତୁର୍ଦ୍ଦଶୀ ଅବସରରେ ମଙ୍ଗଳବାର ପବିତ୍ର ଅନନ୍ତ ବ୍ରତ ପାଳନ ହୋଇଛି। ସେବାୟତଙ୍କ ଦ୍ୱାରା ନିର୍ଦ୍ଧାରିତ ନୀତି ନିର୍ଘଣ୍ଟ ଅନୁଯାୟୀ ମଙ୍ଗଳବାର ଭୋର୍ ସାଢେ ୨ଟାରେ ଅନନ୍ତ ବାସୁଦେବ ମନ୍ଦିର ପହୁଡ ଖୋଲା ଯାଇ ୩ଟା ସୁଦ୍ଧା ମଙ୍ଗଳ ଆଳତୀ ଓ ଅବକାଶ ନୀତି ସମ୍ପନ୍ନ ହୋଇଥିଲା। ଏହା ପରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ନିମନ୍ତେ ଅନୁମତି ଦିଆ ଯାଇଥିଲା। ଅପରାହ୍ନ ୩ଟା ସୁଦ୍ଧା ଦର୍ଶନ ନୀତି ସମାପନ କରାଯାଇ ଦେଉଳ ପରିସର ସଫେଇ କରାଯାଇଥିଲା। ଏହା ପରେ ଦିଅଁଙ୍କ ଅବଶିଷ୍ଟ ନୀତି ତ୍ୱରାନ୍ୱିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଏକାମ୍ର କ୍ଷେତ୍ରର ଅନନ୍ତ ବାସୁଦେବ ମନ୍ଦିରରେ ହୋଇଛି ବ୍ୟାପକ ବ୍ୟବସ୍ଥା। ଏଥିପାଇଁ ଉଭୟ ପ୍ରଶାସନ ଓ ସେବାୟତମାନେ ମିଳିତ ଭାବେ ସହଯୋଗ କରିଛନ୍ତି। ସେବାୟତମାନଙ୍କ ଦ୍ୱାରା ମନ୍ଦିର ଆଲୋକୀକରଣ ସହ ଧାଡି ଦର୍ଶନ ପାଇଁ ସ୍ୱେଚ୍ଛାସେବୀମାନଙ୍କୁ ନିୟୋଜିତ କରାଯାଇଥିଲା। ମଙ୍ଗଳବାର ପ୍ରଧାନମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମ ଥିବା ସତ୍ତ୍ୱେ ଏଠାରେ ଆବଶ୍ୟକ ସଂଖ୍ୟକ ପୋଲିସ ମୁତୟନ କରାଯାଇଥିଲା ବୋଲି ଲିଙ୍ଗରାଜ ଥାନା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ପ୍ରଧାନ କହିଛନ୍ତି। ସେ କହିଛନ୍ତି, ମଙ୍ଗଳବାର ମଧ୍ୟରାତ୍ରି ଠାରୁ ୩ଟି ସିଫଟରେ ଜଣେ ଏସିପିଙ୍କ ନେତୃତ୍ୱରେ ୪ ପ୍ଲାଟୁନ ଫୋର୍ସ, ଜଣେ ଇନସପେକ୍ଟର, ୨ ଏସଆଇ, ୯ ଏଏସଆଇ, ୫୦ ହୋମଗାର୍ଡ ଏବଂ ୫୦ ଜଣ ମହିଳା କନଷ୍ଟେବଲ ସୁରକ୍ଷା କାର୍ଯ୍ୟରେ ସହଯୋଗ କରିଥିଲେ। ଭିଡ ଆଶଙ୍କା କରି କୌଣସି ଯାନବାହାନ ବିନ୍ଦୁସାଗର ରୋଡକୁ ଛଡା ଯାଇନଥିଲା। କାଟେରା ପିଣ୍ଡି, ସାନିଟୋରିଅମ ଛକ ଓ ଲିଙ୍ଗରାଜ ମାର୍କେଟ କମ୍ପ୍ଲେକ୍ସରେ ଶ୍ରଦ୍ଧାଳୁ ଯାନ ବାହାନ ପାର୍କିଂ କରିଥିବା ପୋଲିସ ପ୍ରଶାସନ ତରଫରୁ କୁହାଯାଇଛି।



## ଏଥର ଦଶମ ଶ୍ରେଣୀ ଷାଣ୍ମାସିକ ପ୍ରଶ୍ନପତ୍ର ଛପାଇବନି ବୋର୍ଡ

**କଟକ, ୧୭/୦୯ ନ୍ୟୁଜ ବ୍ୟୁରୋ**

**ପ୍ରଧାନ ଶିକ୍ଷକମାନେ ନିଜ ବନ୍ଦୋବସ୍ତରେ କରିବେ ପରୀକ୍ଷା**



ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ଆୟୋଜିତ ହେଉଥିବା ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ଷାଣ୍ମାସିକ ବା ଅର୍ଦ୍ଧବାର୍ଷିକୀ ପରୀକ୍ଷା ଏଥର ବୋର୍ଡ ଆୟୋଜନ କରିବ ନାହିଁ। ହାଇସ୍କୁଲ୍ ସାର୍ଟିଫିକେଟ୍ ପରୀକ୍ଷା ତଥା ମାଟ୍ରିକ୍ ପରୀକ୍ଷା ଦେବା ପାଇଁ ପ୍ରସ୍ତୁତ ହେଉଥିବା ଦଶମ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କର ଏହି ଷାଣ୍ମାସିକ ପରୀକ୍ଷା ବିଦ୍ୟାଳୟ ସ୍ତରରେ ପ୍ରଧାନ ଶିକ୍ଷକମାନେ ହିଁ ଆୟୋଜନ କରାଇବେ ବୋଲି ବୋର୍ଡ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ମିଳିଛି। ସେପ୍ଟେମ୍ବର ପ୍ରଥମ ସପ୍ତାହ ସୁଦ୍ଧା ଷାଣ୍ମାସିକ ପରୀକ୍ଷା ଆୟୋଜନ କରାଇବା ଲାଗି ବୋର୍ଡ ପକ୍ଷରୁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ରହିଥିଲେ ହେଁ ତାହା କେବଳ କାଗଜପତ୍ରରେ ସୀମିତ ରହିଛି। ସେପ୍ଟେମ୍ବର ଦ୍ୱିତୀୟ ସପ୍ତାହ ଶେଷ ହୋଇଥିଲେ ମଧ୍ୟ ଅଦ୍ୟାବଧି ରାଜ୍ୟରେ କୌଣସି ବିଦ୍ୟାଳୟ ସ୍ତରରେ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ଷାଣ୍ମାସିକ ପରୀକ୍ଷା ଆୟୋଜନ ହୋଇପାରିନାହିଁ। ଯାହାକୁ ନେଇ ଶିକ୍ଷାବିତ୍‌ମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। କୋଭିଡ୍ ପରଠାରୁ ମାଟ୍ରିକ୍ ପରୀକ୍ଷାର୍ଥୀ ତଥା ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଠ୍ୟ ଖସଡ଼ା (ସିଲାବସ୍) ଏବଂ ପରୀକ୍ଷା ବ୍ୟବସ୍ଥାରେ ବୋର୍ଡ ପକ୍ଷରୁ ଅନେକ ପରିବର୍ତ୍ତନ ହୋଇଥିଲା। ତେବେ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ଲାଗି ପ୍ରସ୍ତୁତ ସିଲାବସ୍‌କୁ ଟର୍ମ-୧ ଓ ଟର୍ମ-୨ରେ ବିଭକ୍ତ କରାଯାଇଛି। ଟର୍ମ-୧ରେ ବହିର ଅଧା ବିଷୟ ପାଠ ପଢ଼ିବା ମଧ୍ୟରେ ବିଦ୍ୟାଳୟ ସ୍ତରରେ ଛାତ୍ରଛାତ୍ରୀମାନେ ଇଣ୍ଟରନାଲ ଆସେସମେଣ୍ଟ-୧ ଓ ଇଣ୍ଟରନାଲ୍ ଆସେସମେଣ୍ଟ-୨ ପରୀକ୍ଷା ଦେବେ। ତେବେ ଏହି ଇଣ୍ଟରନାଲ୍ ଆସେସମେଣ୍ଟ-୧ ଜୁଲାଇ ଦ୍ୱିତୀୟ ସପ୍ତାହ ସୁଦ୍ଧା ସାରିବା ପାଇଁ ବୋର୍ଡ ପକ୍ଷରୁ ସମୟ ଧାର୍ଯ୍ୟ କରାଯାଇଥିବା ବେଳେ ଇଣ୍ଟରନାଲ୍ ଆସେସମେଣ୍ଟ-୨ ପରୀକ୍ଷା ଅଗଷ୍ଟ ଶେଷ ସୁଦ୍ଧା ସାରିବା ପାଇଁ ନିର୍ଦ୍ଦେଶ ରହିଛି। ସେହିପରି ସେପ୍ଟେମ୍ବର ପ୍ରଥମ ସପ୍ତାହ ସୁଦ୍ଧା ଷାଣ୍ମାସିକ ପରୀକ୍ଷା ଶେଷ କରିବା ପାଇଁ ବୋର୍ଡ ପକ୍ଷରୁ ସମୟ ଧାର୍ଯ୍ୟ କରାଯାଇଛି। ତେବେ ମାଟ୍ରିକ୍ ପରୀକ୍ଷା ପୂର୍ବରୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଠପଢ଼ା ଓ ପରୀକ୍ଷା ଆୟୋଜନକୁ ନେଇ ଏକ ମାର୍ଗଦର୍ଶିକା ହାଇସ୍କୁଲ୍ ପ୍ରଧାନ ଶିକ୍ଷକମାନଙ୍କୁ ପ୍ରଦାନ କରାଯାଇଛି। ପ୍ରାୟ ୪ ବର୍ଷ ହେବ ବୋର୍ଡ ପକ୍ଷରୁ ଦଶମ ଅର୍ଦ୍ଧ ବାର୍ଷିକୀ ପରୀକ୍ଷା ଲାଗି ବୋର୍ଡ ପକ୍ଷରୁ ପ୍ରଶ୍ନପତ୍ର ପ୍ରସ୍ତୁତ କରାଯାଇ ଜିଲ୍ଲା ସ୍ତରକୁ ପଠାଯାଉଥିଲା। ଉକ୍ତ ପ୍ରଶ୍ନପତ୍ର ପ୍ରଧାନ ଶିକ୍ଷକମାନେ ଗ୍ରହଣ କରି ନିଜ ଉଦ୍ୟମରେ ପରୀକ୍ଷା କରାଉଥିଲେ। ସେହିପରି ମୂଲ୍ୟାୟନ ମଧ୍ୟ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦ୍ୱାରା କରାଯାଉଥିଲା। ତେବେ ଉକ୍ତ ପରୀକ୍ଷାର ନମ୍ବରକୁ ମାଟ୍ରିକ୍ ମୂଲ୍ୟାୟନରେ ଅନ୍ତର୍ଭୁକ୍ତ କରାଯାଉନଥିବାରୁ ବୋର୍ଡ ପ୍ରଶ୍ନପତ୍ର ପ୍ରସ୍ତୁତିରୁ ଏବେ ଦୂରେଇ ରହିଛି। ଅନ୍ୟପକ୍ଷରେ ଉକ୍ତ ପରୀକ୍ଷାକୁ ନେଇ ଗତବର୍ଷ ବିଦ୍ୟାଳୟ ସ୍ତରରେ ପ୍ରଶ୍ନପତ୍ରରେ ବିଭ୍ରାଟ ହେବାରୁ ବୋର୍ଡ ପୂର୍ବ ନିଷ୍ପତ୍ତିରେ ପରିବର୍ତ୍ତନ କରିଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନେ ହିଁ ଉକ୍ତ ପରୀକ୍ଷା ଆୟୋଜନ କରାଇବା ଲାଗି ବ୍ୟବସ୍ଥା ରହିଥିଲେ ବି ତାହା ଧାର୍ଯ୍ୟ ସମୟ ମଧ୍ୟରେ ହୋଇପାରିନଥିବା ସୂଚନା ମିଳିଛି। ଉକ୍ତ ପରୀକ୍ଷା ପାଇଁ ବିଦ୍ୟାଳୟ ସ୍ତରରେ କର୍ତ୍ତୃପକ୍ଷ ପ୍ରସ୍ତୁତ ହୋଇନଥିବାରୁ ସେପ୍ଟେମ୍ବର ଶେଷ ସୁଦ୍ଧା ମଧ୍ୟ ଉକ୍ତ ପରୀକ୍ଷା ହେବା ସମ୍ଭବ ନୁହେଁ ବୋଲି ସୂଚନା ମିଳିଛି। ସେହିପରି କଟକ ସମେତ କେତେକ ଜିଲ୍ଲାର ବିଦ୍ୟାଳୟରେ ଇଣ୍ଟରନାଲ୍ ଆସେସମେଣ୍ଟ ପରୀକ୍ଷା ଅଗଷ୍ଟ ଦ୍ୱିତୀୟ ସପ୍ତାହ ସୁଦ୍ଧା ସରି ପାରିନଥିବା ସୂଚନା ମିଳିଛି।

# ପୃଥିବୀକୁ ଅତି ନିକଟରେ ଅତିକ୍ରମ କଲା ଗ୍ରହାଣୁ ୨୦୨୪ଆରଏନ-୧୬

**ନୂଆଦିଲ୍ଲୀ ୧୭।୯**

ପୃଥିବୀ ଏକ ବଡ଼ ବିପଦରୁ ବର୍ତ୍ତି ଯାଇଛି। ଗ୍ରହାଣୁ (ଆଷ୍ଟ୍ରଏଡ) ୨୦୨୪ଆରଏନ-୧୬ ମଧ୍ୟାହ୍ନ ୨ଟା ୧୫ ମିନିଟରେ ପୃଥିବୀକୁ ମାତ୍ର ୧୬ ଲକ୍ଷ କିଲୋମିଟର ଦୂରରେ ଅତିକ୍ରମ କରିଛି। ଏହି ସମୟରେ ୧୧୦ ଫୁଟ ଚୌଡାର ଗ୍ରହାଣୁ ଘଣ୍ଟାପ୍ରତି ପାଖାପାଖି ୧,୦୪,୭୬୧ କିଲୋମିଟର ବେଗରେ ଗତି କରୁଥିଲା। ଏହା ସେହି ଆପୋଲୋ ସମୂହର ଗ୍ରହାଣୁ ଯାହା ପୃଥିବୀ ନିମନ୍ତେ ବିପଦର କାରଣ ହୋଇପାରେ। ଏହି ଗ୍ରହାଣୁ ପୃଥିବୀ ଓ ସୂର୍ଯ୍ୟ ମଧ୍ୟ ଦେଇ ଯାଏ। ଏଣୁ କେବେ କେବେ ଏହା ପୃଥିବୀର ଅତି ନିକଟକୁ ମଧ୍ୟ ଆସିଯାଇଥାଏ। ଏହି ଗ୍ରହାଣୁ ସମୂହକୁ ୧୮୬୨ରେ ଆପୋଲୋ ଖୋଜିଥିଲେ। ଏଥି ପାଇଁ ଏହାର ନାମ ଆପୋଲୋ ଆଷ୍ଟ୍ରଏଡ ରଖାଯାଇଛି। ଏହି ଗ୍ରହାଣୁ ଗୁଡିକର ଖାସ କଥା ହେଉଛି ଏ ଗୁଡିକ ପୃଥିବୀ ବାଟେ ହିଁ ଅତିକ୍ରମ କରିଥାନ୍ତି। ୧୧୦ ଫୁଟର ଏହି ଗ୍ରହାଣୁ ଯଦି ପୃଥିବୀର ମାଧ୍ୟାକର୍ଷଣ ବଳ ଦ୍ୱାରା ଭିଡି ହୋଇ ଆସିଥାନ୍ତା ତେବେ ବଡ଼ଧରଣ ବିପର୍ଯ୍ୟୟ ରଚିଥାନ୍ତା। ଆମେରିକୀୟ ଅନ୍ତରୀକ୍ଷ ଗବେଷଣା ସଂସ୍ଥା 'ନାସା' କହିଛନ୍ତି ଯେ ଯଦି ୨୦୨୪ ଆରଏନ-୧୬ ପୃଥିବୀର ବାୟୁମଣ୍ଡଳକୁ ପ୍ରବେଶ କରିଥାନ୍ତା ତେବେ ଆକାଶରେ ୨୯ କିଲୋମିଟର ଉପରେ ବିସ୍ଫୋରଣ ହୋଇଥାନ୍ତା। ଏଥିରୁ ଏତେ ଶକ୍ତି ବାହାରିଥାନ୍ତା ଯାହା ୧୬ ମେଗାଟନ ଟିଏନଟି ସହ ସମାନ। ଏହା ଦ୍ୱାରା ଭୟାନକ ସକ୍ ୱେଭ ସୃଷ୍ଟି ହୋଇଥାନ୍ତା ଓ ପୃଥିବୀ ପୃଷ୍ଠରେ ପ୍ରଳୟ ରଚିଥାନ୍ତା। ଏଭଳି ଘଟଣା ପ୍ରାୟ ୯୯୯ ବର୍ଷରେ ଥରେ ହୋଇଥାଏ। ତେବେ ଏହା ପୃଥିବୀକୁ ଅତି ପାଖରୁ ଅତିକ୍ରମ କରିଯାଇଛି। ନାସାଙ୍କ ସେଣ୍ଟର ଫର ନିୟର ଆର୍ଥ ଅବଜେକ୍ଟସ ଷ୍ଟଡି (ସିଏନଇଓଏସ୍) ଲଗାତାର ଏହି ଗ୍ରହାଣୁ ଉପରେ ନଜର ରଖିଥିଲେ। ଏହା ଛଡା ମାଇନର ପ୍ଲାନେଟ ସେଣ୍ଟର ମଧ୍ୟ ଏହାର ଅନୁଧ୍ୟାନ କରୁଥିଲା। ଗୋଲ୍ଡଷ୍ଟୋନ ସୋଲାର ସିଷ୍ଟମ ରାଡାରର ମଧ୍ୟ ଏହା ଉପରେ ନଜର ଥିଲା। ଯାହା ଦ୍ୱାରା ଗ୍ରହଣୁର ରାସ୍ତା ଓ ଗତି ସମ୍ପର୍କରେ ସୂଚନା ସଂଗ୍ରହ କରାଯାଇଥିଲା। ତେବେ ପୃଥିବୀ ପ୍ରତି ଗ୍ରହାଣୁ ବିପଦର କାରଣ ହୋଇ ନାହିଁ ଓ ତା' କକ୍ଷପଥରେ ପୃଥିବୀଠୁ ଦୂରେଇ ଯାଇଛି।



## ସାମନାକୁ ପୁଣି ଆସିଲା ତାଲିବାନର ବର୍ବରତା

# ଆରମ୍ଭ ହେବା ପୂର୍ବରୁ ପୋଲିଓ ଟିକାକରଣ ଉପରେ ଲଗାଇଲା ରୋକ୍





**ଦୁବାଇ, ୧୬/୯**

ଆଫଗାନିସ୍ତାନର ତାଲିବାନ ଶାସନର ବର୍ବରତା ଆଚରଣ ପୁଣି ଥରେ ଦେଖିବାକୁ ମିଳିଛି। ତାଲିବାନ ଆଫଗାନିସ୍ତାନରେ ଚଳିତ ମାସରେ ଆରମ୍ଭ ହେବାକୁ ଥିବା ପୋଲିଓ ଟିକାକରଣ ଅଭିଯାନକୁ ସ୍ଥଗିତ କରି ଦେଇଛି। ଜାତିସଂଘ ଏହି ସୂଚନା ଦେଇଛି। ଆଫଗାନିସ୍ତାନ ସେହି ଦୁଇ ଦେଶ ମଧ୍ୟରେ ଗୋଟିଏ, ଯେଉଁଠି ପିଲାଙ୍କ ଠାରେ ଘାତକ ପକ୍ଷାଘାତ ରୋଗର ପ୍ରସାରକୁ ରୋକା ଯାଇ ପାରି ନାହିଁ। ଆଫଗାନିସ୍ତାନ ପରେ ଏମିତି ଦ୍ୱିତୀୟ ଦେଶ ପାକିସ୍ତାନ, ଯେଉଁଠି ଅନେକ ସମୟରେ ପୋଲିଓ ଡ୍ରପ୍ ଦେଉଥିବା ସ୍ୱାସ୍ଥ୍ୟ କର୍ମୀ ଟିମ୍ ଉପରେ ହମଲା ଜାରି ରହିଛି। ଆଫଗାନିସ୍ତାନରେ ସେପ୍ଟେମ୍ବରରେ ଟିକାକରଣ ଅଭିଯାନ ଆରମ୍ଭ ହେବାର ଥିଲା, କିନ୍ତୁ ଅଭିଯାନ ଆରମ୍ଭ ହେବାର ଠିକ୍ ପୂର୍ବରୁ ତାଲିବାନ ଶାସନ ଏହାକୁ ରୋକିବାର ସୂଚନା ଜାତିସଂଘ ଏଜେନ୍ସିକୁ ଦେଇଛି। ହେଲେ ତାଲିବାନ ଶାସନ ପୋଲିଓ ଅଭିଯାନକୁ ରୋକିବାର କୌଣସି କାରଣ କହି ନାହିଁ। କେବଳ ଏତିକି ନୁହେଁ, ତାଲିବାନ-ନିୟନ୍ତ୍ରିତ ସରକାରରୁ କେହି ବି ଏହା ଉପରେ କୌଣସି ଟିପ୍ପଣୀ ମଧ୍ୟ କରି ନାହାନ୍ତି। ଏହି ମଧ୍ୟରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚଓ)ର ଜଣେ ଉଚ୍ଚ ଅଧିକାରୀ କହିଛନ୍ତି ଯେ, ତାଙ୍କୁ ଘରକୁ ଘର ଯାଇ ଟିକାକରଣ କରିବା ପରିବର୍ତ୍ତେ ମସଜିଦ୍ ଭଳି ସ୍ଥାନରେ ଟିକାକରଣ କରାଇବାକୁ ପ୍ରସ୍ତାବର ଆଲୋଚନାର ସୂଚନା ରହିଛି। ଡବ୍ଲ୍ୟୁଏଚଓ ଚଳିତ ବର୍ଷ ଆଫଗାନିସ୍ତାନରେ ପୋଲିଓର ୧୮ଟି ମାମଲା ସ୍ପଷ୍ଟ କରିଛନ୍ତି, ଯେଉଁଥିରେ ଦୁଇଟି ଦେଶକୁ ଛାଡ଼ି ଅନ୍ୟ ସବୁ ଦେଶର ଦକ୍ଷିଣ ଭାଗରେ ରହିଛି। ଏହା ପୂର୍ବରୁ ୨୦୨୩ରେ ପୋଲିଓର ୬ଟି ମାମଲା ସାମନାକୁ ଆସିଥିଲା। ଅର୍ଥାତ୍ ବର୍ଷକରେ ହିଁ ମାମଲା ତିନି ଗୁଣା ହୋଇ ଯାଇଛି।



## ବେପରୁଆ ଗାଡ଼ିଚାଳନାକୁ ନେଇ ୫ ଗିରଫ, ୨ କାର୍ ଜବତ

**ଭୁବନେଶ୍ୱର, ୧୬/୯ ନ୍ୟୁଜ ବ୍ୟୁରୋ**

ରାଜଧାନୀରେ ବେପରୁଆ ଗାଡ଼ିଚାଳନା ଘଟଣାରେ କମିଶନରେଟ ପୁଲିସ ୫ ଜଣଙ୍କୁ ଗିରଫ କରିଥିବା ବେଳେ ୨ଟି ଗାଡ଼ି ଜବତ କରିଛି। ଭୁବନେଶ୍ୱରର ଜନପଥରେ ଟ୍ରାଫିକ ନିୟମକୁ ଉଲ୍ଲଂଘନ କରି ବେପରୁଆ ଭାବେ ଗାଡି ଚାଳନା କରିଥିଲେ ଏହି ଅଭିଯୁକ୍ତମାନେ। ସେମାନଙ୍କର ଆଉ କିଛି ସାଥୀ ମଧ୍ୟ ଅଛନ୍ତି। ଅଭିଯୁକ୍ତମାନେ ମୋଟ ୪ଟି କାର୍‌ରେ ରାସ୍ତାରେ ଯାଉଥିବା ବେଳେ ବେପରୁଆ ଡ୍ରାଇଭିଂ କରି ଆତଙ୍କ ଖେଳାଇଥିଲେ। ଦୁଇଟି କାର୍‌ରେ ଦୁଇ ଜଣ ସନ୍ ରୁଫ୍ ଦେଇ ବାହାରକୁ ବାହାରିଥିଲେ ଓ ଜୋରରେ ଚିତ୍କାର କରୁଥିଲେ। ସେଥିରୁ ଗୋଟିଏ କାର୍‌ର ଝରକା ଦେଇ ଜଣେ ବାହାରକୁ ବସିଥିଲେ ଓ ପାଟି କରୁଥିଲେ। ଆଉ ଗୋଟିଏ କାର୍ ଅତି ବିପଜ୍ଜନକ ଭାବେ ରାସ୍ତାରେ ଯାଉଥିଲା। ତାହା କିଛି କ୍ଷଣ ପାଇଁ ଫୁଟ୍‌ପାଥ୍ ଉପରକୁ ଚାଲିଯାଇଥିଲା। ଏହା ଅନ୍ୟମାନଙ୍କ ପାଇଁ ବିପଦର କାରଣ ହୋଇଥା'ନ୍ତା। ସେତେବେଳେ ରାସ୍ତାରେ ଯାଉଥିବା ଲୋକଙ୍କ ମଧ୍ୟରୁ କେହି ନିଜ ମୋବାଇଲ ଫୋନ୍‌ରେ ଉକ୍ତ ଦୃଶ୍ୟକୁ ରେକର୍ଡ କରି ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ଏହି ଭିଡିଓଟି ସତ୍ୟନଗର ବିଏମସି ଅଫିସ ସମ୍ମୁଖରୁ ରୂପାଲି ଛକ ମଧ୍ୟରେ ରେକର୍ଡ କରାଯାଇଥିଲା। ଭିଡିଓଟି ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏହା ସହିତ ଏହି ଘଟଣା ନେଇ କମିଶନରେଟ ପୁଲିସର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ତା'ପରେ ତତ୍ପର ହୋଇଥିଲା କମିଶନରେଟ ପୁଲିସ। ଘଟଣାର ଖୋଳତାଡ଼ କରି ପୁଲିସ୍ ୫ ଜଣଙ୍କୁ ଗିରଫ କରିଥିବା ବେଳେ ୨ଟି ଗାଡ଼ି ଜବତ କରିଛି।